

যা দেবী সর্বভূতেষু............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୧୨ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 JUNE 2022
Vol.No. 35 ■ No. 153 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ଉତ୍ତରପ୍ରଦେଶ ସରକାରଙ୍କ କଡ଼ା ନିଷ୍ପତ୍ତି

# ପ୍ରଦର୍ଶନକାରୀଙ୍କ ଉପରେ ଲାଗିବ ଗ୍ୟାଙ୍ଗଷ୍ଟର ଆଇନ୍



ନୂଆଦିଲ୍ଲୀ, ୧୧/୦୬ : ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିଜେପି ନେତ୍ରୀ ନୂପୁର ଶର୍ମାଙ୍କ ବିବାଦୀୟ ଟିପ୍ପଣୀ ପରେ ଶୁକ୍ରବାର ନମାଜ ପଢ଼ାକୁ ନେଇ ଉତ୍ତରପ୍ରଦେଶରେ ହିଂସା ଉଗ୍ର ରୂପ ନେଇଛି । ପ୍ରୟାଗରାଜ, ସହାରନପୁର, ମୁରାଦାବାଦ ଆଦି ଇଲାକାରେ ଟେକାପଥର ମାଡ ଓ ଅଗ୍ନିକାଣ୍ଡ ଘଟାଇଛନ୍ତି ପ୍ରଦର୍ଶନକାରୀ । ହେଲେ ଏମାନଙ୍କୁ ଜବତ କରିବାକୁ ରାଜ୍ୟ ସରକାର ନେଇଛନ୍ତି କଡ଼ା ନିଷ୍ପତ୍ତି । ପ୍ରତିବାଦ ନାଁରେ ସରକାରୀ ସମ୍ପତ୍ତିକୁ ନଷ୍ଟ କରୁଥିବା ଏଭଳି ପ୍ରଦର୍ଶନକାରୀଙ୍କ ବିରୋଧରେ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛନ୍ତି । ଯେଉଁମାନେ ପ୍ରଦର୍ଶନ କରିବେ ସେମାନଙ୍କ ବିରୋଧରେ ଗ୍ୟାଙ୍ଗଷ୍ଟର ଆଇନ୍ ଲାଗୁ ହେବ । ଏଡିଜି ପ୍ରଶାନ୍ତ କୁମାର ଏହି ସୂଚନା ଦେଇଛନ୍ତି । ଏଡିଜିଙ୍କ କହିବା ମୁତାବକ, ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଶହେରୁ ଅଧିକ ପ୍ରଦର୍ଶନକାରୀଙ୍କୁ ଗିରଫ କରାଯାଇଛି । ଭଙ୍ଗାରୁଜା କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି । ଯେଉଁ ସରକାରୀ ଓ ଘରୋଇ ସମ୍ପତ୍ତି କ୍ଷତି ହୋଇଛି ତାହା ପ୍ରଦର୍ଶନକାରୀଙ୍କ ଠାରୁ ଆଦାୟ କରାଯିବ । କ୍ଷତି ଭରଣା କରିବାକୁ ସେମାନଙ୍କୁ ସମ୍ପତ୍ତିକୁ ଜବତ କରାଯିବ । ଏହାସହ ଅଭିଯୁକ୍ତଙ୍କ ମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ସୂଚନା ମୁତାବକ, ଶୁକ୍ରବାର ଉତ୍ତରପ୍ରଦେଶର ପ୍ରୟାଗରାଜ ସମେତ ଏକାଧିକ ସ୍ଥାନରେ ନୂପୁର ଶର୍ମାଙ୍କ ବୟାନ ବିରୋଧରେ ପ୍ରଦର୍ଶନ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଲୋକେ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇଥିଲେ । ପୋଲିସ ଉପରକୁ ପଥରମାଡ଼ କରିଥିଲେ ଏବଂ ବିଭିନ୍ନ ସ୍ଥାନରେ ନିଆଁ ମଧ୍ୟ ଲଗାଇଥିଲେ । ଫଳରେ ଲକ୍ଷାଧିକ ଟଙ୍କାର ସରକାରୀ ଓ ଘରୋଇ ସମ୍ପତ୍ତି ନଷ୍ଟ ହୋଇଛି । ହିଂସା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ଜରୁରୀକାଳୀନ ବୈଠକ ଡାକି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପ୍ରଦର୍ଶନକାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

## ବାରବାଟୀରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ



ଭୁବନେଶ୍ୱର, ୧୧/୦୬ (ନି.ପ୍ର): କାଲି ବାରବାଟୀ ଲଢ଼େଇ । ଆଜି ଏ ନେଇ ଷ୍ଟାଡିୟମରେ ଜୋରଦାର ପ୍ରସ୍ତୁତି କରିଛନ୍ତି ଭାରତ ଓ ଦକ୍ଷିଣ ଆଫ୍ରିକା ଖେଳାଳି । ଖେଳାଳିମାନେ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ନେଟ୍ ପ୍ରାକ୍ଟିସ୍ କରିଛନ୍ତି । କଡ଼ା ସୁରକ୍ଷା ଭିତରେ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱରରୁ ବାରବାଟୀ ଯାଇ ଅଭ୍ୟାସ କରିଛନ୍ତି ଦୁଇ ଦେଶର ଖେଳାଳି । ପ୍ରଥମେ ଦକ୍ଷିଣ ଆଫ୍ରିକାର ଖେଳାଳି ଅପରାହ୍ଣ ଗୋଟାଏରୁ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିଥିଲେ । ପାଖାପାଖି ୨ ଘଣ୍ଟା ଧରି ଅଭ୍ୟାସ କରିଥିଲା ଦକ୍ଷିଣ ଆଫ୍ରିକା ଟିମ୍ । ଏହାପରେ ଅପରାହ୍ଣ ୫ଟାରେ ଅଭ୍ୟାସ ପାଇଁ ଟିମ୍ ଇଣ୍ଡିଆ ଷ୍ଟାଡିୟମକୁ ଓହ୍ଲାଇଥିଲା, ଆଉ ଜୋରଦାର ଅଭ୍ୟାସ କରିଥିଲେ ଭାରତୀୟ ଖେଳାଳି । ଟି-୨୦ ସିରିଜର ପ୍ରଥମ ମ୍ୟାଚ ଜିତିଥିବାରୁ ଦକ୍ଷିଣ ଆଫ୍ରିକା ଟିମର ମନୋବଳ ଦୃଢ଼ ରହିଛି । ଦ୍ୱିତୀୟ ମ୍ୟାଚରେ କିପରି ଟିମ୍ ଇଣ୍ଡିଆକୁ ମାତ୍ ଦେବେ, ଏ ନେଇ ରଣନୀତି ପ୍ରସ୍ତୁତ କରିଛି ଦଳ । ବାରବାଟୀ 'ପିଚ୍'କୁ ପରଖିବା ସହ ଜୋରଦାର ଅଭ୍ୟାସ କରି ଝାଳ ବୁହାଇଛନ୍ତି ଖେଳାଳି । ଆସନ୍ତାକାଲି ମ୍ୟାଚ୍ରେ ଟସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି କହିଛି ଦକ୍ଷିଣ ଆଫ୍ରିକା । ସେପଟେ ଭାରତୀୟ ଦଳ ମଧ୍ୟ ରଣନୀତି ପ୍ରସ୍ତୁତ କରିନେଇଛି । ପ୍ରଥମ ମ୍ୟାଚ ହାରିଥିବାରୁ ଏହି ମ୍ୟାଚ ଜିତିବାକୁ ସବୁ ପ୍ରକାର ଉଦ୍ୟମ କରିବ ଦଳ । ଭାରତୀୟ ଦଳ ଫ୍ଲଡ ଲାଇଟରେ ଅଭ୍ୟାସ କରିବାକୁ ସୁଯୋଗ ପାଇଛି । ଅଭ୍ୟାସ ସହ 'ପିଚ୍'ର ସ୍ଥିତି, ଆଉଟ୍ ଫିଲ୍ଡକୁ ଭଲ ଭାବେ ପରଖିଛନ୍ତି ଟିମ୍ ଇଣ୍ଡିଆ ଖେଳାଳି । କାଲି ବାରବାଟୀ ଟି-୨୦କୁ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମ୍ୟାଚକୁ ନେଇ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ▶▶ପୃଷ୍ଠା ୭

## ଲୋନ ଆପ୍ ମାଧ୍ୟମରେ ଠକିବା ଅଭିଯୋଗରେ ୨ ଗିରଫ

ଭୁବନେଶ୍ୱର, ୧୧/୦୬ (ନି.ପ୍ର): ବେଆଇନ ଲୋନ ଆପ୍ ମାଧ୍ୟମରେ ଲୋକଙ୍କୁ ଠକିବା ମାମଲାରେ ଆଉ ୨ ଜଣ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଟଛି କ୍ରାଇମ୍‌ବ୍ରାଂଚର ଇଓଡବ୍ଲୁ । ଗିରଫ ହୋଇଥିବା ଲୋନ୍ ଆପ୍ କମ୍ପାନୀର ୨ ଜଣ ନିର୍ଦ୍ଦେଶକ ହେଲେ ରକ୍ସିତ ଓ ସୁଶାନ୍ତ । ସେମାନେ କର୍ଣ୍ଣାଟକର ଉଡୁପି ଅଂଚଳର ହୋଇଥିବା ସୂଚନା । ଅଭିଯୁକ୍ତମାନେ ମୁଡମେଟ୍ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ, ୟେଲୋ ଟ୍ୟୁନ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ ଓ ପିଙ୍କଲିଫ୍ ଆୟନ କମ୍ୟୁନିକେଶନସ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ । ଏମାନେ ବେଆଇନ୍ ଲୋନ୍ ଆପ୍ସ କୋକୋ, ଜୋଲୋ ଓ ଅନ୍ୟ ଆପ୍ସ ମାଧ୍ୟମରେ ଲୋକଙ୍କୁ ଲୋନ୍ ଦେବା ବାହାନାରେ ବିଭିନ୍ନ ଉପାୟରେ ଠକୁଥିଲେ । ଏଥି ପାଇଁ ସେମାନେ ଅନ୍ୟ କମ୍ପାନୀର ସହିତ ମଧ୍ୟ ଯୋଗାଯୋଗ ରଖିଥିଲେ । ଏଥି ପାଇଁ ସେମାନେ ବେଙ୍ଗାଲୁରୁ ଠାରେ ଏକ କଲ୍ ସେଂଟର ପ୍ରତିଷ୍ଠା କରିଥିଲେ । ଏହି ମାମଲାରେ ପୂର୍ବରୁ ଆଇଓବୁଟି ଇଣ୍ଡିଆ ସଂସ୍ଥାର ପ୍ରୋପାଇଟର ଏମ୍.ଡି ଜାଭେଦ ସରିଫ ଓ ଡିଜିଟାଲ ବାଟୁଆ ସଂସ୍ଥାର ପ୍ରୋପାଇଟର ତରୁଣ କୁମାର ଦୁଜେଡ଼ା ଗିରଫ ହୋଇଥିଲେ ।

## ସରିଲା ରାଜ୍ୟସଭା ନିର୍ବାଚନ : ମହାରାଷ୍ଟ୍ର, ହରିଆଣାରେ ବିଜେପି ମାରିଲା ବାଜି



ନୂଆଦିଲ୍ଲୀ, ୧୧/୦୬ : ରାଜ୍ୟସଭାର ୫୭ଟି ଆସନ ପାଇଁ ଭିନ୍ନ ଭିନ୍ନ ରାଜନୈତିକ ଦଳର ଦକ୍ଷ ନେତା ଚର୍ଚ୍ଚାରେ ରହିଛନ୍ତି । ୧୦ ଜୁନ୍ରେ ନିର୍ବାଚନ ହୋଇଥିବାବେଳେ ଏହା ପୂର୍ବରୁ ଅଧିକାଂଶ ଆସନ ପାଇଁ ପ୍ରାର୍ଥୀଙ୍କୁ ସାଂସଦଭାବେ ବଛା ସରିଛି । ପୂର୍ବରୁ ବିନା କୌଣସି ବିରୋଧରେ ୪୧ଟି ଆସନ ପାଇଁ ସାଂସଦଙ୍କ ନାମ ଘୋଷଣା ହୋଇସାରିଛି । ଏହି ଆସନ ପାଇଁ କୌଣସି ବିବାଦ ନଥିଲା । ଆଉ ପ୍ରାର୍ଥୀଙ୍କ ଚୟନ ଏକ ପ୍ରକାର ଧାର୍ଯ୍ୟ ରହିଥିଲା । ଫଳରେ ୧୦ ଜୁନ ନିର୍ବାଚନ ପୂର୍ବରୁ ଏହି ଆସନ ପାଇଁ ସାଂସଦଙ୍କ ନାମ ଘୋଷଣା କରାଯାଇଛି । ଆରଜେଡିର ମିସା ଭାରତୀ, କଂଗ୍ରେସର ରାଜୀବ ଶୁକ୍ଳା ଓ ପି. ଚିଦାମ୍ବରମ୍, ବିଜେପିର କବିତା ପାଟିଦାର ଓ ସୁମିତ୍ରା ବାଲ୍ମିକୀ, ଆରଏଲଡିର ଜୟନ୍ତ ଚୌଧୁରୀ, ସମାଜବାଦୀ ପାର୍ଟିର କପିଲ ଶିବଲ । ଏମାନେ ସେହି ଚର୍ଚ୍ଚିତ ଚେହେରା ଯାହାଙ୍କ ନାମ ରାଜ୍ୟସଭା ସାଂସଦ ଭାବେ ଘୋଷଣା କରାଯାଇଛି । ସେପଟେ ରାଜ୍ୟସଭା ପାଇଁ ନିର୍ବିରୋଧ ଭାବେ ନିର୍ବାଚିତ ହୋଇଥିବା ୪୧ଟି ସାଂସଦଙ୍କ ତାଲିକା ଯଦି ରାଜ୍ୟ ଅନୁସାରେ ଦେଖିବା ତାହାଲେ, ଏମାନଙ୍କ ▶▶ପୃଷ୍ଠା ୭

## ବଢ଼ିଲା ସଂକ୍ରମଣ, ଡେଇଁଲା ୮ ହଜାର

ନୂଆଦିଲ୍ଲୀ, ୧୧/୦୬ : କ୍ରମାଗତ ଦୁଇ ଦିନ ଧରି ୭ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ଆଜି ଏହା ୮ ହଜାର ପାର କରିଛି । ଗୋଟିଏ ଦିନରେ ୮,୩୨୯ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି । କ୍ରମାଗତ ଭାବେ ଦେଶରେ କରୋନା ସଂକ୍ରମଣ ବଢୁଥିବାରୁ ସମସ୍ତ ମନରେ ଛନକା ପଶିଛି । ଦୀର୍ଘ ୩ ମାସ ପରେ ଦେଶରେ ୮ ହଜାରରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବୁଲେଟିନ ଅନୁଯାୟୀ, ୨୪ ଘଣ୍ଟାରେ କରୋନା ଆଉ ୧୦ ଜଣଙ୍କ ଜୀବନ ନେଇଛି । ଏହାକୁ ମିଶାଇ ▶▶ପୃଷ୍ଠା ୭

## ବ୍ରିଜ ତଳକୁ ଖସି ବ୍ଲାଷ୍ଟ ହେଲା ତେଲ ବୋଝେଇ ଟ୍ୟାଙ୍କର : ୪ ଜୀବନ୍ତ ଦଗ୍ଧ

ଖୋର୍ଦ୍ଧା/ନୟାଗଡ, ୧୧/୦୬ (ନି.ପ୍ର)::ଗତକାଲି ବିଳମ୍ବିତ ରାତିରେ ନୟାଗଡ଼ ଜିଲ୍ଲା ବଡ଼ପଣ୍ଡୁସର ବ୍ରିଜରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ତେଲ ବୋଝେଇ ଟ୍ୟାଙ୍କର ବ୍ରିଜ ବାଡ଼ାରେ ପିଟି ହୋଇ ତଳକୁ ଖସି ପଡ଼ିବାରୁ ବ୍ଲାଷ୍ଟ ହୋଇ ୪ ଜଣ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି । ୪ ମୃତକଙ୍କ ମଧ୍ୟରୁ ୨ ଜଣ ଗାଡ଼ିର ଡ୍ରାଇଭର, ହେଲପର ଓ ୨ ଜଣ ସ୍ଥାନୀୟ ଲୋକ ଥିବା ଜଣାଯାଇଛି । ଚାରି ମୃତକ ହେଲେ ପଙ୍କଜ ନାୟକ, ଦିପୁ ଖଟୁଆ, ସମୀର ନାୟକ ଏବଂ ଚନ୍ଦନ ଖଟୁଆ ଓ ଏହି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି । ପୁଲିସ୍ ? ଘଟଣାର ତଦନ୍ତ କରୁଛି । ସୂଚନା ଅନୁଯାୟୀ, ପାରାଦ୍ୱୀପରୁ ଡିଜେଲ ନେଇ ଆସୁଥିବା ଏକ ଟ୍ୟାଙ୍କର ଗତକାଲି ରାତି ପ୍ରାୟ ୨ଟା ପାଖାପାଖି ସମୟରେ ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ବଡ଼ପଣ୍ଡୁସର ବ୍ରିଜ ଅତିକ୍ରମ କରୁଥିଲା । ଏହି ସମୟରେ ଦ୍ରୁତ ଗତିରେ ଥିବା ଗାଡ଼ିଟି ବ୍ରିଜ ବାଡ଼ାରେ ପିଟି ହୋଇ କେନାଲ ତଳକୁ ଖସି ପଡ଼ିଥିଲା । ଏହାପରେ ତେଲ ଭର୍ତ୍ତି ଟ୍ୟାଙ୍କରଟି ବ୍ଲାଷ୍ଟ ହୋଇ ଗାଡ଼ିଟି ଜଳିବାକୁ ଲାଗିଲା । ଫଳରେ ଗାଡ଼ିରେ ଥିବା ଡ୍ରାଇଭର ଓ ହେଲପର ବାହାରି ନ ପାରି ଚିତ୍କାର କରିବାକୁ ଲାଗିଲେ । ଏହି ସମୟରେ ପଛ ଗାଡ଼ିରେ ଥିବା ୨ ଜଣ ଓ ଜଣେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବାକୁ ଗାଡ଼ି ନିକଟକୁ ଯାଇଥିଲେ । ମାତ୍ର ନିଆଁ ଏତେ ଭୟଙ୍କର ▶▶ପୃଷ୍ଠା ୭

## ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ: ସହାୟତାର ହାତବଢାଇଲା ଭାରତ



ନୂଆଦିଲ୍ଲୀ, ୧୧/୦୬ : ସ୍ୱାଧୀନତା ପରେ ସବୁଠୁ ବଡ ଆର୍ଥିକସଙ୍କଟ ଦେଇ ଗତି କରୁଛି ଶ୍ରୀଲଙ୍କା । ଦେଶର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିଥିବାବେଳେ ପ୍ରତିଥର ପରି ଏବେ ବି ସାହାଯ୍ୟ ଜାରି ରଖିଛି ଭାରତ । ଶ୍ରୀଲଙ୍କାକୁ ୪୨୪କୋଟି ଟଙ୍କାର ଋଣ ମଂଜୁରୀ ଦେଇଛି ଭାରତ । ଏନେଇ ଶ୍ରୀଲଙ୍କା ସରକାରଙ୍କ ପକ୍ଷରୁ ସୂଚନା ଦିଆଯିବା ସହ ଭାରତକୁ ଧନ୍ୟବାଦ ଦେଇଛି ଦେଶ । ଏନେଇ ଦୁଇ ଦେଶ ମଧ୍ୟରେ ଜୁନ ୧୦ ତାରିଖର ଏକ ଚୁକ୍ତି ସ୍ୱାକ୍ଷର କରାଯାଇଛି । ଭାରତୀୟ ବ୍ୟାଙ୍କ ଓ ଶ୍ରୀଲଙ୍କା ସରକାରଙ୍କ ମଧ୍ୟରେ ଲାଇନ ଅଫ୍ କ୍ରେଡିଟ ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିରେ ଶ୍ରୀଲଙ୍କା ଭାରତଠୁ ୧୧ଥର ଋଣ ନେଇପାରିବ ।

## ଜୁଲାଇ ୧ରୁ ବସ୍ ଧର୍ମଘଟ ଚେତାବନୀ



ଭୁବନେଶ୍ୱର, ୧୧/୦୬ (ନି.ପ୍ର): ୯ ଦଫା ନେଇ ପୂର୍ବରୁ ହୋଇଥିବା ଦାବି ପୂରଣ କରା ନଗଲେ ଆସନ୍ତା ଜୁଲାଇ ୧ ତାରିଖରୁ ସାରା ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ । ଏଭଳି ଚେତାବନୀ ଦେଇଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ । ଘରୋଇ ବସ୍ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପରେ ସଂଘର ସଂପାଦକ ଦେବେନ୍ଦ୍ର କୁମାର ସାହୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ୯ ଦଫା ଦାବି ନେଇ ସଂଘ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲା । ବସ୍ ର ପରମିଟ୍ ଗୁଡିକୁ ତୃତୀୟ ପକ୍ଷକୁ ହସ୍ତାନ୍ତର କରିବା ନିଷ୍ପତି କାର୍ଯ୍ୟକାରୀ ନକରିବା, ବସ୍ ଗୁଡିକୁ ସ୍ଥାୟୀ ପରମିଟ୍ ନଦେବା, ମଙ୍ଗୁଳିଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ-୫୫ର ନିର୍ମାଣ କାର୍ଯ୍ୟରେ ବିଳମ୍ବ, ଯାତ୍ରୀବାହୀ ବସ୍ ଗୁଡିକ ଜାତୀୟ ରାଜପଥ ଉପରେ ଯାତ୍ରୀ ଓହ୍ଲାଇବା ଓ ଚଢାଇବା ପାଇଁ ସରକାର କୌଣସି ସ୍ଥାନ ନଦେବା, କୋଭିଡ୍ ସମୟରେ ବସ୍ ମାଲିକମାନଙ୍କୁ ଋଣ ଯୋଗାଇ ଦେବା ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନକରିବା ଏବଂ ଯାତ୍ରୀବାହୀ ବସ୍ ଗୁଡିକରେ ହାଇସ୍ୟୁକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ନିଷ୍ପତି ପ୍ରତ୍ୟାହାର କରିବା ଭଳିଦାବି ସମୂହକୁ ନେଇ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ରାଜ୍ୟ ସରକାର ▶▶ପୃଷ୍ଠା ୭

# ଆଇଆଇଟି ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଲୋକାର୍ପଣ ଓ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ



ଭୁବନେଶ୍ୱର/ଜଟଣୀ,୧୧/୦୬ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବରୁଣେଇ ପାହାଡର ପାଦଦେଶରେ ପ୍ରତିଷ୍ଠିତ ଆଇଆଇଟି ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଆଗାମୀ ଦିନରେ ଶିକ୍ଷାର ପ୍ରୟୋଗଶାଳା ହେବା ସହ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ନେତୃତ୍ୱ ପାଇଁ ପ୍ରସ୍ତୁତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶନିବାର ଆଇଆଇଟି ଭୁବନେଶ୍ୱର ଠାରେ କେନ୍ଦ୍ରୀୟ ବିଦ୍ୟାଳୟର ଲୋକାର୍ପଣ ଓ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ କରିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି ଯେ ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରୁ ପ୍ରଥମେ ଲୋକାର୍ପିତ ଶ୍ରେଣୀ ଗୃହରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ସହ ପାଠପଢ଼ା ଆରମ୍ଭ ହେବ । ଏହି ବିଦ୍ୟାଳୟ ସ୍ଥାନୀୟ ଅଂଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପରବର୍ତୀ ପର୍ଯ୍ୟାୟରେ ଆଇଆଇଟି ଭୁବନେଶ୍ୱର ଯୋଗାଇଥିବା ୧୦ ଏକର ପରିମିତ ଜମିରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଶ୍ରେଣୀଗୃହ ନିର୍ମାଣ ହେବା ପରେ ପିଲାଙ୍କ ପାଠପଢା ଏଠାକୁ ସ୍ଥାନାନ୍ତର କରାଯିବ । ଏହି ସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ୨୫ କୋଟି ଖର୍ଚ୍ଚ ହେବ ଏବଂ ସ୍କୁଲର ପରିଚାଳନା ପାଇଁ ଅତିରିକ୍ତ ବାର୍ଷିକ ୪ କୋଟି ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି । ସମସ୍ତ ଖର୍ଚ୍ଚ ଭାରତ ସରକାରଙ୍କ ଶିକ୍ଷା ସଂସ୍ଥା ଆଇଆଇଟି ଭୁବନେଶ୍ୱର ବହନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତିର ସୁପାରିଶ ଅନୁସାରେ ଏହି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରାଯିବ । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆଇଆଇଟି ଭୁବନେଶ୍ୱର ଏକ ସମ୍ମାନସ୍ପଦ ଅନୁଷ୍ଠାନ । ଏଠାକାର ଅନୁକୂଳ ପରିବେଶରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ସହ ଟେକ୍ନୋଲୋଜିର ବ୍ୟବହାରକୁ ଜାଣିବା ପାଇଁ ଆଗ୍ରହୀ ହେବେ । ଫଳରେ ପିଲାମାନେ ପୂର୍ବତନ ରାଷ୍ଟ୍ରପତି ତଥା ମହାନ ବୈଜ୍ଞାନିକ ଅବଦୁଲ କଲାମ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ପରି ସ୍ୱପ୍ନ ଦେଖିବେ । ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ଶିକ୍ଷକ ମାନଙ୍କ ପାଇଁ ▶▶ପୃଷ୍ଠା ୭

## ରଜରେ ଓଡ଼ିଶା ଛୁଇଁବ ମୌସୁମୀ



ଭୁବନେଶ୍ୱର, ୧୧/୦୬ (ନି.ପ୍ର): ଖୁବ୍‌ଶୀଘ୍ର ଗରମ ଓ ଗୁଳୁଗୁଳିରୁ ମିଳିବ ତ୍ରାହି । ରଜରେ ଭିଜିବ ସାରା ଓଡ଼ିଶା । ୪ରୁ ୫ ଦିନ ଭିତରେ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଗାମୀ ୪ରୁ ୫ ଦିନ ଭିତରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବ । ଏଥିପାଇଁ ପାଗ ଅନୁକୂଳ ରହିଛି । ଗତ କିଛି ଦିନ ଧରି ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ଗୁଳିଗୁଳିରେ ରାଜ୍ୟବାସୀ ଛଟପଟ ହେଉଥିଲେ । ମାତ୍ର ଗତକାଲିଠାରୁ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ଥିବାବେଳେ ଆଜି ବି ପାଗ କାଉଁଳିଆ ରହିଛି । ସୂଚନାଯୋଗ୍ୟ, ୧୩ ତାରିଖ ପୂର୍ବରୁ ମୌସୁମୀ ଓଡ଼ିଶା ଆସିବାର ସମ୍ଭାବନା ନାହିଁ ବୋଲି ଦୁଇ ଦିନ ପୂର୍ବରୁ ଆଇଏମଡିର ବରିଷ୍ଠ ବୈଜ୍ଞାନିକ ରାଜେନ୍ଦ୍ର ଜେନାମଣି କହିଥିଲେ । ସେ କହିଥିଲେ, ବଙ୍ଗୋପସାଗରର ଅଧିକାଂଶ ଅଞ୍ଚଳକୁ ମୌସୁମୀ ଛୁଇଁଲାଣି । ଦକ୍ଷିଣ ଭାରତରେ ବି ମୌସୁମୀର ଅଗ୍ରଗତି ଉତ୍ସାହଜନକ ରହିଛି । ଦକ୍ଷିଣ ମହାରାଷ୍ଟ୍ର, ଉତ୍ତର କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶର କିଛି ଅଞ୍ଚଳରେ ୫ ଦିନ ଭିତରେ ମୌସୁମୀ ଛୁଇଁବ ।

# ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ତେଜୁଛି

ଘସିପୁରା,୧୦/୦୬ (ନି.ପ୍ର): ଚଳିତ ସମବାୟ ସମିତି ନିର୍ବାଚନରେ ଶୈଳଙ୍ଗ ସମବାୟ ସମିତିର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ଉପୁଜିଛି ।

ସୂଚନାରୁ ଜଣାଯାଏ, ସମିତିର ୩ ନମ୍ବର ଜୋନ ଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିବାବେଳେ ଏହି ଜୋନ ରୁ ସଦାଶିବ ମାଝି ଅନୁସୂଚିତ ଜାତିର ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ମାତ୍ର ଭୋଟର ତାଲିକାରେ ଏସସି ପରିବର୍ତ୍ତେ ଏସଟି ବୋଲି ଉଲ୍ଲେଖ ଥିବାରୁ ପ୍ରାର୍ଥୀପତ୍ର ଦାଖଲ ବେଳେ ଶ୍ରୀ ମାଝୀ ଅନୁସୂଚିତ ଜାତି ପ୍ରମାଣପତ୍ରର ନକଲ ଦେଇଥିଲେ ମଧ୍ୟ ସମିତିର ଭୋଟର ତାଲିକାରେ ଏସଟି ଥିବାରୁ ନିର୍ବାଚନ ଅଧିକାରୀ ଭାସ୍କର ନାୟକ ଶ୍ରୀ ମାଝୀଙ୍କ ପ୍ରାର୍ଥୀ ପତ୍ରକୁ ନାକଚ କରିଦେଇଥିଲେ । ଏପରିକି ସମବାୟ ନିର୍ବାଚନ ନିୟମ ମୁତାବକ ଯାଂଚ୍ ସମୟରେ ପ୍ରାର୍ଥୀଙ୍କୁ କହିବାର ସୁଯୋଗ ନଦେବା ସହ ସମିତିର ମେମ୍ବର ରେଜିଷ୍ଟର ତଥା ଅନ୍ୟାନ୍ୟ ରେକର୍ଡକୁ ଯାଂଚ୍ ନକରି ସମିତିର କିଛି କର୍ମଚାରୀଙ୍କ ପ୍ରରୋଚନାରେ ଏକ ତରଫା ଭାବେ ଶ୍ରୀ ମାଝୀଙ୍କ ପ୍ରାର୍ଥୀ ପତ୍ରକୁ ନାକଚ ଭଳି ପକ୍ଷପାତିତା କାର୍ଯ୍ୟ କରାଯାଇଛି ବୋଲି ସଦାଶିବ ମାଝି ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ନିର୍ଦ୍ଧାରିତ ସମୟରେ ଅଭିଯୋଗପତ୍ର ଗ୍ରହଣ ନକରି ନିର୍ଦ୍ଧାରିତ ସମୟ ପରେ ଅଭିଯୋଗପତ୍ର ଗ୍ରହଣ କରି ସେ ମନଇଚ୍ଛା ନିଷ୍ପତି ନେଇଛନ୍ତି ବୋଲି ପ୍ରାର୍ଥୀ ଶରତ ନାଇକ, ମହୁର ନାଇକ ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ନିର୍ବାଚନ ଅଧିକାରୀଙ୍କୁ ପଚାରିବାରେ, ଦାୟୀତ୍ୱରେ ଥିବା ନିର୍ବାଚନ ଅଧିକାରୀ କହିଲେ ଯେ, ସେ ଚାହିଁଲେ ଏଭଳି ନିଷ୍ପତି ନେଇପାରିବେ ବୋଲି ଆଇନରେ ରହିଛି ଏବଂ ପ୍ରାର୍ଥୀ ଚାହିଁଲେ କୋର୍ଟ କଚେରୀ କରିପାରିବେ ବୋଲି କହିଛନ୍ତି । ଯାହାକି ଗଣତାନ୍ତ୍ରିକଭିତିକ ସମବାୟ ସଂସ୍ଥା ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

# ପ୍ରାନ୍ତୀୟ ଶୌର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାସୁଦେବପୁର,୧୦/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ବଜରଙ୍ଗ ଦଳ ପ୍ରାନ୍ତୀୟ ଶୌର୍ଯ୍ୟ ପ୍ରସିକ୍ଷଣ ଶିବିରର ଉଦଯାପନ ହୋଇଯାଇଅଛି ଓ ଗତ ୩ ତାରିଖ ଠାରୁ ଏହି ଶିବିର ଆରମ୍ଭ ହୋଇଥିଲା ଯେଉଁଥିରେ ଓଡ଼ିଶାର ଅନେକ ଜିଲ୍ଲାରୁ ଶତାଧିକ କାର୍ଯ୍ୟକର୍ତ୍ତା ସାତ ଦିନଧରି ପ୍ରସିକ୍ଷଣ ହୋଇଥିଲେ ଓ ଦେଶରେ କ୍ଷିପ୍ରଭାବେ ବୃଦ୍ଧି ପାଉଥିବା ରାଷ୍ଟ୍ର ବିରୋଧି , ହିନ୍ଦୁ ବିରୋଧି ଗତି ବିଧିର ପ୍ରତିକାର ଉଚିତ ପ୍ରତିକାର ସହ ସମାଜରେ ଶାନ୍ତି ସୌହାର୍ଦ୍ଧ ପରିବେଶ ସୃଷ୍ଟି ନିମନ୍ତେ ବଜରଙ୍ଗ ଦଳର ଯୁବ କାର୍ଯ୍ୟକର୍ତ୍ତା ସଂକଳ୍ପ ବଦ୍ଧ ଓ ନିଶାମୁକ୍ତ ଯୁବସମାଜ, ଧର୍ମାନ୍ତରଣରୁ ହିନ୍ଦୁ ସମାଜକୁ ରକ୍ଷା, ଜେହାଦି ଓ ଆତଙ୍କ ଗତିବିଧିରୁ ରକ୍ଷା ସ୍ୱାବଲମ୍ବୀ ଓ ସ୍ୱାଭିମାନୀ ଯୁବସମାଜ ତଥା ଅନୁପ୍ରବେଶ ଭଳି ସମସ୍ୟା ସହ ଜାତି ଭେଦ ଛୁଆଁ ଅଛୁଆଁ ଆଦି ସମସ୍ୟାର ବିଭିନ୍ନ କୁରିତୀ ସହ ଲଢ଼ିବା ବଜରଙ୍ଗ ଦଳର କାର୍ଯ୍ୟ ଏଣୁ ଏଥିପାଇଁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ସହିତ ସେମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଯୋଗ, ପ୍ରାଣାୟମ, କୁସ୍ତି କସରତ, ଆତ୍ମରକ୍ଷା କୌଶଳ ଆଦିର ପ୍ରଶିକ୍ଷଣ କରାଯାଇଥିଲା ଓ ଏହି ସାତ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ରେ ଅଖିଳ ଭାରତୀୟ ବହୁତ ଅଧିକାରୀ ଓ ବିଶ୍ୱହିନ୍ଦୁ ପରିଷଦର ବହୁ ଅଧିକାରୀ ଯୋଗ ଦେଇଥିଲେ ଓ ଆଜିର ଉଦଯାପନୀ ଉତ୍ସବରେ ସ୍ଥାନୀୟ ସମାଜସେବୀ ନାରାୟଣ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ସପନ ମୁଖାର୍ଜୀ, ମୁଖ୍ୟ ବକ୍ତା ରୂପେ ଅଭିଭାଷଣ କରିଥିଲେ ଓ ପ୍ରାନ୍ତ ସଂଯୋଜକ ମାନସ ମହାନ୍ତି ବର୍ଗର ବିବରଣୀ ପ୍ରଦାନ କରିଥିଲେ, ବିଭାଗ ସଂଯୋଜକ ବିପିନ ବିହାରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ସଫଳ ରୂପେ ଆୟୋଜନ କରିଥିଲେ ଭଦ୍ରକ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ସଭାପତି ବିଜୟ କୁମାର ସୀନା, ବାସୁଦେବପୁର ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଶୈଳେନ୍ଦ୍ର ସେନାପତି, କାର୍ଯ୍ୟାଳୟ ପ୍ରମୁଖ ଗଦାଧର ପଲାଇ, ସମ୍ପାଦକ ଚିତ୍ତରଞ୍ଜନ ପଲାଇ, ବଜରଙ୍ଗ ଦଳର ସଂଯୋଜକ ମନମୋଥ ନାୟକ, ସହ ସଂଯୋଜକ ରଞ୍ଜନ କୁମାର ମଲ୍ଲିକ, ସତସଙ୍ଗ ପ୍ରମୁଖ ଦୀପକ ମହାନ୍ତି, ଜିଲ୍ଲା ଗୋରକ୍ଷା ପ୍ରମୁଖ ଦେବେନ୍ଦ୍ର ନାୟକ ଏବଂ ସହଯୋଗ କରିଥିଲେ ଅନେକ ବଜରଙ୍ଗୀ ଭାଇମାନେ ।

# ମହିଳାଙ୍କୁ ନିର୍ଯ୍ୟାତନା ନେଇ ଅଭିଯୋଗ

ଜୟପୁର ,୧୦/୦୬ (ନି.ପ୍ର): ଜୟପୁର ମହିଳା ଥାନାରେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ଅଭିଯୋଗ ହୋଇଛି । କୋଟପାଡ ନିକୁଞ୍ଜଗୁଡାର ରଶ୍ମିତା ସାହୁ ଅଭିଯୋଗ କରିଛନ୍ତି । ଗତ ୧୪ ବର୍ଷ ତଳେ କାହ୍ନୁ ଚରଣ ସାହୁକୁ ବିବାହ କରିଥିଲେ । ବିବାହ ପରେ ଠିକ ଠାକ ଚାଲିଥିବା ବେଳେ ୨ଟି ସନ୍ତାନ ମଧ୍ୟ ଅଛି । କିନ୍ତୁ ୨ ବର୍ଷ ସ୍ୱାମୀ ରଶ୍ମିତାଙ୍କୁ ଶାରୀରିକ ଓ ମାନସିକ ନିଯ୍ୟାତନା ଦେବା ସହ ୨ ଲକ୍ଷ ଟଙ୍କା ଓ ସୁନା ଗହଣା ଆଣିବାକୁ ବାଧ୍ୟ କରୁଛନ୍ତି ନ ହେଲେ ଜୀବନରେ ମାରିଦେବକୁ ଧମକ ଦେଉଛନ୍ତି । ଏନେଇ ସେ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ମହିଳା ପୋଲିସ ଅଭିଯୋଗକୁ ଗୁରୁତର ସହ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ସେହିପରି କୁନ୍ଦୁରା ଥାନା ଭୁସଙ୍ଗଗୁଡା ଗ୍ରାମର ରଜନୀ ହରିଜନ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସେ ୧୩ ବର୍ଷ ତଳେ ବୋରିଗୁମ୍ମା ଥାନା ଅନ୍ତର୍ଗତ ସୁଣ୍ଡିକେବଡି ଗ୍ରାମର ରଘୁ ନାଥ ହରିଜନ କୁ ବିବାହ କରଥିଲେ । ଏମାନଙ୍କର ଗୋଟିଏ ସନ୍ତାନ ଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀ କୁ ଶାରରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କୁ ଗୁରୁତର ସହ ନେଇ ମହିଳା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ମହାନ ସଂଗ୍ରାମୀ ଶିବାଜୀ ପଟ୍ଟନାୟକଙ୍କ ଶ୍ରଦ୍ଧାଂଜଳୀ ସଭା

କୋରେଇ,୧୦/୦୬ (ନି.ପ୍ର): ମହାନ ସଂଗ୍ରାମୀ ବିଶିଷ୍ଟ ଜନନାୟକ ପୂର୍ବତନ ସାଂସଦ ସିପିଆଇ ଏମର ପୂର୍ବତନ ରାଜ୍ୟ ସମ୍ପାଦକ ଶିବାଜୀ ପଟ୍ଟନାୟକଙ୍କ ଶ୍ରଦ୍ଧାଂଜଳୀ ସଭା ସାମ୍ୟଭବନ ଭଗତପୁରପୁର ପରିସରରେ ସିପିଆଇଏମ ଭୁବନେଶ୍ୱରପୁର ଆଂଚଳିକ କମିଟି ସମ୍ପାଦକ ସୁରେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଂଜଳୀ ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଯୋଗଦେଇ ମହାନ ସଂଗ୍ରାମୀ ଶିବାଜୀ ପଟ୍ଟନାୟକଙ୍କ ଜିବନୀ, ଆଦର୍ଶ, ନିଷ୍ଠା, ସଙ୍ଘର୍ଷ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମାଜ ବ୍ୟବସ୍ଥାକୁ ପରିବର୍ତନ କରିବାର ଯେଉଁ ସ୍ୱପ୍ନ ଶିବାଜୀ ପଟ୍ଟନାୟକ ଦେଖିଥିଲେ ତାହାକୁ ସାକାର କରିବା ପାଇଁ ଆମକୁ ଏହି ସଂଗ୍ରାମର ଧାରାକୁ ଆଗେଇନେବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ । ଏହି ଶ୍ରଦ୍ଧାଂଜଳୀ ସଭାରେ ସିପିଆଇଏମ ଯାଜପୁର ଜିଲ୍ଲା ସମ୍ପାଦକ ବିଜୟ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ନାୟକ, ଗଣେଷ ସାହୁ, ଏସୟୁସିଆଇର ଜିଲ୍ଲା କମିଟି ସଭ୍ୟ ବୀର କିଶୋର ନାୟକ, ବିଜେପିର ଜିଲ୍ଲା ସମ୍ପାଦକ ସୁଦୀପ୍ତ ପଣ୍ଡା, କଂଗ୍ରେସ ପିସିସି ସମ୍ପାଦକ ସନ୍ତୋଷ ନନ୍ଦ, ଜିଲ୍ଲା ଉପସଭାପତି ବିଭୂତି ମହାପାତ୍ର, ବ୍ଲକ ସଭାପତି ଅଶୋକ ଦାସ, ଘନଶ୍ୟାମ ମହାପାତ୍ର, ପୂର୍ବତନ ଶିକ୍ଷକନେତା ତଥା ବରିଷ୍ଠ ନାଗରିକ ମଂଚର ସମ୍ପାଦକ ସୁରେନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ ଶିବଜୀ ପଟ୍ଟନାୟକଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଂଜଳୀ ଜ୍ଞାପନ କରିଥିଲେ । ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଡା. ନିର୍ମଳ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା ମାଧବ କୁଣ୍ଟୁ, ସୁବ୍ରତ ଜେନା, ସୁରେଶ କୁମାର ସାହୁ, ପ୍ରତ୍ୟୁଷ ସାହୁ, ବ୍ରହ୍ମାନନ୍ଦ ବାରିକ, କିର୍ତନ ସାହୁ, ପ୍ରମୋଦ ସାହୁ, ଅଭୟ ଓଝା, ଅନନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ପାଣ ସମାଜ କଲ୍ୟାଣ କମିଟି ଗୋଷ୍ଠୀ ବିବାଦର ସମାଧାନ

କନ୍ଧମାଳ,୧୦/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ପାଣ ସମାଜ କଲ୍ୟାଣ କମିଟିରେ ଫାଟ ସୃଷ୍ଟି ହୋଇ ଭୁଲ ବୁଝାମଣାବଶତଃ ସଭାପତି ଅନାମ କୁମାର ନାୟକଙ୍କ ନେତୃତ୍ୱରେ ଗୋଟିଏ ଜିଲ୍ଲା କମିଟି ଓ ବ୍ରହ୍ମା ବେହେରାଙ୍କ ନେତୃତ୍ୱରେ ଆଉଗୋଟିଏ କମିଟି, ଏଭଳି ଦୁଇଟି ଜିଲ୍ଲା କମିଟି ଗଠିତ ହୋଇ ନିଜ ନିଜ ଭିତରେ ଦୀର୍ଘ ୫ ବର୍ଷ ହେବ ଗୋଷ୍ଠୀ ବିବାଦ ଲାଗି ରହିଥିଲା । କରୋନା ମହାମାରୀ ଯୋଗୁଁ ଉଭୟ କମିଟିର ୫ ବର୍ଷ ଅବଧି ସରିଯାଇଥିଲେ ମଧ୍ୟ ଉଭୟେ ଜିଲ୍ଲା କମିଟିକୁ ନୂତନ ଭାବେ ପୁର୍ନଗଠନ କରିପାରିନଥିଲେ । କିଛିଦିନ ତଳେ ଉଭୟ ଗୋଷ୍ଠୀର ବିଚାରବିମର୍ଶ ପରେ ଉଭୟ ଏକତ୍ରିତ ଭାବେ ଦୁଇଟି କମିଟିକୁ ସମ୍ପୂର୍ଣ୍ଣ ଭାଙ୍ଗିଦେବା ପାଇଁ ନିଷ୍ପତି ପ୍ରକାରେ, ସମସ୍ତ ବ୍ଲକ ଓ ଗ୍ରାମପଂଚାୟତ ସ୍ତରୀୟ ସଭାପତି ସମ୍ପାଦକ ଓ ପାଣ ଜାତିର ନେତୃସ୍ଥାନୀୟ ବ୍ୟକ୍ତି ଏବଂ କମିଟିର କର୍ମକର୍ତ୍ତା ମାନଙ୍କ ଉପସ୍ଥିତିରେ ଫିରିଙ୍ଗିଆ ସ୍ଥିତ ବିଜୁ ପଟନାୟକ କଲ୍ୟାଣ ମଣ୍ଡପରେ ଗୁରୁବାର ପୂର୍ବାହ୍ନ ୧୧ ଟା ସମୟରେ ଉପସ୍ଥିତ କର୍ମକର୍ତ୍ତା ସମ୍ମୁଖରେ ଦୁହେଁ ମିଶି ଦୁଇଟି ଯାକ ଜିଲ୍ଲା କମିଟିକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିଲେ । ଆଗାମୀ ଦିନରେ ଜିଲ୍ଲା କମିଟି ଗୁଡିକୁ ନୂତନ ଭାବେ ପୁର୍ନଗଠନ କରିବା ପାଇଁ ଜିଲ୍ଲା କମିଟିରେ ଥିବା ବରିଷ୍ଠ ୭ ଜଣ ସଦସ୍ୟଙ୍କୁ ନେଇ ଏକ ନୂତନ ପରିଚାଳନା କମିଟି କାର୍ଯ୍ୟ କରିବା ପାଇଁ କ୍ଷମତା ଅର୍ପଣ କରାଯାଇଥିଲା । ସେମାନେ ହେଲେ ସର୍ବଶ୍ରୀ ସତ୍ୟନାରାୟଣ ବେହେରା, ମଧୁସୂଦନ ବେହେରା, କ୍ଷୀରୋଦ କୁମାର ସାହାଣୀ, ଚନ୍ଦ୍ର ମୋହନ ନାୟକ, ରାଜେନ୍ଦ୍ର ନାରାୟଣ ବେହେରା, ଦୁଃଶାସନ ବଳିୟାର ସିଂ, ବଳଭଦ୍ର ଡିଗାଲ ଓ ପଙ୍କଜ ବେହେରାଙ୍କୁ ନେଇ କମିଟି ଗଠନ କରାଯାଇଛି । ଆଗାମୀ ଦିନରେ ନୂତନ ଜିଲ୍ଲା କମିଟି ଗଠନ କରି ସତ୍ୟପାଠ କରେଇବା ପର୍ଯ୍ୟନ୍ତଏହି ନିର୍ବାଚନ କମିଟି ଦାୟିତ୍ୱରେ ରହି କାର୍ଯ୍ୟ ତୁଲାଇବେ ବୋଲି ଗତକାଲିର ଅଧିବେଶନରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି ୭ ଜଣିଆ କାମଚଳା କମିଟି ଆଗାମୀ ନୂତନ ଜିଲ୍ଲା କମିଟି ପୁର୍ନଗଠନର ସମ୍ପୂର୍ଣ୍ଣ ପ୍ରକ୍ରିୟା ଓ ଇସ୍ତାହାର ପ୍ରକାଶ କରିବେ ଓ ତଦନୁଯାୟୀ ନିର୍ବାଚନ କାର୍ଯ୍ୟ ହୋଇପାରିବ । ଜିଲ୍ଲା ପାଣ ସମାଜ କଲ୍ୟାଣ କମିଟିରେ ଲାଗିରହିଥିବା ଦୀର୍ଘ ୫ ବର୍ଷର ଗୋଷ୍ଠୀ ବିବାଦର ଅବସାନ ଘଟିଛି ଓ ଉଭୟ ଗୋଷ୍ଠୀର ସଦସ୍ୟ ମାନେ ଏଭଳି ପଦକ୍ଷେପକୁ ଗ୍ରହଣ କରିଛନ୍ତି ଓ ସ୍ୱାଗତ କରିଛନ୍ତି ଓ ଏହାଦ୍ୱାରା ଏକ ସୁସ୍ଥ ବଳିଷ୍ଠ ସମାଜ ଗଠନ ହୋଇପାରିବ ବୋଲି ଜାତିର ନେତୃସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରିଛନ୍ତି । ଏହି ବୈଠକରେ ବ୍ଲକ ସଭାପତି ଚନ୍ଦ୍ର ମୋହନ ନାୟକ ଫିରିଙ୍ଗିଆ, ରାଜେନ୍ଦ୍ର ନାରାୟଣ ବେହେରା ଚକାପାଦ, ଦୁଃଶାସନ ବଳିୟାର ସିଂ କୋଟଗଡ, ପଙ୍କଜ ବେହେରା ଫୁଲବାଣୀ ପୌର ପରିଷଦ, ବଳଭଦ୍ର ଡିଗାଲ ଖଜୁରୀପଡା, ଡ଼ଃ. ସୋମନାଥ ବାଘ, ଅରବିନ୍ଦ ନାୟକ ବ୍ରାହ୍ମଣ ପାଦ, ଅଚ୍ୟୁତ ନନ୍ଦ ସେଠି ସାମ୍ବାଦିକ, ବିଦୁର ବେହେରା ସାମ୍ବାଦିକ, ଦିଲୀପ ଡିଗାଲ, ନଈରୁତ ଡିଗାଲ ଫିରିଙ୍ଗିଆ, ଅନଙ୍ଗ ଦେବ ବେହେରା, ତ୍ରିନାଥ ମାଝୀ, ଅଙ୍ଗଦ ବେହେରାଙ୍କ ସମେତ ଅନେକ ବରିଷ୍ଠ ଜାତିପ୍ରେମୀ ଓ ଜାତିର ମାନ୍ୟ ଗନ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ଏହାପରେ ଫିରିଙ୍ଗିଆ ବ୍ଲକ ସଭାପତି ଚନ୍ଦ୍ର ମୋହନ ନାୟକ ଜିଲ୍ଲା ସଭାପତି ଅନାମ କୁମାର ନାୟକ ଓ ବ୍ରହ୍ମା ବେହେରା ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ସାହାଣୀ ଓ ସତ୍ୟନାରାୟଣ ବେହେରାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସ୍ନାନଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ପୁରୀ,୧୦/୦୬ (ନି.ପ୍ର): ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସ୍ନାନଯାତ୍ରାକୁ ସୁରୁଖୁରୁରେ ସମାପାନ ପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସ୍ନାନଯାତ୍ରା କିପରି ନୀତି ନିର୍ଘଂଟ ଅନୁଯାୟୀ ସମାପନ ହେବ ତାଉପରେ ଗୁରୁତ୍ୱ ଦେଇଛନ୍ତି ଶ୍ରୀମନ୍ଦିର ପ୍ରଶାସନର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସମର୍ଥ ବର୍ମା । ବିଭିନ୍ନ ସେବାୟତ ନିଯୋଗ ସହ ବାରମ୍ବାର ବୈଠକ କରାଯାଉଛି । ଆଜି ଦଇତାପତି ନିଯୋଗ ସହ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଭକ୍ତଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ସେବାୟତଙ୍କ ସହ ଆଲୋଚନା କରିଥିଲେ ଜିଲ୍ଲାପାଳ । ସ୍ନାନମଣ୍ଡପ ଦେଇ ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ । ଭକ୍ତମାନେ ମାର୍କେଟ ଛକରୁ ବ୍ୟାରିକେଡ଼ ଦେଇ ସିଂହଦ୍ୱାର ପର୍ଯ୍ୟନ୍ତ ଯାଇପାରିବେ । ଗାଡ଼ି ପାର୍କି ପାଇଁ ୬ଟି ସ୍ଥାନ ଚିହ୍ନଟ ହୋଇଛି । ଦଇତାପତି ସେବକମାନେ ହାତୀବେଶ ସମୟରେ ଠାକୁରଙ୍କ ଆଗରେ ଠିଆ ହେବେ ନାହିଁ ବୋଲି ପ୍ରତିଶୃତି ଦେଇଛନ୍ତି ।

# ଫୁଲବାଣୀରେ ଦୁଇ ଦିନିଆ ପେନସନ ଅଦାଲତ୍ ଉଦ୍‌ଯାପିତ

କନ୍ଧମାଳ,୧୦/୦୬ (ନି.ପ୍ର): ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡ଼ିଶା, ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ, ଓଡ଼ିଶା ଏବଂ ଜିଲ୍ଲା ପ୍ରଶାସନ, କନ୍ଧମାଳଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଦୁଇଦିନିଆ କନ୍ଧମାଳ ଜିଲ୍ଲା ପେନ୍ସନ ଅଦାଲତ ଆଜି ଶେଷ ହୋଇଯାଇଛି । ବରିଷ୍ଠ ଉପ-ମହାଲେଖାକାର ଶ୍ରୀରାଜ ଅଶୋକ ଆସନ୍ତା ଜୁଲାଇ ମାସରୁ ଅନ୍ଲାଇନ୍ ପେନ୍ସନ ଆବେଦନ କରିବାକୁ ପଡ଼ିବ ବୋଲି ଦର୍ଶାଇଥିଲେ ।ଏଥିପାଇଁ ପେନ୍ସନ ମଞ୍ଜୁର ପ୍ରାଧିକରଣ ତଥା ଆହରଣ ବିତରକ ଅଧିକାରୀ( ଡି.ଡି.ଓ.)ମାନଙ୍କୁ ସଚେତନ କରାଇବା ଏହି ଅଦାଲତର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ । ଅନ୍ଲାଇନ୍ ମାଧ୍ୟମରେ କିଭଳି ତ୍ରୁଟିଶୂନ୍ୟ ଭାବେ ଏ.ଜି. କାର୍ଯ୍ୟାଳୟକୁ ଆବେଦନ ପତ୍ର ପଠାଯାଇପାରିବ ତାଦ’ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ସରକାରୀ କର୍ମଚାରୀ ତଥା ପେନ୍ସନରମାନଙ୍କ ଅବଗତି ନିମନ୍ତେ କେତେକ ସୂଚନା ପ୍ରଦାନ କରାଯାଇଥିଲା । ଅବସର ଗ୍ରହଣର ୬ ମାସ ପୂର୍ବରୁ ନିଜର ପେନ୍ସନ ଆବେଦନ ପତ୍ର ନିଜ କାର୍ଯ୍ୟାଳୟରେ ଦାଖଲ କରିବେ । ଅବସର ନେବା ପୂର୍ବରୁ ନିଜ ସର୍ଭିସ୍ ବୁକ୍ର ଅପଡ୍ଟେ୍ ଭେରିଫିକେସନ୍ କରାଇ ନେବେ । ଯାହାବି ଆଡ୍ଭାନ୍ସ ନେଇଥିବେ ସେଗୁଡ଼ିକୁ ସମ୍ପୂର୍ଣ୍ଣ ପରିଶୋଧ କରି ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟରୁ କ୍ଲିୟରାନ୍ସ ସାର୍ଟିଫିକେଟ ହାସଲ କରିବେଏବଂ କମ୍ପ୍ୟୁଟେସନ ଆବେଦନ ସମୟରେ ସର୍ବଦା ନିଜର ଦସ୍ତଖତ ସହ ତାରିଖ ଦେବେ । ସେହିପରି ପେନ୍ସନ ମଞ୍ଜୁର ପ୍ରାଧିକରଣ ତଥା ଡି.ଡି.ଓ. ମାନଙ୍କ ଅବଗତି ନିମନ୍ତେ ମଧ୍ୟ କେତେଗୁଡ଼ିଏ ସୂଚନା ପ୍ରଦାନ କରାଯାଇଥିଲା । ସରକାରୀ କର୍ମଚାରୀ ଅବସର ନେବାର ତିନି ମାସ ପୂର୍ବରୁ ପେନ୍ସନ ପେପର ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବା ଆବଶ୍ୟକ । ସମ୍ପୂର୍ଣ୍ଣ ଗ୍ରାଚୁଇଟି ଟଙ୍କା ପାଇବା ପାଇଁ ପେନ୍ସନ ପେପର ସହ ଏନ୍.ଡି.ସି ( ନୋ ଡ୍ୟୁଜ୍ ସାର୍ଟିଫିକେଟ୍)ନିଶ୍ଚୟ ସଂଲଗ୍ନ କରିବେ । ଶେଷ ଏକ ବର୍ଷ କାର୍ଯ୍ୟକାଳର ଏନ୍.ଡି.ସି. ଉଦ୍ଦିଷ୍ଟ କାର୍ଯ୍ୟାଳୟରୁ ଯଥା ସମୟରେ ସଂଗ୍ରହ କରିନେବେ । ଆସନ୍ତା ଦୁଇ ବର୍ଷ ଭିତରେ ଅବସର ନେଉଥିବା କର୍ମଚାରୀଙ୍କର ଏକ ତାଲିକା ପ୍ରତିବର୍ଷ ଜୁଲାଇ ଏକ ତାରିଖ ସୁଦ୍ଧା ପ୍ରସ୍ତୁତ କରିବେ ଏବଂ ତାହାର ଏକକିତା କପି ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବେ । ଗତକାଲି ୧୧ ଜଣଙ୍କର ଗ୍ରାଚୁଇଟ୍ କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡି. ଓ ବରିଷ୍ଠ ଉପ-ମହାଲେଖାକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବାବେଳେ ଆଜି ଆଗତ ହୋଇଥିବା ୩୯ ଗୋଟି ଗ୍ରାଚୁଇଟି ମଧ୍ୟରୁ ୩୬ ଗୋଟି ଗ୍ରାଚୁଇଟ୍ ମଞ୍ଜୁର ହୋଇଥିଲା । ୧୬୪ଜଣ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପେନ୍ସନ ଆବେଦନ ପତ୍ର ସଂକ୍ରାନ୍ତରେ ପେନ୍ସନ ଅଦାଲତରେ ଆଲୋଚନା କରାଯାଇଥିଲା । ସେଥିମଧ୍ୟରୁ ୧୩୯ଟି ନୂଆ ପେନ୍ସନ ଆବେଦନ ପତ୍ର ଏ.ଜି.କାର୍ଯ୍ୟାଳୟକୁ ଏକ ମାସ ମଧ୍ୟରେ ପଠାଇବାକୁ ପେନ୍ସନ ମଞ୍ଜୁର କର୍ତ୍ତାମାନେ ସମ୍ମତି ପ୍ରକାଶ କରିଥିଲେ । ତେବେ ଠିକ୍ ସମୟରେ ଅବେଦନ ପତ୍ରଗୁଡ଼ିକୁ ଏ.ଜି. କାର୍ଯ୍ୟାଳୟକୁ ପଠାଯିବା ପାଇଁ ପଦକ୍ଷେପ ନେବାକୁ ସେଠାରେ ଉପସ୍ଥିତ ପେନ୍ସନ ମଞ୍ଜୁର ପ୍ରାଧିକରଣ ତଥା ଡି.ଡି.ଓ. ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଉକ୍ତ ପେନ୍ସନ ଅଦାଲତରେ ସହକାରୀ ମହାଲେଖାକାର ମୁକୁଲ ଜାମଲୋକି ଓ ସୁଶ୍ରୀ ତାନ୍ୟା ଅମ୍ବାଷ୍ଠା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସ, ବରିଷ୍ଠ ଲେଖା ଅଧିକାରୀ ସୁଶୀଲ କୁମାର ମିଶ୍ର ଓ ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିବାବେଳେ ମହା ଲେଖାକାର କାର୍ଯ୍ୟାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ (କଲ୍ୟାଣ) ପୁରୁଷୋତମ ବଳ, ସହକାରୀ ଲେଖା ଅଧିକାରୀ କଲ୍ୟାଣ କୁମାର ପଣ୍ଡା, ଚନ୍ଦ୍ରଶେଖର ବେହେରା ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ରବିନ୍ ଚର୍ଚ୍ଚିଲ୍ ମିଶ୍ର ସହଯୋଗ କରିଥିଲେ । ଜିଲ୍ଲାର ବହୁ ପେନ୍ସନ ଭୋଗୀ ଓ ସଂପୃକ୍ତ ପେନ୍ସନ ମଞ୍ଜୁର ପ୍ରାଧିକରଣ ତଥା ଡି.ଡି.ଓ. ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ ।

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ରାଜେନ୍ଦ୍ରଅଭିଷେକ ନୀତି

ପୁରୀ, ୧୦ ଜୁନ୍ (ହି.ସ.)- ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ରାଜେନ୍ଦ୍ରଅଭିଷେକ ନୀତି ପାଳନ କରାଯାଇଥାଏ । ଏହି ଦିନ ସନ୍ଧ୍ୟାଧୂପ ନୀତି ବଢ଼ିଲା ପରେ ଶ୍ରୀ ମଦନମୋହନ ଆଜ୍ଞା ମାଳ ପାଇ ଭୋଗ ବାଟ ଗଣେଶଙ୍କ ଠାରେ ପଡିଥିବା ଖଟ ଉପରେ ବିଜେ ହୁଅନ୍ତି । ଏହାପରେ ଭିତର ଶୋଧ ଜୟ ବିଜୟ ଦ୍ୱାର ବନ୍ଦ ହୋଇ ଜଗମୋହନକୁ ସମ୍ପୂର୍ଣ୍ଣ ଅନ୍ଧାର କରିଦିଆଯାଏ । ଏହି ସମୟରେ ଗର୍ଭ ଗୃହରେ ମହାପ୍ରଭୁଙ୍କ ଆଲଟ ସେବା ହୋଇଥାଏ । ଏଥି ଉତାରୁ ଜଣେ ଡଗର ଆସି ମଦନମୋହନଙ୍କ ନିକଟରେ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଜଣାଇବେ ଓ ସ୍ୱୟଂ ପ୍ରଭୁ ରାଜେନ୍ଦ୍ରଅଭିଷେକ ହେବା ନିମନ୍ତେ କହିବେ । ଶ୍ରୀ ମଦନମୋହନ ମହାଜନମାନଙ୍କ ହସ୍ତରେ ବିଜେ ପୂର୍ବକ ବଟମୂଳ ଥିବା ଏକ ସୁସଜ୍ଜିତ ରଥରେ ଆରୋହଣ କରିଥାନ୍ତି । ଘଂଟ, ଛତା, କାହାଳି ବାଜି ବିମାନବଡୁମାନେ ଉକ୍ତ ରଥକୁ ବଡ଼ ଦେଉଳର ବେଢ଼ା ପରିକ୍ରମା କରି ପୁନଶ୍ଚ ବଟ ମୂଳେ ରଖିଥାନ୍ତି । ଏହି ସମୟରେ ପାଳିଆ ଖୁଂଟିଆ, ଗରାବଡୁ ସେବକ ଉପସ୍ଥିତ ରହିଥାନ୍ତି । ଜନୈକ ସେବକ କୁତ କୌତୁକ ରଷି ଭାବେ ମହାପ୍ରଭୁଙ୍କୁ ଦଣ୍ଡ ପ୍ରଣାମ ଜଣାଇ ମାଳି ଦେଇଥିବା ଶୁକ୍ଳ ଫୁଲ ପାଳିଆ ଖୁଂଟିଆଙ୍କ ଠୁ ନେଇ ଆଞ୍ଜୁଳି କରି ବିଜେ ରାସ୍ତାରେ ପକାଇବା ସହିତ ଶ୍ରୀ ମଦନମୋହନଙ୍କୁ ଥରକୁ ଥର ଦଣ୍ଡ ପ୍ରଣାମ କରି ତାହାଙ୍କୁ ଦକ୍ଷିଣୀ ଘରକୁ ନେବେ । ଏଠାରେ ଖଟ ଉପରେ ବିଜେ ହେବା ପରେ ଶ୍ରୀ ମଦନମୋହନଙ୍କୁ ପଚାଂମୃତରେ ସ୍ନାନ କରାଯାଇଥାଏ । ତତ୍ପରେ ଫୁଲ, ଚନ୍ଦନ ଲାଗି ହୋଇ ବେଶ ବଢିଥାଏ ଓ ଶୀତଳ ଭୋଗରେ ଖିରି, ଅମାଲୁ ଭୋଗ ହୋଇ ବନ୍ଦାପନା ବଢିବା ପରେ ଦକ୍ଷିଣୀ ଘରସ୍ଥ ସ୍ୱ ଆସ୍ଥାନକୁ ପ୍ରତ୍ୟାବର୍ତନ କରିଥାନ୍ତି । ଅଭିଷେକ ସମୟରେ ଛତି ଟେକା ଯାଇଥାଏ । ଘଂଟା , କାହାଳୀ , ମହୁରୀ ବାଜୁଥାଏ । ଅଭିଷେକ ବଢିବା ପରେ ଭିତରେ ପଣା ଭୋଗ ଓ ଅନ୍ୟାନ୍ୟ ନୀତି ହୋଇଥାଏ ।

# ୯୫ଟି ୫-ଟି ସ୍କୁଲ ଉଦଘାଟନ

ଜୟପୁର,୧୦/୦୬ (ନି.ପ୍ର): କୋରାପୁଟ ଜିଲ୍ଲାରେ ୫ ଟି ରେ ରୂପାନ୍ତରିତ ୯୫ ଟି ହାଇସ୍କୁଲ ର ଉଦଘାଟନ ହୋଇଛି । ସନ୍ଧ୍ୟା ୫ଘଂଟା ସମୟ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ସମସ୍ତ ସ୍କୁଲକୁ ଭରଚୁଆଲ ଯୋଗେ ଉଦଘାଟନ କରୁଛନ୍ତି । ବୋରିଗୁମ୍ମା ବ୍ଲକ ସସାହାଣ୍ଡି ୫ ଟି ହାଇସ୍କୁଲରେ ଏହି ଭାରଚୁଆଲ ଉଦ୍ଘାଟନ କାର୍ଯ୍ୟକ୍ରମ ହେଉଛି । ଏଥିପାଇଁ ଜିଲାପ୍ରଶାସନ ତରଫରୁ ଜୋର ଜାର ପ୍ରସ୍ତୁତି କରାଯାଇଛି । ଏଥିରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, କୋରାପୁଟ, ପଟାଙ୍ଗି, କୋଟପାଡ଼ ବିଧାୟକ ଏବଂ ନବରଙ୍ଗ ପୁର ସାଂସଦ ରମେଶ ମାଝି ଯୋଗଦେଇଥିଲେ । କୋରାପୁଟ ଜିଲ୍ଲାପାଳ ଅବଦୁଲ ଅଖତାର ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାର ସମସ୍ତ ବ୍ଲକର ବିଡିଓ ଏବଂ ପ୍ରଶାସନିକ କର୍ମଚାରୀ ଉପସ୍ଥିତ ରହିବେ । ସମସ୍ତ ୫ଟି ସ୍କୁଲ ରେ ସ୍ମାର୍ଟ କ୍ଲାସ ରୁମ, ଲାଇବ୍ରେରୀ, ଲେବରେଟୋରୀ, ଅତ୍ୟାଧୁନିକ ଖେଳ ପଡିଆ, ଚିତ୍ର ଏବଂ ହସ୍ତ କଳା ସହିତ ସୌନ୍ଦର୍ଯ୍ୟକରଣ କୁ ନେଇ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ଜଣାଇଛନ୍ତି ।

# କୃଷି ଓ ଲୋକକଳା ମେଳା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ ,୧୦/୦୬ (ନି.ପ୍ର): ପୁରୀ ଶରଧାବାଲି ମୁକ୍ତାକାଶ ରଙ୍ଗମଂଚ ଠାରେ ୨୦ ତମ ଲୋକକଳା ମେଳା ଓ ୧୩ ତମ କୃଷି ମେଳା ଚଳିତ ମାସ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଓ ଶୃଙ୍ଖଳା ର ସହ ଆୟୋଜନ କରିବାପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ସର୍କଟ ହାଉସ ସମ୍ମିଳନୀ ଗୃହ ରେ ହେଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଅଧକ୍ଷତା କରିବା ସହ ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ । ଆଇନ୍ ଶୃଙ୍ଖଳା, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଅଗ୍ନି ନିର୍ବାପକ, ବିଦ୍ୟୁତ ବ୍ୟବସ୍ଥା,ବ୍ୟାରିକେଡ଼ ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ବିଭିନ୍ନ ବିଭାଗ ର ପ୍ରଦର୍ଶନୀ ମଣ୍ଡପ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟ ସ୍ଥିରୀକୃତ କରାଗଲା । ପୂର୍ବତନ ଭାଇସ୍ ଚାନସ୍ଲେର ତଥା ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ର ଅଧକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ ବିବିଧ ପ୍ରସ୍ତାବ ସହ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପୁରୀ ର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗ ର ଅଧିକାରୀ, ଆୟୋଜନ କମିଟି ର ସଭାପତି ବଦ୍ରି ମିଶ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ଉପାଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପଦେଷ୍ଟା ଭଗବାନ ଜୟ ସିଂ,ଆୟୋଜକ ସମ୍ପାଦକ ସତ୍ୟବ୍ରତ ଦାସ, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ସାଂସ୍କୃତିକ ସଂପାଦକ ଶ୍ୟାମ ପ୍ରକାଶ ସେନାପତି, ସଦସ୍ୟ ପୁଷ୍କର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବଳଦେବ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୧୦/୦୬ (ନି.ପ୍ର): ଶାସ୍ତ୍ରୀୟ ତଥା ଶିଳ୍ପଶାସ୍ତ୍ର ବ୍ୟତିକ୍ରମେ ନବ ନିର୍ମିତ କେନ୍ଦୁଝର ସ୍ଥିତ ଶ୍ରୀ ବଳଦେବଜୀୟୁ ଙ୍କ ୭୨ ଫୁଟ ନନ୍ଦିଘୋଷ ରଥ ଗିନିଜ ବୁକରେ ସ୍ଥାନ ପାଇଥିବା କୁ ବିରୋଧ କରି କେନ୍ଦ୍ରାପଡା ବଳଦେବ ସେନା ପକ୍ଷରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି । ଏହି ସ୍ମାରକ ପତ୍ରରେ କେନ୍ଦୁଝର ସ୍ଥିତ ଶ୍ରୀ ବଳଦେବଜୀୟୁ ଙ୍କ ରଥ ପ୍ରଥମେ ୪୩ ଫୁଟ, ୨୦୧୬ ମସିହାରେ ୬୦ ଫୁଟ, ବିନା ଅନୁମୋଦନ ରେ ଏହି ରଥକୁ ୭୨ ଫୁଟକୁ ବର୍ଦ୍ଧିତ କରି ସମଗ୍ର ବିଶ୍ୱ ହିନ୍ଦୁ ମାନଙ୍କୁ ହତଚକିତ କରି ଦେଇଛନ୍ତି । କେନ୍ଦୁଝର ର ଶ୍ରୀ ବଳଦେବଜୀୟୁ ଙ୍କ ଦେବୋତର ସଂସ୍ଥାର ଏହି ରଥ ଶାସ୍ତ୍ରୀୟ ବିଧାନ ଅନୁଯାଇ ପ୍ରତି ବର୍ଷ ନିର୍ମାଣ ନହୋଇ କିଛିବର୍ଷ ବ୍ୟବହୃତ ହୋଇଥାଏ । ଏହା ବ୍ୟତୀତ ଶ୍ରୀ ବଳଦେବଜୀୟୁ ଙ୍କ ରଥର ନାମ ସମଗ୍ର ସଂସାର ରେ ତାଳଧ୍ୱଜ ହୋଇଥିବା ବେଳେ କେବଳ କେନ୍ଦୁଝରର ଆରାଧ ଦେବତା ଶ୍ରୀ ବଳଦେବଜୀୟୁ (ନନ୍ଦିଘୋଷ) ରଥରେ ଯାତ୍ରା କରିଥାନ୍ତି । ଯେଉଁ ବିଷୟରେ ଆମ୍ଭେମାନେ ସଂପୂର୍ଣ ଅନଭିଜ୍ଞ । କେବଳ ଗିନିଜ ବୁକରେ ନାମ ପଞ୍ଜିକରଣ କରିବା ଉଦ୍ଦେଶ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରାରମ୍ପରିକ ନନ୍ଦିଘୋଷ ରଥର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଛି ବୋଲି ଜଗନ୍ନାଥ ପ୍ରେମୀ ମାନେ ଚିନ୍ତା ପ୍ରକଟ କରୁ ଅଛନ୍ତି । ମନଇଚ୍ଛା ରଥ ନିର୍ମାଣ କରି ସମଗ୍ର ଓଡିଶାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ପଛରେ କି ପ୍ରକାର ରହସ୍ୟ ବା ପ୍ରତିଯୋଗିତା ମୂଳକ ମନୋଭାବ ରହିଛି ସେ ବିଷୟରେ ତଦନ୍ତ ବିଚାର ବିମର୍ଷ କରି ଶାସ୍ତ୍ରୀୟ ଭିତିରେ, ଧାର୍ମିକ ଚେତନାରେ ଓ ପ୍ରାରମ୍ପରିକ ପ୍ରକ୍ରିୟାରେ ସଠିକ ନ୍ୟାୟ ପ୍ରଦାନ କରିବା ପାଇଁ ପବିତ୍ର ତୁଳସୀ କ୍ଷେତ୍ରରୁ ବଳଦେବ ସେନା ପକ୍ଷରୁ ଦାବି କରାଯାଇଛି । ଡେପୁଟି କଲେକ୍ଟର ଅଶୋକ ମହାନ୍ତିଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଉପଦେଷ୍ଟା ନିରଞ୍ଜନ ମେକାପ, ସଭାପତି ପପୁନ କୁମାର ସ୍ୱାଇଁ, ସଂପାଦକ ଅମର କୁମାର ବାରିକଙ୍କ ସମେତ ନିରଞ୍ଜନ ସୁଆର, ଜ୍ୟୋତି ରଞ୍ଜନ ପତ୍ରୀ,ଆଶିଷ ପ୍ରଧାନ, ସତ୍ୟଜିତ କର, କିଶୋର ବେହେରା ପ୍ରମୁଖ ଦାବି କରିଛନ୍ତି ।

# ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

ଭୁବନ,୧୦/୦୬ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ପୁରୁଷୋତମପୁରଠାରେ ଅବସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ଚଳିତବର୍ଷ ୨୦୨୨-୨୩ ଶିକ୍ଷାବର୍ଷ ଆସନ୍ତା ୧୭ ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହେବ । ଏଥି ନିମନ୍ତେ ଆଜି ସ୍କୁଲ ପରିସରରେ ଶିକ୍ଷକ-ଅଭିଭାବକ ମାନଙ୍କର ଏକ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ପ୍ରିନିସପାଲ ପ୍ରତାପ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁମତୀ ପ୍ରଧାନ, ବିଜ୍ଞାନ ଶିକ୍ଷକସୁବାଷଚନ୍ଦ୍ର ପାତ୍ର, ଗଣିତ ଶିକ୍ଷକ ଦେବ ପ୍ରସାଦ ସେନ , ଓଡିଆ ଶିକ୍ଷୟିତ୍ରୀ ଶ୍ରୀମତୀ ଶିବାନୀ ବେହେରା ପ୍ରମୁଖ ଯେଗଦେଇ ବିଦ୍ୟାଳୟର ସୁବିଧା, ଅସୁବିଧା, ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ, ସୁରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବିଦ୍ୟାଳୟ ଉପର ମହଲା ବାରଣ୍ଡାକୁ ଗ୍ରିଲ ଦ୍ୱାରା କଭର କରାଯିବା , ପିଲାଙ୍କ ପିଇବା ପାଇଁ ଆକ୍ୱାଗାର୍ଡ ରଖାଯିବାକୁ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ, ଗିତାଞ୍ଜଳି ପଣ୍ଡା, ସୁମିତ୍ରା ନାୟକ ପ୍ରମୁଖ ଅଭିଭାବକମାନେ ଦାବି କରିଥିଲେ । ଏ ସଂପର୍କରେ ବିଡିଓ ଆର୍ଶୀବାଦ ପରିଡାଙ୍କୁ ଲିଖିତ ଭାବେ ଅଭିଯୋଗ କରିବାକୁ ଗୋଷ୍ଠୀ ଶିକ୍ଷାଧିକାରୀ ପରାମର୍ଶ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୨ ଜୁନ୍, ୨୦୨୨
email : rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

ଭାଗ-୭୮

# ମୋର୍ ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ତାଙ୍କର ଏହି ଭାଇ ଅପରାଧ ସ୍ୱୀକାର କରି ଘଟଣାର ସବିଶେଷ ବର୍ଣ୍ଣନା କରିଥିଲେ । ସେହି ବର୍ଣ୍ଣିତ ଘଟଣାର ସତ୍ୟାସତ୍ୟ ନିରୂପଣ ସକାଶେ ତଦାନୀନ୍ତନ ଜିଲ୍ଲା ମାଜିଷ୍ଟ୍ରେଟ୍ କିଲ୍‌ବି ସାହେବ (R.g. kilby, I.C.S) ମୋତେ ପଠାଇଥିଲେ । ଯେହେତୁ ସ୍ୱୀକାରୋକ୍ତି ପରେ ତାହା ମିଥ୍ୟା ଥିବା ଓ ପୋଲିସ ବାଧ୍ୟକରି ତାହା ଆଦାୟ କରିଥିବା ଅଭିଯୋଗ ହୋଇଥିଲା । ଖୁନ୍‌ର ବିଷୟ ଏହା ଥିଲା ଯେ, ନିହତ ବ୍ୟକ୍ତି ଜଣେ ସୁଧଖୋର ମହାଜନ । ଆସାମୀମାନେ ତାହାର ଋଣ ପରିଶୋଧ କରିବା ବାହାନାରେ ତାହାକୁ ଘରୁ ଡାକିନେଇ ଗୋଟିଏ ବାଉଁଶ ବଣରେ ତାକୁ ହତ୍ୟାକରି ରାତାରାତି ତାହାର ଲାସ୍‌କୁ ପୋଡ଼ିଦେଇଥିଲେ । ତାହାର ବାସଗୃହଠାରୁ ଆରମ୍ଭ କରି ଯେଉଁ ବାଉଁଶ ବଣରେ ଖୁନ୍ ହୋଇଥିଲା ବୋଲି ପ୍ରକାଶିତ ହୋଇଥିଲା, ତାହା ଏବଂ ଅନ୍ୟାନ୍ୟ ସ୍ଥାନମାନ ଦେଖି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟମାନ ତଦନ୍ତକରି ତାହାର ସ୍ୱୀକାରୋକ୍ତି ମିଥ୍ୟା ଥିବା ଲେଖିଥିଲି । ପରିଶେଷରେ ଦୌରାଅଦାଲତରେ ମୁଁ ଜମାନବନ୍ଦୀ କରିଥିଲି ଓ ଆସାମୀମାନେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ପ୍ରେସିଡେଣ୍ଟଙ୍କଠାରୁ ଏହା ଶୁଣି ମୋର ଏହି ଘଟଣା ସଂକ୍ରାନ୍ତ ସମସ୍ତ କଥା ସ୍ମରଣ ହେଲା । ଜଣେ ଉତ୍ପୀଡ଼କ ମହାଜନର ଖୁନ୍ ହୋଇଥିବା କଥା ସତ୍ୟ, କିନ୍ତୁ ପ୍ରମାଣାଭାବରେ ପୋଲିସ ପ୍ରେସିଡେଣ୍ଟଙ୍କ ଭାଇକୁ ଶିଖାଇ ତାକୁ ସରକାରୀ ସାକ୍ଷ୍ୟ (Approver) କରିବା ଲୋଭ ଦେଖାଇ ସ୍ୱୀକାରୋକ୍ତି କରାଇଥିଲେ । କିନ୍ତୁ ପରିଶେଷରେ ସେ ତାହା ପ୍ରତ୍ୟାହାର କରି ଦରଖାସ୍ତ ଦେବାରୁ ଜିଲ୍ଲା ମାଜିଷ୍ଟ୍ରେଟ୍ ଉକ୍ତ ସ୍ୱୀକାରୋକ୍ତିର ସତ୍ୟାସତ୍ୟ ଅନୁସନ୍ଧାନ କରିବା ସକାଶେ (Verification of Confession) ମୋତେ ପଠାଇଥିଲେ ଓ ତାହା ମିଥ୍ୟା ଥିବା ମୁଁ ରିପୋର୍ଟ କରିଥିଲି । ପ୍ରେସିଡେଣ୍ଟ ମୋତେ ଯତ୍‌ପରୋନାସ୍ତି ସମ୍ମାନ ଦେଖାଇ ଏକାବେଳକେ ତାଙ୍କ ଘରଭିତରକୁ ଡାକି ନେଇଗଲେ ଓ ଚିତ୍କାର କରି କହିଲେ, 'ଆପଣ ଦେବତା । ଆଜି ମୋ ଘରେ ପଦଧୂଳି ଦେଇଅଛନ୍ତି । ଆଜି ମୁଁ କେଡ଼େ ପାପ କରିବାକୁ ଯାଉଥିଲି ।' ମୁଁ ମନ୍ତ୍ରମୁଗ୍ଧ ତୁଲ୍ୟ ଦଣ୍ଡାୟମାନ ହୋଇ ରହିଲି । ତତ୍ପରେ ସେ ମୋତେ ଗୋଟିଏ ଆସନରେ ବସାଇ ଘର ଭିତରକୁ ଗଲେ ଓ ପରେ ଫେରିଆସି ମୋ ପାଦ ଧୋଇଦେଇ ସେହି ଜଳ ତୁଣ୍ଡରେ ଗ୍ରହଣ କଲେ । ତାଙ୍କ ପଛକୁ ଜଣେ ବୟସ୍କା ସ୍ତ୍ରୀ(ତାଙ୍କ ପତ୍ନୀ) ଓ ତାଙ୍କ ପଛକୁ ଯୁବତୀ କନ୍ୟା, ପୁତ୍ରବଧୂ ଓ ସମସ୍ତଙ୍କ ପଛକୁ ସେହି ଖୁନୀ ଆସାମୀ ତାଙ୍କ ଭାଇ ଅଭୟ ଆସି ତୁଲ୍ୟ ମୋର ପଦଧୌତ ଜଳ ନିଜ ନିଜ ତୁଣ୍ଡରେ ପକାଇବାକୁ ଲାଗିଲେ । ମୋର ବିନତୀ ବାରଣ ଆଦୌ ମାନିଲେ ନାହିଁ । ଅଭୟ ମୋ ଆଗରେ ସାଷ୍ଟାଙ୍ଗ ପ୍ରଣିପାତ ହେଲା ଓ ହଜୁରଙ୍କ କୃପାରୁ ବଞ୍ଚିଛି ବୋଲି ଛଳଛଳ ଚକ୍ଷୁରେ କହିଲା । ଏ ସମସ୍ତ କାର୍ଯ୍ୟ ଦେଖି ମୁଁ ଅବାକ୍ । ଏକ ଅଭୂତପୂର୍ବ ଭାବରେ ତନ୍ମୟ ହୋଇ ରହିଲି । ଭାବିବାକୁ ଲାଗିଲି, ହୋଇଥିଲା କ'ଣ ଆଉ ହେଲା କ'ଣ ? ସଂସାରରେ କେତେ ଘଟଣା ଘଟିଯାଇଛି ତାହା କିଏ ସ୍ମରଣ କରୁଅଛି ? ଆଜିକୁ କୋଡ଼ିଏ ବର୍ଷ ତଳର କଥା । ଏହି ହିନ୍ଦୁ ପରିବାର ଅତୀତ ଘଟଣାଟିର ସ୍ମୃତିରେ ଆଜି ଗଭୀର କୃତଜ୍ଞତାର ପରିଚୟ ଦେଉଅଛନ୍ତି । ମୁଁ ସେମାନଙ୍କ ଆଗରେ କେବଳ କହିଲି, 'ମୁଁ ମୋର କର୍ତ୍ତବ୍ୟ କରିଥିଲି ମାତ୍ର ଆପଣମାନେ ମୋ ପ୍ରତି ଯେଉଁ ସଦୟ ବ୍ୟବହାର କରୁଅଛନ୍ତି, ପ୍ରକୃତରେ ମୁଁ ତାହାର ପାତ୍ର ନୁହେଁ; ବରଂ ମୁଁ ଆଜି ଆପଣଙ୍କ ପ୍ରତି ଯେଉଁ ଦୁର୍ବ୍ୟବହାର କରିଅଛି, ତହିଁ ସକାଶେ ମୁଁ ଲଜ୍ଜିତ ଓ ଦୁଃଖିତ । ଆପଣମାନଙ୍କଠାରେ ମୁଁ କ୍ଷମାଭିକ୍ଷା କରୁଅଛି । ମୋତେ କ୍ଷମାକଲେ ବୋଲି ଶୁଣିଲେ ମୁଁ ଆଶ୍ୱସ୍ତ ହେବି ।' ଏହି ପ୍ରକାରେ ଗୋଟିଏ ପ୍ରକୃତ ଘଟଣାର ଅଭିନୟ ହେଲା । ମୁଁ ଘର ବାହାରକୁ ଆସିଲି ଓ ସ୍ନାନାଦି ସମାପନ କରି ଅଳ୍ପ ସମୟ ମଧ୍ୟରେ ବ୍ରାହ୍ମଣ ପାଚକଦ୍ୱାରା ପ୍ରସ୍ତୁତ ଅତି ଉପାଦେୟ ଅନ୍ନ ବ୍ୟଞ୍ଜନାଦି ଆହାର କଲି । ପ୍ରେସିଡେଣ୍ଟଙ୍କ ପତ୍ନୀ ମୋ ପାଖରେ ବସି ମାତା ପୁତ୍ରକୁ ଆହାର କରାଇଲା ତୁଲ୍ୟ ମୋତେ ଯତ୍ନ ସହକାରେ ଆହାର କରାଇଲେ । ମୋର ହୃଦୟ ଗଭୀର କୃତଜ୍ଞତା ଓ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ଅପରାହ୍ନ ଚାରିଟାବେଳେ ପାଲିଙ୍କି ଆସିଲା ଓ ତହିଁରେ ମୁଁ କାଖଡ଼ା ଅଭିମୁଖେ ଯାତ୍ରା କଲି । ପ୍ରେସିଡେଣ୍ଟ ଓ ତାଙ୍କ ଭାଇ ମୋ ସଙ୍ଗେ ଗଲେ ଓ କାଖଡ଼ାରେ ମୋତେ ଯେଉଁ ଦୁଇଦିନ ରହିବାକୁ ହୋଇଥିଲା ସେଠାରେ ସେମାନେ ମୋ ସଙ୍ଗେ ରହିଥିଲେ, ଫେରିବା ବେଳେ ପୁଣି ତାଙ୍କ ଘରେ ଆତିଥ୍ୟ ଗ୍ରହଣ କରିଥିଲି । ମୋତେ ମାଠିଆଏ ଖଜୁରୀ ଗୁଡ଼ ଓ ବସ୍ତାଏ ନଡ଼ିଆ ଦେଇଥିଲେ । ତାହା ନେଇ ମୁଁ ବାଲେଶ୍ୱର ଫେରିଥିଲି ।

ଇତିପୂର୍ବେ କାଖଡ଼ା ଗ୍ରାମ ସମ୍ବନ୍ଧରେ ସାମାନ୍ୟ ସୂଚନା ଦିଆଯାଇଅଛି । ଏହି ଗ୍ରାମରେ ବଙ୍ଗାଳୀ ଓ ଓଡ଼ିଆ ଛାଡ଼ି ଆଉ ଏକ ଜାତିର ଲୋକେ ଅଛନ୍ତି । ସେମାନଙ୍କୁ 'ସାଗରପେଷା' କୁହାଯାଏ । ସାଗରପେଷାମାନେ ଭିନ୍ନ ଜାତିଆ ସ୍ତ୍ରୀ ଗର୍ଭରୁ ବଙ୍ଗାଳୀ କାୟସ୍ଥଙ୍କ ଔରସ ଜାତ ସନ୍ତାନ । ଦେଖିଲି ଏହି ଗ୍ରାମରେ ଏମାନେ ଧନୀ ଓ କାୟିକ ପରିଶ୍ରମଦ୍ୱାରା ନିଜ ନିଜ ଅବସ୍ଥା ସ୍ୱଚ୍ଛଳ କରିପାରିଅଛନ୍ତି । ବିଦ୍ୟାବଳ ଏମାନଙ୍କର ନାହିଁ । ବିଦ୍ୟାବଳ ନଥିଲେ ସୁଦ୍ଧା ସଂସାରରେ ଅବସ୍ଥା ଓ ସମୟ ଭେଦରେ ଧନବଳ ହେୟ ନୁହେଁ । ବଙ୍ଗାଳୀମାନେ ସାଗରପେଷାଙ୍କ ଉପରେ ଦୌରାତ୍ମ୍ୟ କରି ଉଭୟ ଶ୍ରେଣୀ ମଧ୍ୟରେ ଗଭୀର ଭେଦ ସୃଷ୍ଟି କରିଥିଲେ ଓ ତଦନ୍ତରେ ବୁଝିଲି ପୂର୍ବୋକ୍ତ ବେନାମୀ ପତ୍ର ତହିଁର ଫଳ । ଏହି ଗ୍ରାମ ମେଦିନୀପୁର ଜିଲ୍ଲାର ସୀମାରେ ଅବସ୍ଥିତ । ମେଦିନୀପୁର ବାଲେଶ୍ୱର ଜିଲ୍ଲାର ସୀମାରେଖା କାଖଡ଼ା ଗ୍ରାମର କେତେକ ଅଧିବାସୀଙ୍କ ବାସଗୃହ ମଧ୍ୟଦେଇ ଯାଇଅଛି । ଏହି ସମୟକୁ ମେଦିନୀପୁରରେ ରାଜନୈତିକ ଆନ୍ଦୋଳନ ଫଳରେ ତିନିଜଣ ଗୋରା ଜିଲ୍ଲା ହାକିମଙ୍କୁ ହତ୍ୟା କରାହୋଇଥିଲା । ଆତଙ୍କମୂଳକ ଆନ୍ଦୋଳନ ବାଲେଶ୍ୱର ଜିଲ୍ଲାଭିମୁଖରେ ବିସ୍ତୃତ ହେବ, ଏହି ଭାବର ସୂଚନା ପ୍ରୋକ୍ତ ବେନାମୀ ପତ୍ରରେ ଦିଆହୋଇଥିଲା । ତଦନ୍ତରେ ବୁଝିଲି, ତାହା ନିତାନ୍ତ ଅମୂଳକ । ଉଭୟ ଦଳ ମଧ୍ୟରେ ସଦ୍ଭାବନ ସ୍ଥାପନ କରିବା ଉଦ୍ୟମ କରିଥିଲି ଓ ମୋ ଉପଦେଶରେ ସୁଫଳ ଲାଭ ହୋଇଥିଲା । ଗ୍ରାମବାସୀ ସମସ୍ତେ ଗୋଟିଏ ଭୋଜି କଲେ ଓ ଉଭୟ ଦଳ ତହିଁରେ ଏକତ୍ର ବସି ଭୋଜନ କରି ବିବାଦର ଉପଶମ କରିଥିଲେ ।

ବାଲେଶ୍ୱର ସହରକୁ ଲାଗି ଫରାସୀଡ଼ିଙ୍ଗା, ମାତ୍ର ୪୫ ଏକା ଭୂମି ସହ ଫ୍ରାନ୍‌ସ ଅଧିକୃତ ଏକ କ୍ଷୁଦ୍ର ଗ୍ରାମ । ଇଂରେଜ ଅଧିକୃତ ବଙ୍ଗ ପ୍ରଦେଶ ବେଷ୍ଟିତ ଚନ୍ଦନ ନଗରରେ ସ୍ଥାପିତ ଫରାସୀ ସରକାରଙ୍କ ଶାସନାଧିନ । ଗ୍ରାମ ବୁଝାମଣା କରିବା ପାଇଁ ଗ୍ରାମର ଜଣେ ଲୋକ ନିଯୁକ୍ତ ଥାଏ । ଅନ୍ୟ ଦେଶୀୟ ଶାସନାଧୀନ ଥିଲେ ହେଁ ଏହି ଗ୍ରାମବାସୀ ସମସ୍ତ ଇଂରେଜ ଶାସନାଧୀନ ବାଲେଶ୍ୱର ସହିତ ଚଳାଚଳ ହୁଅନ୍ତି । କିନ୍ତୁ ଏମାନଙ୍କ ଜୀବନଯାତ୍ରା ବିନା ଗଉଡ଼ର ଗାଈ ତୁଲ୍ୟ । ଚୈତ୍ର ସଂକ୍ରାନ୍ତି ଦିନ ଏଠାରେ ଚଡ଼କ ପୂଜା ହୁଏ । ବେଆଇନ୍ ଭାବରେ ମଦ ଦିଆରି ହୁଏ; ଚୋରା ଅଫିମ ବିକ୍ରି ହୁଏ । ଘରେ ଘରେ ଗଞ୍ଜେଇ ଗଛ ଓ ଗୁଲିଖଟି । ଏହି ସମୟରେ ବାଲେଶ୍ୱର ଏକ ଅଫିମ ପ୍ରସିଦ୍ଧ ଜିଲ୍ଲା ବୋଲି ଦୁର୍ନାମ ଅର୍ଜନ କରିଥିଲା । ବାଲେଶ୍ୱର ସହରରୁ ଗୁଲିଖୋର ଲୋକମାନେ ଆସି ଶସ୍ତା ମୂଲ୍ୟରେ ଅଫିମ ଗଞ୍ଜେଇ ଖାଇ ଯା'ନ୍ତି । ଏ ସମସ୍ତ ବେଆଇନ୍ କାର୍ଯ୍ୟ ଯୋଗୁଁ ବାଲେଶ୍ୱରରେ ଅବକାରୀ ବିଭାଗର ଶାସନରେ ବ୍ୟାଘାତ ଜାତ ହୋଇ ଏହି ବିଭାଗର ଆୟ ଊଣାହେବାକୁ ବସିଲା । ଏଥି ସକାଶେ ବାର୍ଷିକ ଚାରିହଜାର ଟଙ୍କା ବିନିମୟରେ ଭାରତ ସରକାର ଏହି ଗ୍ରାମର ଇଜରା ନେଇଥିଲେ । ପ୍ରଜାଙ୍କଠାରୁ ପ୍ରାପ୍ୟ ଏହି ଗ୍ରାମର ରାଜସ୍ୱ ମାତ୍ର ୧୫୦ ଟଙ୍କା ଆଦାୟର ଭାର ମୋ ଉପରେ ନ୍ୟସ୍ତ ହୋଇଥିଲା । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।



ଭାଗ- ୫୨

### ॥ ତୁ ମୋ ସୁନା ତୁ ମୋ ହୀରା... ॥

ପୂର୍ବରୁ କହିଛି 'ଗୁଡବୟ' ଗୋଟିଏ ସଫଳ ଚଳଚ୍ଚିତ୍ର ଥିଲା । ବିଶେଷକରି ସ୍କ୍ରିପ୍ଟିଂ ନେଇ ମୁଁ ବେଶ୍ ଖୁସିଥିଲି । ନାଟକୀୟତା କେବଳ ମେଲୋ ବା ଅତିରଂଜନରେ ନଥାଏ ଏବଂ କାଜୁଆଲ୍ ସଂଳାପ ପ୍ରୟୋଗରେ ମଧ୍ୟ ସୁନ୍ଦର ଭାବେ ନାଟକୀୟତାକୁ ପରିସ୍ଫୁଟନ କରାଯାଇପାରେ । 'ଗୁଡ୍‌ବୟ'ର ପ୍ରତିଟି ସିକ୍ୟୁଏନ୍ସକୁ ଆମେ ସଫଳ କରି ଗଢ଼ି ତୋଳିବାକୁ ଚେଷ୍ଟା କରିଥିଲୁ । ହାସ୍ୟରସ ପାଇଁ ସ୍ୱତନ୍ତ୍ର ସିକ୍ୟୁଏନ୍ସ ବା ପାରାଲାଲ୍ ଟ୍ରାକ୍‌ର (ଯାହା ପ୍ରାୟତଃ ସାଉଥ୍ ଫିଲ୍ମମାନଙ୍କରେ ଦେଖାଯାଏ) ଆବଶ୍ୟକତା ନଥାଏ । ସିକ୍ୟୁଏନ୍ସ କମେଡି ସୃଷ୍ଟି କରାଯାଇପାରେ ଏବଂ ଏସବୁ ଯେ' ସଫଳ ଏକଥା ସମସ୍ତେ ସ୍ୱୀକାର କରିବେ ।

'ଗୁଡ୍‌ବୟ'ର ନାୟିକା ଥିଲେ ପ୍ରିୟା । ଚମତ୍କାର ଅଭିନୟ କରିଥିଲେ । ଯଦିଓ ଚଳଚ୍ଚିତ୍ରଟି ନାୟକ ପ୍ରାଧାନ୍ୟ କାହାଣୀ ଉପରେ ପର୍ଯ୍ୟବେସିତ, ପ୍ରିୟା କିନ୍ତୁ କାହାଣୀ ଶୁଣି ରାଜି ହୋଇଯାଇଥିଲେ । 'ଗୁଡ୍‌ବୟ'ର ସଫଳତା ପରେ ପ୍ରଯୋଜକ କିନ୍ତୁ ଦ୍ୱିତୀୟ ଚଳଚ୍ଚିତ୍ରର ପ୍ରଯୋଜନା ପାଇଁ ଆଗ୍ରହ ପ୍ରକାଶ କଲେନାହିଁ । ଶୁଣିଲି ଆର୍ଥିକ ଦୃଷ୍ଟିକୋଣରୁ କ୍ଷତିଗ୍ରସ୍ତ ହୋଇଥିଲେ ।

ତେବେ ୨୦୧୩ ମସିହାରେ ମୋର ଚାରିଗୋଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । 'ତୁ ମୋ ସୁନା ତୁ ମୋ ହୀରା', 'ଦିୱାନା ଦିୱାନୀ', 'ସପନର ନାୟିକା' ଓ 'ପ୍ରେମିକା' । ପ୍ରାୟ ଦୁଇମାସ ଅନ୍ତରରେ ଚଳଚ୍ଚିତ୍ର ଗୁଡ଼ିକ ମୁକ୍ତିଲାଭ କରିଥିଲା । ୨୦୧୩ରେ ମୋର ପ୍ରଥମ ଚଳଚ୍ଚିତ୍ର ଥିଲା 'ତୁ ମୋ ସୁନା ତୁ ମୋ ହୀରା' । ଜାନୁଆରୀ ଏକ ତାରିଖରେ ଓଡ଼ିଶାର ପ୍ରେକ୍ଷାଳୟ ମାନଙ୍କରେ ମୁକ୍ତିଲାଭ କରିଥିଲା । ଜୟଦେବ ମଣ୍ଡଳ ଥିଲେ ଏହାର ପ୍ରଯୋଜକ ଓ ରାଜୀବ ମହାନ୍ତି ଥିଲେ ନିର୍ଦ୍ଦେଶକ । ନିର୍ଦ୍ଦେଶକ ରାଜୀବ ମହାନ୍ତିଙ୍କ ସହ ଏହା ଥିଲା ମୋର ଦ୍ୱିତୀୟ ଚଳଚ୍ଚିତ୍ର । ମାତ୍ର ବାସ୍ତବରେ ଏହାଥିଲା ପ୍ରଥମ ଚଳଚ୍ଚିତ୍ର । 'ଚୋରି ଚୋରି ମନ ଚୋରି' ପ୍ରଥମେ ରିଲିଜ୍ କରିଥିଲା ଯଦିଓ ତା ପୂର୍ବରୁ 'ତୁ ମୋ ସୁନା ତୁ ମୋ ହୀରା' ନିର୍ମିତ ହୋଇଥିଲା । ମାତ୍ର ବିଭିନ୍ନ ଅସୁବିଧା ବଶତଃ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାରେ ଅହେତୁକ ବିଳମ୍ବ ହୋଇଥିଲା ।

> ୨୦୧୩ ମସିହାରେ ମୋର ଚାରିଗୋଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । 'ତୁ ମୋ ସୁନା ତୁ ମୋ ହୀରା', 'ଦିୱାନା ଦିୱାନୀ', 'ସପନର ନାୟିକା' ଓ 'ପ୍ରେମିକା' । ପ୍ରାୟ ଦୁଇମାସ ଅନ୍ତରରେ ଚଳଚ୍ଚିତ୍ର ଗୁଡ଼ିକ ମୁକ୍ତିଲାଭ କରିଥିଲା । ୨୦୧୩ରେ ମୋର ପ୍ରଥମ ଚଳଚ୍ଚିତ୍ର ଥିଲା 'ତୁ ମୋ ସୁନା ତୁ ମୋ ହୀରା' । ଜାନୁଆରୀ ଏକ ତାରିଖରେ ଓଡ଼ିଶାର ପ୍ରେକ୍ଷାଳୟ ମାନଙ୍କରେ ମୁକ୍ତିଲାଭ କରିଥିଲା ।

ଜୟଦେବ ମଣ୍ଡଳ ଅର୍ଥ ଖଟାଇଥିଲେ ସତ ମାତ୍ର ବାସ୍ତବରେ ନିର୍ଦ୍ଦେଶକ ରାଜୀବ ମହାନ୍ତି ହିଁ ପ୍ରଯୋଜନା ପରିଚଳାନା କରୁଥିଲେ । ବହୁ ଆଲୋଚନା ପରେ ବବି ମିଶ୍ରଙ୍କୁ ନାୟକ ଭାବରେ ନିଆଗଲା । କାହାଣୀଟି ଏକ ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଦ୍ୱାରା ପ୍ରଭାବିତ ଥିଲା । ଜଣେ ବଂଗୀୟ ନାୟିକା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ବହୁ ପ୍ରତିଷ୍ଠିତ କଳାକାର ଏଥିରେ ଅଂଶଗ୍ରହଣ କରିଥିଲେ । ହାସ୍ୟରସରେ ଆମେ ହୃଷିକେଶଙ୍କୁ ପ୍ରଥମ କରି ବଳିଷ୍ଠ ଭୂମିକାରେ ନେଇଥିଲୁ । ହୃଷି ଚମତ୍କାର ଅଭିନୟ କରିଥିଲେ ଓ ୨୦୧୩ ମସିହା ନିମନ୍ତେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଥିଲେ ।

ଚଳଚ୍ଚିତ୍ରଟିର ସଫଳ ଦିଗ ଥିଲା ଏହାର ସଂଗୀତ । ପ୍ରଶାନ୍ତ ପାଢ଼ୀ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ବଡ଼କଥା ହେଲା ଏହି ଚଳଚ୍ଚିତ୍ରରେ ମୁଁ ଏକ କ୍ଷୁଦ୍ର ଭୂମିକାରେ ଅଭିନୟ କରିଥିଲି । ଭୂମିକାଟି କ୍ଷୁଦ୍ର ଥିଲେ ହେଁ ବେଶ୍ ହାସ୍ୟରସ ସୃଷ୍ଟି କରିଥିଲା । ତାହା ଜଣେ ତଥାକଥିତ ଫିଲ୍ମ ଡାଇରେକ୍ଟରଙ୍କ ଭୂମିକା ଥିଲା । ସବୁଠୁ ବଡ଼ କଥା ହେଲା ଏହି ଚଳଚ୍ଚିତ୍ରଟିରେ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ଗୀତ ରଚନା କରିଥିଲି । ଗୀତଟି ପ୍ରି କ୍ଲାଇମାକ୍ସରେ ଥିଲା । ନାୟିକାର ଭାବାବେଗ ପୂର୍ଣ୍ଣ ଭାବରେ ପ୍ରକାଶିତ ହୋଇଥିଲା । ଗୀତ ରଚନା ସମୟରେ ମୁଁ ବେଶ୍ ସତର୍କତା ଅବଲମ୍ବନ କରିଥିଲି । ଗୀତଟିକୁ ସମସ୍ତେ ପସନ୍ଦ କରିଥିଲେ ।

ଚଳଚ୍ଚିତ୍ରଟି ଆର୍ଥିକ ଦୃଷ୍ଟିକୋଣରୁ କେତେଦୂର ସଫଳ ହେଲା କି ବିଫଳ ହେଲା ସେ କଥାର ହିସାବ ମୋ ପାଖରେ ନାହିଁ । ତେବେ ଚଳଚ୍ଚିତ୍ରଟି ମତେ ଖୁବ୍ ତୃପ୍ତି ଆଣି ଦେଇଥିଲା । ବିଶେଷକରି ସଂଳାପ ଅପେକ୍ଷା ଗୀତ ରଚନାରେ ମୁଁ ବେଶ୍ ସନ୍ତୁଷ୍ଟ ଥିଲି । ନାୟକ ଭାବରେ ବବି ମିଶ୍ର ମଧ୍ୟ ଚମତ୍କାର ଅଭିନୟ କରିଥିଲେ । (କ୍ରମଶଃ)

## ଆମ ସମୟର କବିତା.....

### ॥ କୃଷ୍ଣଚୂଡ଼ାର ଲୁହ ॥

ଯଶୋଧାରା ଦାସ



ଜୁନର ତାତି ଯେତେ ବଢୁଥାଏ
ସେତେ ବେଶି ଲାଲ ଦିଶେ
ଡାଳଭର୍ତ୍ତି ଫୁଲର ସମ୍ଭାର

ଆଜିକାଲି କେହି ଗୀତ ଗାଏ ନାହିଁ
'ନାଲି, ନାଲି ଏଇ କୃଷ୍ଣଚୂଡ଼ା ଗୋ
ଡାକଇ ମୋତେ ଡାକଇ...
ଦ୍ୱିପହରର ଉଦୁଉଦୁଆ ଖରାରେ
ଝିଅଟିଏ ଘଂଟା ଘଂଟା ଅପେକ୍ଷା କରେନାହିଁ
କୃଷ୍ଣଚୂଡ଼ା ମୂଳରେ ପାଣିଟାଙ୍କି ପାଖରେ
ସହରଭର୍ତ୍ତି ଶୀତତାପ ନିୟନ୍ତ୍ରିତ
ଆଇସ୍‌କ୍ରିମ୍ ପାର୍ଲର ଆଉ ପିଜା ସେଣ୍ଟର
କୃଷ୍ଣଚୂଡ଼ାକୁ ସାକ୍ଷୀରଖି
କେହି କରେନାହିଁ ଶପଥ
ଫୁଲମାନେ ଆନନ୍ଦରେ ଦୋହଲନ୍ତି ନାହିଁ
ମିଠା ମିଠା କଥା ଶୁଣି ପ୍ରେମିକ, ପ୍ରେମିକାଙ୍କର
ହ୍ୱିଲ ଚେୟାର ଉପରେ ବସିଥିବା
ବାନ୍ଧବୀର ଅନୁରୋଧ
'ଥରଟିଏ ମୋତେ ପାଣିଟାଙ୍କି ପାଖରେ
ସେଇ କୃଷ୍ଣଚୂଡ଼ା ଗଛ ପାଖକୁ
ନେଇଯାଇ ପାରିବୁ ମୋତେ ?'
ଯେଉଁଠି ମୁଁ ଅପେକ୍ଷା କରୁଥିଲି...

ମୁଁ କେମିତି ବୁଝାଇବି ତାକୁ
ତୋ ପରି ଅଲୋଡ଼ା ହୋଇଯାଇଛି
ସେଇ ବୁଢ଼ା କୃଷ୍ଣଚୂଡ଼ା ଗଛ
ତା' ଲୁହକୁ କିଏ
ଦେଖି ପାରେ କି ନାହିଁ ମୁଁ ଜାଣିନି ।

♥ ଗୋପାଳଗାଁ, ବାଲେଶ୍ୱର
ମୋ: ୯୯୩୭୮୧୯୧୮୭

### ॥ ସ୍ମୃତିପୃଷ୍ଠା ॥

ବାବାଜୀ ଚରଣ ଜେନା



ଅତୀତର ସେଇ ସ୍ମୃତି ପୃଷ୍ଠାକୁ ମୁଁ
କେବେଠୁ ଦେଇଛି ଚିରି
ବଞ୍ଚିବା ପାଇଁକି ଲଢ଼େଇ କରିଛି
ସବୁକିଛି ପରକରି
ଅତୀତର ସେଇ... ।

ଭଲ ପାଇବାର ଛଳନା କରିଲ
ତଥାପି ଗଲି ମୁଁ ସହି
ତୁମକୁ ନିଜର କରିବା ପାଇଁ କି
ଲୁହ ସବୁ ଗଲି ପିଇ
ମୁଁ ନୁହଁ ତୁମର କଣ୍ଢେଇଟିଏ ତ
ଖେଳୁଥିବ ହାତେ ଧରି
ଅତୀତର ସେଇ... ।

କଥା ଭାଙ୍ଗି ତମେ ପ୍ରତାରଣା କଲ
ବିଶ୍ୱାସରେ ବିଷ ଦେଇ
କେତେ ଦିନ ଆଉ ସହିଥାନ୍ତି କୁହ
ଏକା ଚାଲିବାକୁ
ଶେଷରେ ମୁଁ ବାଛି ନେଲି
ଅତୀତର ସେଇ... ।

♥ଅହଲ୍ୟା ନିବାସ,
ପୋପରଡ଼ା, କଟକ-୪
ମୋ: ୯୪୩୭୮୩୪୭୧୯

### ॥ ସତରେ, ମୁଁ ଅଛି ! ॥



ନକୁଳ ଚଂଦ୍ର ସାହୁ

ଆସ
ମୃତ୍ୟୁଂଜୟ ଆଶଳ
ଜଡତ୍ୱ
ନାଶା ଭାଷା !

ନବନବ ସଂଗୀତ
ହୃଦୟଟିକୁ ମୋ
କରି ଦେଇଛ ଜୀବଂତ
ଯେମିତି କଦଂବ ପୁଷ୍ପ !

ସ୍ୱର୍ଣ୍ଣ ସୌର ରଶ୍ମି ପୋଛୁଚି
ଅଂତର ବ୍ୟଥା
ମର୍ମର କଥା
କରଜର ସବୁ ମରୀଚିକା !
ସ୍ଫୁଟ ଫେନରାଜୀ
ଯାଅ ଭାସିଭାସି
ଅବିର ରଂଗର ଛବି
ସମର୍ପିତ ତୃପ୍ତି ଓ ଅତୃପ୍ତି !

ମୋହର ବଂଧନ ଓ ମୋହର ମୁକ୍ତି
ତୁମରି ଲୀଳା ଦୁଃଖର ନାବଟି
ସଦା ଭାସୁଚି !

ଅନଂତର ନିତ୍ୟ ଧାରା
ବିଚିତ୍ର ରାଗରେ ତା'ର ଗୀତ ଗାଉଚି
'ମୁଁ ଅଛି', 'ମୁଁ ଅଛି' !

ଦୁଃଖ ଆରପଟୁ
ନିତ୍ୟ ଧାରାଟି ଉଚ୍ଛୁଳି ଉଠୁଚି ।

♥ ଶବ୍ଦଘର, ଗୋଡ଼ିସାହି, କଟକ

### ॥ କୁହୁଡ଼ି ॥

ଡକ୍ଟର ଶ୍ରୀହରି ଧଳ



କେବେ
ମିଛ ଦିଶେ
ସତ ଦିଶେନା ।
କୁହୁଡ଼ି ସେପାଖେ ଥାଏ
ଖଣ୍ଡେ ଜକଜକ ପାପ ।
କୃତଘ୍ନ ଖେଳର ଚାଲବାଜି ।
ଉପରେ ଘୋଡ଼େଇ ଦେଇ
ଚକ୍‌ଚକ୍ ଖରା
ଓଠରେ ଲଟକାଇ
ମୁଖସ୍ତ ସ୍ତୋତ୍ର
ଚାଲେ ପାପୀର ସତ୍ୟପାଠ ।
କୁହୁଡ଼ି ବାଡ଼ ସେପାଖେ ପଚୁଥାଏ
ଦେହଫର୍ଦ୍ଦ ।
ପଢ଼ିନି ତ ଟୋପାଏ-
ରକ୍ତ ।
ଶୁଭିନି ନାକ ସୁଁ ସୁଁ
କୁହୁଡ଼ି ବାଡ଼ ସେପାଖେ ।
ଏଥର ଜିଭହୀନ ଖନା,
ଆଖି ନଥିବା ଅନ୍ଧ
କଳିଜା ନଥିବା
ଛାତି ଖୋଳ ଥାଏ
କାଠଗଡ଼ାରେ ।
କୁହୁଡ଼ି-
ପିନ୍ଧେଇ ଦିଏ
ସତକୁ ମିଛ
ପାପକୁ-
ପୁଣ୍ୟର ଜହ୍ନ ରାତି । ଚାଲେ-
ହାତୀକୁ ନେଇ
ଅନ୍ଧ ଆକଳନ ।

ଡାଉଁତରା, କପାସି,
ଚିତାଳୋ, ଯାଜପୁର
(ମୋ) ୯୪୩୮୪୩୭୦୯୨

### ॥ ମୁଁ ଏବେ ନିଜତ୍ୱର ଅନ୍ୱେଷଣରେ ॥



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ୍

ଦେଖ ଜହ୍ନଟା ଜଗିଛି ଅମା ରାତିର କଳଙ୍କ ଛିଟାକୁ,
ମାଟି ଦେହେ ଏବେ ଜୀବନ ଧରିଲେଣି ବିଶ୍ୱାସଘାତକତା ର ବୀଜ;
ରବି ଉହାଡରେ ସକାଳ ଟା ବିଲୀନ ହେବା ପ୍ରାୟେ,
ଦୂର ଆକାଶ ଟା ପାଳୁଛି ଏଠି ନଈ ପଠାରେ ଏକଲା ସଞ୍ଜ ।

ଜାଣେ ତୁମେ ଏବେ ବି ଶୋଇଛ;
ସହର ଶୋଇଲା ପରେ ମନେ ଉଙ୍କି ମାରେ
ଅନେଶତ ପ୍ରଶ୍ନ !
ସତରେ, ତୁମେ କଣ୍ ଡେଇଁସାରିଛ ବନ୍ଧନର ଗାର ! ?
ଭୁଲିଛ କି ହାତ ପରେ ହାତ ଛନ୍ଦି ଦେଇଥିବା ପ୍ରତଶ୍ରୁତିର ସ୍ୱର !

କୁହ ଛୁଇଁ ମଥା
ଭାଙ୍ଗି ନୀରବତା,
ଇଏ ହିଁ ହେବ ଶତାବ୍ଦୀର ଶ୍ରେଷ୍ଠ ଉତ୍ତର ।

ହୃଦୟରେ ଯେବେ ରହିଯାଏ ପାର୍ଥିବ ମୋହର ଭାବ,
ପ୍ରେମରୁ ପ୍ରଣୟ, ପ୍ରଣୟରୁ ପ୍ରତାରଣା ସେବେ ସବୁ ସମ୍ଭବ ।

ଛାତିରେ ଜମାଟ କୋହ ସବୁ ଏବେ ଲୁହ ଲହୁ ହେଇ ଝରେ,
ତୁମେ ଗଲା ପରେ ଜାଣ କି,
ମୁଁ ଏବେ ନିଜତ୍ୱ ର ଅନ୍ୱେଷଣରେ । ! !

ସହଦେବଖୁଣ୍ଟା, ବାଲେଶ୍ୱର ।
ପିନ୍-୭୫୬୦୦୧
ଦୂରଭାଷ-୭୭୮୮୯୭୭୨୭୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୨ ଜୁନ୍, ୨୦୨୨


## ପ୍ରେମରେ ପ୍ରେମରେ ଗୀତି ....(୫୧)




■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





### ।। ଭାଙ୍ଗିଦେଲ ମନଟାକୁ ।।

ଭାଙ୍ଗିବାର ଥିଲା ଭାଙ୍ଗିଦେଲ ଶେଷେ
ଏଇ ମୋର ହୃଦୟକୁ
ଭାଙ୍ଗିବା ଆଗରୁ ପଢ଼ିଲନି ତା'ର
ଦେହେ ଲେଖା କବିତାକୁ ।

ପ୍ରତି ଖଣ୍ଡେଖଣ୍ଡେ ଲେଖିଥିଲି ସଖୀ
ଗୋଟି ଗୋଟି ତୁମ ନାଆଁ,
ଏବେ ପଢ଼ିନିଅ ପ୍ରତି ଖଣ୍ଡୁ ତୁମେ
ଲେଖିଥିଲି ସବୁ ଯାହା,
ହୃଦୟ ଭାଙ୍ଗିଲେ ଯୋଡ଼ି ହୁଏ ନାହିଁ
କାହିଁକି ଯୋଡୁଛ ତାକୁ ।

ହୃଦୟ ଭାଙ୍ଗିଲେ ମନ ଭାଙ୍ଗିଯାଏ
ବିଶ୍ୱାସ ବି ଯାଏ ଭାଙ୍ଗି,
ବିଶ୍ୱାସ ଭାଙ୍ଗିଲେ ପ୍ରେମର ସାଗର
ଆଉ ହୁଏନାହିଁ ଲଙ୍ଘି,
ଭଲ କଲ ତୁମେ ହୃଦୟ ସାଥିରେ
ଭାଙ୍ଗିଦେଲ ମନଟାକୁ ।

## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୭)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର

ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧


### ।। ହେଲା ଯେ.... ହେଲା ନାହିଁ ।।

ପଥର ପଥେ ନାଟକର ଆଶାତୀତ ସଫଳତାରେ ଆତ୍ମହରା ହେଲି, ମୋ ନାଟ୍ୟ ଜୀବନ ଯେମିତି ସମୃଦ୍ଧିର ଶୀର୍ଷକୁ ଚଢ଼ି ଯାଉଥାଏ, କଲେଜରେ, ଗାଁରେ, ସହରରେ ଗୋଟେ ଯେମିତି ମୁହଁରୁ ମୁହଁକୁ ମୋ ନାଟକର କଥା, ମୋ କଥା ବ୍ୟାପି ଚାଲିଥାଏ । ଅନେକ କ୍ଲବ, ଗାଁରୁ ଅନୁରୋଧ ଆସେ ନାଟକଟିଏ ଲେଖି ଦେବାପାଇଁ । ଯତ୍ପରୋନାସ୍ତି ଚେଷ୍ଟା ବି କରେ । ଯା ଭିତରେ ଛୋଟବଡ଼ ଅନେକ ନାଟକ ଲେଖିଛି, ଦେଇ ଦେଇଛି, ତାର ହିସାବ ରଖିବାକୁ ଭୁଲି ଯାଇଛି । ଏହି ସମୟରେ ଆମ ପରିବାରର ଅବସ୍ଥା ଅତି ଦୟନୀୟ ସ୍ତରକୁ ଖସି ଯାଇଥାଏ । ଦାରିଦ୍ର୍ୟର ନଗ୍ନ ଚିତ୍ର ମୋ ଆଗରେ ଦିନରାତି ନାଚୁଥାଏ । ଏ ଦାରିଦ୍ର୍ୟ ଦୂର କରିବା ଦାୟିତ୍ୱ ବଡ଼ ପୁଅ ହିସାବରେ ମୋ ଉପରେ । ବେକାର ଜନିତ ଅପରାଧବୋଧରେ ମୁଁ କଣ କରିବି କିଛି ସ୍ଥିର କରି ପାରୁନଥାଏ । କେମିତି ବଂଚିବି, କେମିତି ମୋ ପରିବାରକୁ ବଂଚେଇବି? ଏହି ଚିନ୍ତାରେ ଦିନରାତି ଘୂରି ବୁଲୁଥାଏ । ବାଟ ଖୋଜୁଥାଏ । 'ଅନ୍ନଚିନ୍ତା ଚମତ୍କାର' ଓ 'ଅର୍ଥଚିନ୍ତା ଚମତ୍କାର' ନାମରେ ଯୋଡ଼ିଏ ନାଟକ ଲେଖି ପାରାଦ୍ୱୀପରେ ଜଣେ ବଂଧୁଙ୍କ ଠାରୁ ମାତ୍ର ଚାଳିଶ ଟଙ୍କା ପାଇଥିଲି । ସେତେବେଳର ଚାଳିଶ ଟଂକା ଆଜିର ଚାରିଲକ୍ଷ ଟଙ୍କା ଭଳି ମତେ ସାହାଯ୍ୟ କରିଥିଲା । ମୋ ମୁଣ୍ଡକୁ ଗୋଟେ ଉପାୟ ଆସିଲା, ସେତେବେଳେ ଆମ ବାଲେଶ୍ୱର ସହରରେ ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍ ଥିଏଟର କ୍ୟାମ୍ପ୍ ପଡ଼ିଥାଏ । ମୋର ଅନେକ ହିତୈଶୀ ବଂଧୁମାନଙ୍କ ଅନୁରୋଧରେ 'ପଥର ପଥେ'ର ପାଣ୍ଡୁଲିପି ନେଇ ଗଲି । ମନରେ ଅସୁମାରୀ ଆଶା ଯଦି ସେମାନେ ପାଣ୍ଡୁଲିପିଟା ନିଅନ୍ତି ଅନେକ ଟଙ୍କା ମିଳିବ । ତା'ଛଡ଼ା ମୋ ନାମ ବହୁତ ହେବ, ଚାରିଆଡ଼େ ଲୋକେ ଜାଣିବେ ମୁଁ ଜଣେ ନାଟ୍ୟକାର ହୋଇ ଅନେକ ଅର୍ଥ, ଯଶ ଅର୍ଜନ କରିବି । ଏକେ ତ ମୁଁ ଡରକୁଳା, ତା' ପରେ ନିଜ ବିଷୟରେ ନିଜର ପ୍ରଚାର ପ୍ରଶଂସା କରିବାର ଇଚ୍ଛାକୁ ପ୍ରକାଶ କରିପାରୁନଥାଏ । ତଥାପି ବାଧ ବାଧକତା ଏବଂ ଅର୍ଥଚିନ୍ତାର ତାଡ଼ନାରେ ଦିନେ ସକାଳେ 'ପଥର ପଥେ' ପାଣ୍ଡୁଲିପିଟା ଧରି ଗଲି । କ୍ୟାମ୍ପ ଆଗରେ ଅନେକ ସମୟ ଛିଡ଼ା ହେଲା ପରେ ତା' ଭିତରୁ ଜଣେ କିଏ ବାହାରିବାରୁ ମୁଁ ମୋ ଉଦ୍ଦେଶ୍ୟ ସମ୍ବନ୍ଧରେ କହିବାରୁ ସେ ମୋତେ ହୁଏତ ମୋ ବୟସକୁ ଦେଖି କେମିତି ଅବିଶ୍ୱାସ କଲାଭଳି କହିଲେ ଏବେ ସେ ବିଷୟରେ କେହି କିଛି ଆଲୋଚନା କରି ପାରିବେନି, 'ପରେ କେତେବେଳେ ଫାଙ୍କା ସମୟରେ ଆସ' କହିଦେଇ ସେ ଚାଲିଗଲେ । ମୋ ମନ ଭିତରର ଉତ୍ସାହ ଧିରେ ଧିରେ ମରି ଯାଉଥାଏ । କଣ କରିବି ? ରହିବି ନା ଫେରିଯିବି ? ଏମିତି ଦୋ-ଦୋ ପାଞ୍ଚ ହଉ ହଉ ଦୂରରୁ ଦେଖିଲି ଦୁଇଜଣ ଧଳା ଫର୍‌ଫର୍ ଧୋତି ପଞ୍ଜାବୀ ପିନ୍ଧି ଆର୍ଟିଷ୍ଟିକ୍ ଷ୍ଟାଇଲ୍‌ରେ ସିଗାରେଟ ଟାଣି ପରସ୍ପର ଆଲୋଚନା କରି କରି ମୋରି ଆଡ଼େ ଅର୍ଥାତ୍ କ୍ୟାମ୍ପ ଆଡ଼କୁ ଆସୁଥାନ୍ତି । ପାଖକୁ ଆସିବାରୁ ଜାଣିଲି ସେମାନେ ହେଉଛନ୍ତି ଓଡ଼ିଆ ନାଟ୍ୟ ଜଗତର ଦୁଇଜଣ ମହାରଥୀ । ସ୍ୱର୍ଗତ ବ୍ୟୋମକେଶ ତ୍ରିପାଠୀ ଓ ସ୍ୱର୍ଗତ ଦୁଃଖିରାମ ସ୍ୱାଇଁ । ଅନେକଥର ମଂଚରେ ଦେଖିଛି ତ ଚିହ୍ନି ପକେଇଲି । ପ୍ରଣାମ କଲି, ସଂଗେ ସଂଗେ ଦୁଃଖିରାମ ସାର୍‌ଙ୍କ ଓଜନିଆ କଣ୍ଠରୁ ବାହାରି ଆସିଲା- 'କଣ ହେଲା ? 'ମୁଁ ଏଥର ସାହସ ବାନ୍ଧି କହିଲି 'ସାର୍ ମୁଁ କେତେଖଣ୍ଡ ନାଟକ ଲେଖିଛି' । ମୋ ପାଟିରୁ କଥା ସରିଛି କି ନାହିଁ ଦୁଃଖିରାମ କହିଲେ 'ନାଟକ ଲେଖିଛ ?' ମୁଁ କଣ କରିବି, ଏଇ ନାଟ୍ୟକାର ଅଛନ୍ତି ତାଙ୍କୁ କୁହ । ହଇଓ ତମକୁ ନାଟ୍ୟକାର ମିଳିଗଲେ ତମେ ଥାଅ ମୁଁ ଭିତରକୁ ଗଲି ।' କହିଲେ, ଭିତରକୁ ଚାଲିଗଲେ । ରହିଗଲେ ବ୍ୟୋମକେଶ ତ୍ରିପାଠୀ, ଯିଏକି ମୋତେ ତାଳୁରୁ ତଳିପା ଯାଏ ନିରୀକ୍ଷଣ କରୁଥାନ୍ତି । ଶେଷରେ ମୁହଁରୁ ପୁଳାଏ ଧୂଆଁ ବାହାର କରି କହିଲେ, 'ନାଟକ ଲେଖିଛ ନାଇଁ, ହଉ ହେଲା ଆସ ।' ସେ ଆଗେ ଆଗେ ଚାଲିଲେ, ମୁଁ ତାଙ୍କ ପଛେ ପଛ ଗଲି । ପ୍ରେକ୍ଷାଳୟ ଭିତରେ ପଡ଼ିଥିବା ଦର୍ଶକ ଗ୍ୟାଲେରୀ ଯୋଉ ଟିଣ ଚେୟାର ପଡ଼ିଥିଲା ସେ ସେଇଠି ବସିଲେ ଏବଂ ମୋତେ ବସିବାକୁ କହିଲେ । ମୁଁ ବସିଲି, ସେ କିଛି ସମୟ ନୀରବ ରହି ମୋ ପରିବାର, ମୋ ନାଟକ ଏବଂ ସେତେବେଳର ଅନ୍ନପୂର୍ଣ୍ଣାର ନାଟକ ସମ୍ବନ୍ଧରେ ଅନେକ ପ୍ରଶ୍ନ ପଚାରିଲେ । ମୋ ଉତ୍ତରରେ ବୋଧହୁଏ କିଛି ସନ୍ତୁଷ୍ଟ ହେଲେ । ମୋତେ ମୋର ଶ୍ରେଷ୍ଠ ନାଟକଟିକୁ ପଢ଼ିବାକୁ କହିଲେ, ମୁଁ ପଢ଼ିଲି, ଚାରି ପାଞ୍ଚ ପୃଷ୍ଠା ପଢ଼ିଲା ପରେ ସେ ନାଟକଟିର ଗପ କହିବାକୁ କହିଲେ । ମୁଁ ଗପଟି କହିଲି, ଗପ ଶୁଣି ସେ କହିଲେ- 'ଗପଟିକୁ ପାଇଲ କୋଉଠୁ ?' ମୁଁ ଡରରେ କହିଲି ମୁଁ ଭାବି ଭାବି ତିଆରି କରିଛି । ସେ ସଂଗେ ସଂଗେ କହିଲେ ଭେରି ଗୁଡ । ଆଚ୍ଛା ମୁଁ ତମକୁ ଗୋଟେ ଘଟଣା କହୁଛି- ଜଣେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳିହେଲା ଏବଂ କଳି ଶେଷରେ ସ୍ୱାମୀ ସ୍ତ୍ରୀଙ୍କୁ ଚାପୁଡ଼ାଏ ପିଟିଲା । ଆଚ୍ଛା ଦୁଇଜଣ ତ କଳି କରୁଥିଲେ ସ୍ୱାମୀ କାହିଁକି ଚାପୁଡ଼ାଏ ପିଟିଲା ? ମୁଁ କହିଲି ସ୍ୱାମୀଟା ଯୁକ୍ତିରେ ହାରି ଯାଇଥିବ, ତେଣୁ ବଳ ପ୍ରୟୋଗ କଲା । ହସି ଉଠିଲେ ବ୍ୟୋମକେଶ ସାର୍ । କହିଲେ ତମେ ନିଶ୍ଚିତ ନାଟ୍ୟକାର ହେବ । କିନ୍ତୁ ପରୀକ୍ଷାଟେ ଦବାକୁ ପଡ଼ିବ । ଏଇ ଯୋଉ ଘଟଣାଟା କହିଲି ତାକୁ ସଂଳାପ ଆକାରରେ ଯେତେ କମ୍ ପୃଷ୍ଠାରେ ପାରିବ ଲେଖିଲ ! ମୁଁ କଲମ ଧରି ବସିଗଲି ସେ ଆଉ ଏକ ସିଗାରେଟ ଜଳେଇ ବସିଲେ । ତାଙ୍କ ସିଗାରେଟ୍ ସରିବା ପୂର୍ବରୁ ମୁଁ ଲେଖିସାରି ଥାଏ । ଘଟଣାଟିକୁ ତିନିପୃଷ୍ଠାରେ ସେ ପଢ଼ିଲେ, ଅଳ୍ପ ଅଳ୍ପ ହସିଲେ ଏବଂ କହିଲେ- 'ହେଲା ଯେ... ହେଲା ନାହିଁ' । ମୁଁ ତାଙ୍କ ମୁହଁକୁ ଆଶା ଆଶଂକାରେ କେବଳ ଚାହିଲି, ସେ କହିଲେ ହତାଶ ହୁଅନି ତମ ଦ୍ୱାରା ନାଟକ ହେବ । ଅଭ୍ୟାସ କର, ନାଟକରେ ସମୟ ସୀମିତ । ତେଣୁ ଏଡ଼ିକି ଛୋଟ ଘଟଣା ପାଇଁ ତମେ ତିନିପୃଷ୍ଠା ଅର୍ଥାତ୍ ଛଅମିନିଟ ଖର୍ଚ୍ଚ କଲ । ତମେ ଯୋଉଦିନ ଏମିତି ଏକ ଘଟଣାକୁ ତିନି କିମ୍ବା ଚାରୋଟି ସଂଳାପରେ ସାରି ପାରିବ ସେଦିନ ତମେ ପୂର୍ଣ୍ଣାଙ୍ଗ ନାଟ୍ୟକାର ହୋଇ ପାରିବ । ଯାଅ ସାଧନାକର ସଫଳ ନିଶ୍ଚୟ ହେବ । ଆମର ଏହା ଏକ ବ୍ୟବସାୟିକ ମଂଚ । ଏ ମଂଚପାଇଁ ନାଟକ ଲେଖିବାକୁ ହେଲେ ଆଉ କିଛି ଅଭିଜ୍ଞତା ଆବଶ୍ୟକ । ମୁଁ ହାତ ଯୋଡ଼ି ଉଠିଲି, ଭାବିଲି ମୋ ନାଟକ ଲେଖା ହୁଏତ ଏତିକିରେ ସରିଯିବ । ତା' ପରେ ଭାବିଲି ନାଟ୍ୟକାର ପାଇଁ ମୁଁ ତ ପରୀକ୍ଷା ଦେଇଛି ହୁଏତ ପାଶ୍ କରିପାରିନି । ଆଉଥରେ ପରୀକ୍ଷା ଦେବାକୁ କଣ ମନା ? କଲମ ଧରି ବସିଗଲି । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ଉଜ୍ଜ୍ୱଳ ଉପତ୍ୟକା

ଭାଗ-୧୦

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ସୁକାନ୍ତି ନନ୍ଦ

♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮




ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍ନଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

ସହଦେବ ଦାଦା ଆମ ଦଳର କ୍ୟାପ୍‌ଟେନ୍ ଭଳି ଦୁମ୍‌ଦୁମ୍ କରି ଚାଲୁଥିଲେ । ଆମେ ସବୁ ତାଙ୍କ ଘରକୁ ଯାଉଛୁ ତ' ସେନେଇ ଖୁସୀରେ ସେ ବିଭୋର ହେଇଯାଉଥିଲେ । ସତେ ଯେମିତି ସେ ମାଟିରେ ନ ରହି ଆକାଶରେ ଉଡୁଛନ୍ତି !

ଘର ପାଖରେ ପହଞ୍ଚି ତାଙ୍କ ସ୍ତ୍ରୀ ଶୈଳଖୁଡ଼ୀଙ୍କୁ ଜୋରରେ ଡାକ ଛାଡ଼ି କହିଲେ - ଆଲୋ ହେ ଶୁଣୁଛୁ...ମାଲିକଙ୍କ ଘର ପିଲାମାନେ ଆସିଛନ୍ତି । ଦେଖିବୁ ଆ' ସହରି ପୁଅ ଝିଅମାନଙ୍କୁ । ସେମାନେ କଣ ଆମ ଭଳି ଗାଉଁଲିଆ ହେଇଛନ୍ତି କି ! ହଉ ମଶିଣାଟେ ଆଣି ପକା, ସେମାନେ ବସିବେ । ଦୌଡ଼ିଲା ଭଳି ଆସି ଖୁଡୀ, ଆମକୁ ଜାକି ପକେଇଲେ, ଗେଲକଲେ । ବସିବାକୁ କହି ଲାଗିପଡ଼ିଲେ ଆମମାନଙ୍କ ପାଇଁ ଜଳଖିଆ ତିଆରି କରିବାରେ । ଅନେକ ବାଟ ଚାଲି ଆସିଥିଲୁ ଯେହେତୁ, ଗୋଡ଼ରେ ଆଉ ଟିକେ ବି ବଳ ନଥିଲା । ଏଣୁ ଦୁଲ୍‌ଦାଲ୍ ହେଇ ଗଡ଼ି ପଡ଼ିଲୁ ମଶିଣା ଉପରେ । ଦେବା ତ ଚିତ୍‌କାତ୍ ହେଇ ଶୋଇପଡ଼ିଲା ଆଖିବୁଜି । ଘୁମାଘୁମା ଲାଗିଲେ ବି ହୋସ୍‌ରେ ରହି ଲେଖା ଏଣେତେଣେ ଚାହୁଁଥିଲା । ସହଦେବ ଦାଦା'ଙ୍କୁ ପୋଖତ ଇଞ୍ଜିନିୟର ଭାବି ଡଙ୍ଗା କେମିତି ତିଆରି ହୁଏ ଏ ସଂକ୍ରାନ୍ତରେ ଇଣ୍ଟରଭିଉ ନେଉଥିଲା ସଞ୍ଜୟ ଭାଇ ।

ମୁଁ ସେଇ ଛୋଟ ବଖରାଏ ଘରର ନଡ଼ାଛପର ଚାଳ ଗୋବର ଲିପା କାନ୍ଥ ଓ ଚଟାଣକୁ ନିରେଖି ଚାହିଁ ମୁଗ୍ଧ ହେଇଗଲି । ସତେ କେତେ ସୁନ୍ଦର ତ ପରିଷ୍କାର ଏ ଘରଟି । ଯାହାହେଲେ ବି ଖୁଡ଼ୀଙ୍କୁ ମାନିବାକୁ ପଡ଼ିବ । ଯୋଉଠି ଯାହା ରହିବା କଥା ଶୃଙ୍ଖଳାର ସହିତ ରଖିଛନ୍ତି ସେ, ଯେମିତି କି ଛୋଟ କାଠ ଖଟୁଲିରେ ଦିଅଁ, କାନ୍ଥଖୁରାରେ ଲଣ୍ଠନ, ଅଳଗୁଣିରେ ଲୁଗାପଟା ତ ବଡ଼ବଡ଼ ଠଣାମାନଙ୍କରେ ରୋଷେଇବାସର ଯେତେ ଆବଶ୍ୟକୀୟ ସରଞ୍ଜାମ । ଏସବୁ ବାଦ୍ ଚାଳଉପର ବାଉଁଶରେ ବନ୍ଧା ହେଇ ଝୁଲୁଥିବା ଦୋଳିରେ ହାତ ଗୋଡ଼ ଛାଟି ଖେଳୁଥିବା ତାଙ୍କ ପୁଅ ଘରକୁ ସୌନ୍ଦର୍ଯ୍ୟ ଓ କୋଳାହଳମୟ କରିଦେଉଥିଲା । ଏତେ ପୂର୍ଣ୍ଣପୂର୍ଣ୍ଣ ଲାଗୁଥିଲା ଏଇ ଛୋଟ ଘରଟି ବର୍ଣ୍ଣନା କରିବା ଖୁବ୍ କଷ୍ଟ ।

ଶୈଳ ଖୁଡ଼ୀଙ୍କ ସ୍ନେହ ଗୁରୁଗୁରୁ ହାତ ତିଆରି ଆରିଷା ପିଠା ଓ ରାଶିଲଡୁ ସ୍ୱାଦିଷ୍ଟ ଥିଲା ହେଲେ ତାଙ୍କ ଆଦର ସୋହାଗ ଥିଲା ତା'ଠୁ ଅଧିକ ସୁସ୍ୱାଦୁ ।

ଦୋଳପୂର୍ଣ୍ଣମୀର ଚାନ୍ଦ ଆସ୍ତେ ଆସ୍ତେ ଉଠୁଥିଲା ଆକାଶକୁ । ଚାନ୍ଦିନୀ ରାତିର ସୁନାରଂଗିଆ ଆଲୁଅ ଚମକେଇ ଦେଉଥିଲା ଶୈଳ ଖୁଡୀଙ୍କ ଛୋଟ ଅଗଣାକୁ ଆମେମାନେ ତ ନିଶାଗ୍ରସ୍ତ ଭଳି ଦୋହଲୁଥିଲୁ... ହସୁଥିଲୁ... ମଜୁଥିଲୁ ଜହ୍ନକୁ ଚାହିଁ ଚାହିଁ । ଅନୁଭବୁଥିଲୁ ସତେ ଯେମିତି ଜନ୍ମରୁ କେବେ ହେଲେ ବି ଜହ୍ନ ଆମେ ଦେଖିନୁ !

ହଠାତ୍ ଚମକି ପଡ଼ି ଦାଦା କହିଲେ- ଏଇତ ଠାକୁରଙ୍କ ଘଣ୍ଟ କାହାଳୀ ବାଜିଲାଣି । ବିମାନ ଉଠିବା ବେଳ ହେଇଗଲାଣି ବୋଧହୁଏ । ଚାଲରେ ପିଲେ...ମୋର ସେଠି ଅନେକ କାମ ଅଛି । ସାଆନ୍ତ ମତେ ଅପେକ୍ଷା କରିଥିବେ ।

ଧଡ଼୍‌ଧାଡ଼୍ ହେଇ ଉଠିପଡ଼ିଲୁ ସମସ୍ତେ । ହେଲେ ସଞ୍ଜୟ ଭାଇ ଜମାରୁ ଉଠୁନଥିଲା । ପଙ୍ଗୁଭଳି ମାଟିକୁ ଦୁଇ ପାପୁଲିରେ ଚାପି ରଖି ହକ୍ ଅଧିକାର ସାବ୍ୟସ୍ତ କରିଲା ଭଳି କହିଲା- ଦାଦା ନିୟମ କରି କୁହ... ଏମିତି ଚାଳଛପର ଥିବା ଘରଟିଏ ତମେ ମୋ ପାଇଁ ବନେଇ ଦେବ ତ ! ବିଶେଷ କରି ସେ ଘରେ ନିହାତି ଥିବ ଚାନ୍ଦିନୀ ଘେରା କୁଅ ପୁଣି ତା' ଚାରିପଟରେ ଗହଗହ ମଲ୍ଲୀବଣ ।

କାହା କଥା ନଶୁଣି ଲମ୍ବାଲମ୍ବା ପାହୁଣ୍ଡ ପକେଇ ଚାଲୁଥିଲେ ସହଦେବ ଦାଦା । ପାଦ ଗଣିଗଣି ସୁଧାର ପିଲାଭଳି ତାଙ୍କୁ ଆମେ ଅନୁସରଣ କରୁଥିଲୁ ।

ବାପାଙ୍କ ବିରକ୍ତିଭାବକୁ ଯଦିଓ ସେ ଡରୁଥିଲେ ତଥାପି ଛାତି ଫୁଲେଇ ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ରଖିଥିଲେ ଢେର୍ ଦମ୍ଭ ଓ ସାହସ । ବାପା କିଛିଟା ଅସ୍ୱାଭାବିକ ଲାଗୁଥିଲେ । ପାଟି ଫିଟେଇ ଯଦିଓ ସେ କିଛି କହିଲେନି ତଥାପି ଆମମାନଙ୍କ କାର୍ଯ୍ୟକଳାପକୁ ନେଇ ସେ ଯେ ଖୁବ୍ ଅସନ୍ତୁଷ୍ଟ ଓ ଅପଦସ୍ତ, ଜାଣି ପାରିଲି ମୁଁ । ଆମେ ବା କୋଉ ସାଧାରଣ ଅବସ୍ଥାରେ ଥିଲୁ ! ଦେହ ଥରୁଥିଲା, ଏପଟ ସେପଟ ପଡୁଥିଲା ପାଦ । ଛାତିରେ ଛାତିଏ ଭୟ ଓ ଆଶଙ୍କାକୁ ନେଇ କଣ କରିବୁ ତ କଣ କରିବୁନି- କିଛି ଠିକ୍ ଠାକ୍ କରିପାରୁନଥିଲୁ ।

ସହଦେବ ଦାଦାଙ୍କ ଟାଣପଣ ପାଣିଫୋଟକା ଭଳି ମିଳେଇଗଲା, ଯେତେବେଳେ ମା' ଆସି ଗୁଡ଼ାଏ ଶୋଧିଦେଇଗଲେ ତାଙ୍କୁ । କହିଲେ-ଘର କଲା ଲୋକଟିଏ ହେଇ ତମେ ଏମିତି ଖୋଲାଫାଙ୍କିଆ ହେଇଯାଉଛ କଣ କିହୋ ସହଦେବ ! ସଂସାର ଗଢ଼ିସାରିଲା ପରେ ଏମିତି ପିଲାଳିଆମି କଣ ଆଉ ଚଳିବ ।

: ନାଇଁ ମ' ମା' ସାଆନ୍ତାଣି, ଛୁଆମାନେ ଖୁସିରେ କହିଲେ ମୁହାଣ ଦେଖିବେ, ସେଥିପାଇଁ ଡଙ୍ଗାରେ ବସେଇ ନେଇଗଲି । ଖେଳ କୁଦ କରି ଫେରିଲାବେଳକୁ ଡେରି ହେଇଗଲା । ଆପଣ କଣ ଜାଣିନାହାନ୍ତି, ପିଲାମାନଙ୍କୁ ପରା ମୁଁ ଖୁବ୍ ଭଲପାଏ...ସେମାନଙ୍କୁ କେମିତି ଅଣଦେଖା କରିଥାନ୍ତି !

: ହଉ ହଉ ତମ କୁନି ପୁଅ ଠିକ୍ ଠାକ୍ ଅଛି ତ ? ଶୈଳର ଦେହ କେମିତି ଅଛି ?

: ଆପଣମାନଙ୍କ ଦୟା ଓ କରୁଣାରୁ ସମସ୍ତେ ଭଲ ଅଛନ୍ତି ।

: ଏ ପୂଜା ପାର୍ବଣ ସରିଲେ ମୁଁ ତମଘରକୁ ଯାଇ ନାତିଟୋକାକୁ ଦେଖିଦେଇ ଆସିବି । ଭଗବାନ ତାକୁ ଘଣ୍ଟ ଘୋଡ଼େଇ ରଖନ୍ତୁ । ହଉ ଯାଅ... କାମ ଦାମରେ ଲାଗିପଡ଼ ।

ପ୍ରାୟ ସମସ୍ତେ ତ କାର୍ଯ୍ୟବ୍ୟସ୍ତ । ଏଣୁ ମା' ଓ ବାପାଙ୍କ ଛଡ଼ା ଆଉ କେହି ସାମନାକୁ ଆସି ଆମ ଭୁଲ୍ ଭଟକାର ଲମ୍ବାଫର୍ଦ୍ଦକୁ ପୁନରାବୃତ୍ତି କଲେନି । ଆମେମାନେ ବି ଘର ଓ ବାହାରର ସାଜସଜ୍ଜା ଦେଖି ଏତେ ବିହ୍ୱଳ ହେଇଗଲୁଯେ, ଡରଭୟ ମନର କୋରଡ଼ ଭିତରୁ ଛାଏଁଛାଏଁ ଉଡ଼ିଗଲା । ପୁଣି ଚାଲିଲା ଘରେ ବାହାରେ ତ ମନ୍ଦିର ବେଢ଼ାରେ ଆମ ନସର ପସର ।

ସଫାସୁତୁରା ହେଇ ସୁନା ଭଳି ଚକ୍‌ଚକ୍ ଦିଶୁଥିବା ଗାଁ ଦାଣ୍ଡ ତ ଚାଞ୍ଚଘେରା ଛାମୁଣ୍ଡିଆ ସନ୍ଧିରୁ ଓହଳି ପଡ଼ିଥିବା କଅଁଳ ପତ୍ର ସହ କଷି ଆମ୍ବ, ସପୁରୀ, ପେନ୍ଥିପେନ୍ଥି ମେହେଙ୍ଗା କୋଳି ଅପୂର୍ବ ମନୋରମ ଦିଶୁଥାଏ ।

କିଆକେତକୀ ଗୁଛରେ ଶୋଭୁଥିବା ବାଉଁଶ ତୋରଣ ତ ସ୍ୱାଗତ କରୁଥାନ୍ତି ଦେଖଣାହାରୀ ମାନଙ୍କୁ ।

ଏସବୁ ବାଦ୍ ମନ୍ଦିରର ସାଜସଜ୍ଜା ଅବର୍ଣ୍ଣନୀୟ । ମାଳତୀ ଫୁଲର ଉହାଡ଼ରେ ମିଟିମିଟି ହସୁଥିବା ଶ୍ୟାମଘନ ଓ ରାଧାରାଣୀଙ୍କ ଯୁଗଳ ମିଳନ ଆଃ... କି ସୁନ୍ଦର ! କାହ୍ନାଙ୍କ ହାତରେ ଝଲମଲ ରୂପାବଂଶୀ ତ ରାଧାଙ୍କ ନାକରେ ସୁନାବସଣୀ ମନମୋହି ନେଉଥିଲା । ନବରତ୍ନ ଅଳଙ୍କାର ଜରିପାଟ ଓ ହୀରାବସା ମୁକୁଟ ନାଇ ରାଇଦାମୋଦରଙ୍କ ଝୁଲାରେ ଝୁଲଣା କି ମନୋମୁଗ୍ଧକର !

ଗାଁ ଦାଣ୍ଡ ଓ ମନ୍ଦିରର ଉନ୍ନତ ସାଜସଜ୍ଜା ଭଳି ଭୋଗ ନୈବେଦ୍ୟ ମଧ ଥିଲା ଖୁବ୍ ରୁଚିକର । ଚୁଡା ମୁଆଁ ଉଖୁଡ଼ା ଚାଉଳ ଭଜା ତ ଖଳିରୁଟି କର୍ପୂର ଦିଆ ସୁଜିଖିରୀର ମହମହ ବାସ୍ନା କଣ ଭୁଲିହୁଏ !

ନଇପଠାରେ ସଜବାଜ ହେଇ ମେଲଣ ପଡ଼ିଆ ଗର୍ଜୁଥାଏ । ଭିନ୍ନଭିନ୍ନ ପସରା ମେଲେଇ ଆମନ୍ତୁଥାଏ ବି ଦେଖେଣାହାରୀମାନଙ୍କୁ । ନାଚ, ଗୀତ, ଗଉଡ଼ ଟୋକାଙ୍କ ବାଡ଼ିଖେଳ ଓ ଫଗୁଉଡ଼ା ପର୍ବ ବି ସୂଚେଇ ଦେଉଥାଏ ଓଡ଼ିଆ ଜାତିର ଉର୍ଦ୍ଧ୍ୱ ପରିଚୟକୁ ।

ଏସବୁ ନୀତି ନିୟମ ଓ ପାରମ୍ପରିକ ଚଳଣିକୁ ବଜାୟ ରଖିଥିବାରୁ ମୁଁ ମୋ ମା'ଙ୍କୁ ଧନ୍ୟବାଦରେ ପୋତିପକାଏ । ସେ ଭାରି କର୍ତ୍ତବ୍ୟ ପରାୟଣା । ବିଧିବିଧାନକୁ ଠିକ୍ ଭାବରେ ସମ୍ପନ୍ନ କରିବାପାଇଁ ସେ ଚିରଜାଗ୍ରତ ଓ ଦାୟିତ୍ୱକ୍ଷମ ।

ଖୁସୀ ମଜାର ସମ୍ପର୍କ ସରିଗଲା । ଆସିଗଲା ଗତାନୁଗତିକ କାର୍ଯ୍ୟକୁ ନେଇ ନିଭେଇବା ପାଇଁ ଯେତେସବୁ ଦାୟିତ୍ୱ । ସ୍କୁଲ ଖୋଲିଗଲା ପରେ ଯିଏ ଯାହାର ପାଠପଢ଼ାକୁ ନେଇ ବ୍ୟସ୍ତ ରହିଲେ । ଏମିତିରେ ବି ସୃଷ୍ଟି ପ୍ରଳୟ ହେଇଯାଉ ପଛେ ସପ୍ତାହରେ ଥରେ ଆମେ ଭାଇଭଉଣୀମାନେ ଏକାଠି ହେଇ ମଉଜମସ୍ତି କରୁ । ଘରର ସଦସ୍ୟମାନେ ଆମ ଆତ୍ମୀୟତାକୁ ପସନ୍ଦ କରି କହନ୍ତି- ଆଧୁନିକ ସମୟରେ ସଂପର୍କର ଡୋରି ଢିଲା ହୋଇଗଲା ବେଳେ ଆମ ପିଲାମାନେ ପରସ୍ପର ପରସ୍ପରଙ୍କ ହୃଦୟରେ ଅଛନ୍ତି - ଏଇଟା କଣ କମ୍ ଗର୍ବର କଥା ।

ସତରେ ବି ମଣିଷ କଣ ଖାଲି ଖାଇପିଇ ଶୋଇବା ପାଇଁ ବଞ୍ଚେ ! ବିଶ୍ୱାସ, ସହାନୁଭୂତି ଓ ଆବଶ୍ୟକତା, ତିଷ୍ଠିବା ପାଇଁ ଖାଦ୍ୟଠାରୁ ବି ଅଧିକ ଦରକାର ପଡ଼େ । ସଂପର୍କର ମାନେ ହିଁ ତ' ଏଇଆ । ଯୋଉଠି କଥା ରଖିବା ପାଇଁ ଖୋଲା ହୃଦୟ, ଦୁଃଖ ବୁଝିବା ପାଇଁ ଦରଦୀମନଟିଏ ମିଳେ ସେଠି ଆପେଆପେ ମୁଣ୍ଡଟେକେ ସଂପର୍କର ଦିବ୍ୟ ଉଆସ । ଯୋଉ ଉଆସରେ ସୁଖ ବୈଭବ ପ୍ରଚୁର ଥାଏ । ଥାଏ ବି ଈଶ୍ୱରଙ୍କର ଆଶିଷ ଆୟୁଷ ।

\+ + + + + +

ସେଇ ସମ୍ପର୍କର ଦାବିରେ ତ' ଆଜି ମାନସୀ ଜିଦ୍ କରି ବସିଛି - ଲୁଲା ସହିତ ଝୁମୁରୀକୁ ସାଙ୍ଗରେ ନେଇ ତା' ବାପଘର ଗାଁକୁ ସେ ରଜ ମଉଜ କରିବାକୁ ଯିବ ।

ମା' ତ' ରାଜି ହେଉନଥିଲେ । ମୁହଁ ଶୁଖେଇ କହିଥିଲେ - ଆରେ ଝିଅ, ଘରର ପରିସ୍ଥିତିକୁ ତ ଦେଖୁଛୁ । ଦେବା ଟୁର୍‌ରେ ଯାଇଛି ଯେ ଫେରିବ ମାସକ ପରେ । ଜୀଅନ୍ତା ମୁର୍ଦ୍ଦାର ଭଳି ଲେଖାର ଅବସ୍ଥାକୁ ତୁ ବୁଝୁନୁ କି ! ଚିତ୍ରା ଅଛି ବୋଲି ଆମେମାନେ କିଛି ସାହସ ଆଉ ଦମ୍ଭ ମୁଠେଇ ପାରିଛେ । ଅଖିଳ ତ ଭୟଭ୍ରାନ୍ତିକୁ ଦୂରେଇ ଦେଇଛନ୍ତି ଆମଠାରୁ । ମାନୁଛି, ତୁ ବି କିଛି କମ୍ ଦହଗଞ୍ଜ ହଉନୁ ଏ ସବୁ ପରିସ୍ଥିତିରେ । ପିଲା ଦି'ଟା ଏକାଠି ଖେଳୁଛନ୍ତି...ବୁଲୁଛନ୍ତି, ଯଦି ଲୁଲା ତୋ ସାଙ୍ଗରେ ଯାଏ ଝୁମୁରୀ ଏକ୍‌ଲା ହୋଇଯାଇ ବିରକ୍ତ କରିବ ତା' ମା'କୁ । ତା' ଯାବତୀୟ ଇଚ୍ଛା ଓ ଜିଦ୍‌କୁ ପୂରଣ କରିକରି ଚିତ୍ରା ହଇରାଣ ହେବ ।

: ନା...ନା...ମା' ସେମିତି କିଛି ଅସୁବିଧା ହେବନି ବୋଲି ମୁଁ ଭାବୁଛି । ଯଦି ଝୁମୁରୀକୁ ମୁଁ ସାଙ୍ଗରେ ନେଇଯିବି ତେବେ କ୍ଷତି କଣ ହେବ ? ଖୁସୀ ମଜାରେ ପିଲାଦି'ଟା ରଜ ମନେଇବେ । ଯାତ୍ରା ଦେଖିବାକୁ ଯିବେ ମୋ' ଭାଇ ସହିତ । ଗହଳଚହଳ ଭିତରେ କେତେବେଳେ ଯେ ଦିନଯାଇ ରାତିହେବ ଜଣା ପଡ଼ିବନି । ମାତ୍ର ସାତଟା ଦିନର କଥା ତ...ଆପଣ ଏତେ ବ୍ୟସ୍ତ ହେଉଛନ୍ତି କାହିଁକି ? ପିଲାମାନଙ୍କର ଯତ୍ନ ମୁଁ ଠିକ୍ ଠିକ୍ ନେବି । ମୋ ଉପରେ ଆସ୍ଥା ରଖନ୍ତୁ ।

: ହଉ...ତୋ ଭାଇ କେତେବେଳେ ଆସି ପହଞ୍ଚିବ ?

: ସନ୍ଧ୍ୟାବେଳେ...ଆସିବେ ବୋଲି ଫୋନ୍ କରିଥିଲେ । କାଲି ଭୋର୍‌ରେ ଆମେ ସବୁ ଯିବୁ । ଲୁଲା ମାମୁଘର ପାଇଁ ବଡ଼ି, ପାମ୍ପଡ, ଆଚାର ଆଉ ବିଭିନ୍ନ ପ୍ରକାର ମିଠା ସଜାଡ଼ି କହିଲେ- ଦେଖୁଛୁ ତ ଘରର ପରିସ୍ଥିତି । କିଛି ଦେଇପାରୁନି ଲୋ...ସମୁଦୀ ସମୁଦୁଣୀ ତ ସବୁକଥା ଜାଣିଛନ୍ତି । ତମେମାନେ ଯାଅ । ହସଖୁସୀରେ ରଜପାଳନ କରି ଭଲରେ ଫେରିଆସ । ଏତିକି ମୋର ପ୍ରଭୁଙ୍କ ପାଖରେ ଅଳି । ସମୟ ଭଲ ନାହିଁରେ ଝିଅ । ଭୟ ଆଉ ଆଶଙ୍କାରେ ମୁଁ ରାତିଦିନ ଥରୁଛି । ଡରିଡରି ଅଧା ଜୀଇଁଲା ଭଳି ପଡ଼ିଛି ମାଟିକୁ ଦାନ୍ତରେ କାମୁଡି । ମୋର କଣ ଇଚ୍ଛା ହେଉନି ଘରୁ ବାହାରି କିଛି ସମୟ ବୁଲିବା ପାଇଁ ବଗିଚାରେ । ଥିରିଥିରି ପବନକୁ ଟାଣିଆଣି ସାଇତି ରଖିବାକୁ ଦେହରେ । (କ୍ରମଶଃ)

## ଶେଠ୍‌ଜୀଙ୍କ ଭୋଜନ

ଅନୁବାଦ ଗଳ୍ପ


ମୂଳହିନ୍ଦୀ- ଶ୍ୟାମସୁନ୍ଦର ଅଗ୍ରବାଲ







ଅନୁସୃଜନ- ବିନୟ କୁମାର ଦାସ


ଆୟକର ବିଭାଗର ପଦସ୍ଥ ଅଫିସର ଆଉ ତାଙ୍କ ଟିମ୍ ସେଦିନ ବଡି ଭୋରରୁ ଶେଠ୍ କୁନ୍ଦନଲାଲଙ୍କ ବାସଭବନକୁ ଘେରାଉ କରିନେଲେ । ନା ଘର ଭିତରକୁ ଆଉ କେହି ଆସିପାରିବେ ନା ଘରୁ କେହି ବାହରକୁ ଯାଇ ପାରିବେ । ଘରେ ଥିଲେ ଶେଠ୍, ତାଙ୍କ ଧର୍ମପତ୍ନୀ ଆଉ ଦୁଇଜଣ ଚାକର । ଖାନତଲାସ ଚାଲିଲା । ଟ୍ରେଜେରୀ, ଆଲମିରା, ଖଟ ତଳେ, ଗୁପ୍ତକୋଠରୀରେ, ତକିଆ ଭିତରେ, ବିଭିନ୍ନ ଟ୍ରଙ୍କରେ, ଏପରିକି ପୂଜା ଘରେ ବିପୁଳ ପରିମାଣର ନଗଦ ଟଙ୍କା, ଅଳଙ୍କାର ମିଳିଲା । ସନ୍ଦେହ ହେବାରୁ ଘରର ଚଟାଣ ବି ଖୋଳା ହେଲା । ସେଠାରୁ ବି ବହୁ ସୁନା ରୂପା ହୀରା ଅଳଙ୍କାର ମିଳିଲା । ତିନିଦିନ ଲଗାତର ଭାବେ ଅକ୍ଲାନ୍ତ ପରିଶ୍ରମ କରି ଯେତେ ଯାହା ମିଳିଲା, ତାର ତାଲିକା ପ୍ରସ୍ତୁତ ହେଲା ।

କାମ ଟିକେ କମି ଯିବାରୁ ସେମାନେ ସେଦିନ ଏକ ଭଲ ହୋଟେଲରୁ ମଧ୍ୟାହ୍ନ ଭୋଜନ ମଗାଇ ଆଣିଲେ । ସମସ୍ତେ ଏକା ସାଙ୍ଗରେ ଖାଇବା ପାଇଁ ବସି ଶେଠ୍‌ଜୀଙ୍କୁ ବି ଅନୁରୋଧ କଲେ ସେମାନଙ୍କ ସହିତ ଭୋଜନ କରିବା ପାଇଁ । ଶେଠଜୀ ଆସିଲେ । ଯିଏ ଯାହାର ରୁଚି ଆଉ ଆବଶ୍ୟକତା ଅନୁସାରେ ନିଜ ନିଜ ପ୍ଲେଟ୍‌ରେ ଖାଦ୍ୟ ବାଢିନେଲେ । କିନ୍ତୁ ଶେଠଜୀ କିଛି ନେଲେ ନାହିଁ ।

'ଆପଣ କିଛି ନେଲେ ନାହିଁ ଯେ ?' ସିନିଅର ଅଫିସର କହିଲେ ।

'ମୋର ଏ ସବୁ ଚଳିବ ନାହିଁ । ଯଦି ଅନୁମତି ଦେବେ ତ ମୁଁ ମୋ ଖାଦ୍ୟ ଆଣିବି ।' ଅଫିସର ହଁ ମାରିବାରୁ ସେ ଚାକରକୁ ତାଙ୍କ ଭୋଜନ ଆଣିବା ପାଇଁ ଇସାରାରେ କହିଲେ । ଚାକର ଗୋଟିଏ ପ୍ଲେଟ୍ ଆଣି ଟେବୁଲରେ ଥୋଇ ଦେଲା । ଅଫିସର ଦେଖିଲେ ସେଥିରେ ଦୁଇପଟ ଶୁଖିଲା ରୁଟି, ଅବଘରା ଡାଲି ଆଉ କିଛି ଶିଝା ସନ୍ତୁଳା ।

'ଏଥିରୁ ତାହାଲେ କିଛି ନେବେ ନାହିଁ ଆପଣ ?'

'ନା, ମୋର ଏଇ ଖାଦ୍ୟ । ଦୀର୍ଘ ଛଅ ବର୍ଷ ହେଲା ଆମେ ପତିପତ୍ନୀ ଏଇ ଖାଦ୍ୟ ହିଁ ଖାଉଛୁ ।'

'ଆଉ ଆପଣଙ୍କ ପିଲାମାନେ ?'

'ପିଲାମାନେ ଆଉ କଣ ? ଆମର ତ ଗୋଟିଏ ବୋଲି ପୁଅ । ସେ କେବେଠାରୁ ଯାଇ ଆମେରିକାରେ ବାସ କରୁଛି ତା ପିଲାଛୁଆଙ୍କୁ ନେଇ । ସେଠାରେ ସେ ଭଲ ଚାକିରୀ କରୁଛି । ଏଠାକୁ କେବେ ଆସେ ନାହିଁ କି ଆମ ସହିତ ସଂପର୍କ ବି ରଖିନାହିଁ ।'

'ତାହେଲେ କଣ ପାଇଁ ଏ ସବୁ ଧନରନ୍ ଠୁଳାଉଛନ୍ତି ?'

ଏ ପ୍ରଶ୍ନଟି ଶୁଣି ସେ ପାଟିକୁ ନେଉଥିବା ରୁଟି ଖଣ୍ଡିକ ଆଉ ପାଟିକୁ ନେଲେ ନାହିଁ । ଟିକିଏ ରହି ଯାଇ କହିଲେ, 'ଆପଣମାନଙ୍କୁ କିଛି ଲୁଚାଇବି ନାହିଁ । ମୁଁ ଜଣକ ସହିତ ପ୍ରତିଯୋଗିତା କରି ଏ ସବୁ କରିଚାଲିଛି । ଭାବୁଛି କେବେ ମୁଁ ତାଙ୍କ ସହିତ ସମାନ ହୋଇ ପାରିବି...କିନ୍ତୁ ପାରୁନି । ଯଦି କେବେ ସୁବିଧା ହୁଏ ତ ଆପଣମାନେ ମୋ ସାମ୍ନା ବାଲା କୋଠାଘରରେ ରହୁଥିବା ଭାନୁପ୍ରତାପଙ୍କ ଘର ଚଢାଉ କରି ତାଙ୍କ ସଂପତ୍ତି ଆକଳନ କଲେ ଜାଣିପାରିବେ, ସେ ସଂପତି ତୁଳନାରେ ମୋର ଏ ସଂପତି କିଛି ବି ନୁହେଁ । ତେବେ ଦୁଃଖ ରହିଗଲା, ଆପଣମାନେ ମୋର ସେ ସ୍ୱପ୍ନକୁ ଚୁରମାର କରିଦେଲେ ।'


♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ନାରୀ ଶକ୍ତି ସରଳା ଦେବୀ



କେବଳ ହିଂସା କି ରକ୍ତପାତରେ ନୁହେଁ, ଯେଉଁ ନାରୀଶକ୍ତିମାନେ ସତ୍ୟ ଓ ଅହିଂସାକୁ ଅନୁସରଣ କରି ତତ୍କାଳୀନ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ଏକ ନୂତନ ଓଡ଼ିଶା ନିର୍ମାଣ ପାଇଁ ସ୍ୱପ୍ନ ଦେଖିଥିଲେ ସେହି ବିପ୍ଳବୀ ନାରୀଶକ୍ତିର ପ୍ରମୁଖ ପ୍ରତୀକ ହେଉଛନ୍ତି ମା' ସରଳା ଦେବୀ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆଗମନ ହିଁ ଏହି ନାରୀ ସମାଜକୁ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବାକୁ ପ୍ରେରଣା ଯୋଗାଇଥିଲା। ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଗଭୀରଭାବେ ଅନୁପ୍ରାଣିତ ହୋଇ ଏହି ମହିୟସୀ ମହିଳା ଅଗ୍ନିଶମ ସ୍ୱାଧୀନତା ସଂଗ୍ରାମକୁ ଲ ପ୍ରଦାନ କରିଥିଲା। ସରଳା ଦେବୀ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭୁଲିଯାଇ ଦେଶ, ସମାଜ, ଜାତି ଓ ରାଷ୍ଟ୍ର ନିର୍ମାଣ ପାଇଁ ସେବାକୁ ଏବଂ ସାହିତ୍ୟ ସାଧନାକୁ ନିଜ ଜୀବନର ବ୍ରତ କରିଥିବା ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଥିଲେ। ଏହି ଉତ୍କଳର ଶିଳାଭୂମି ତଳେ ଆଜି ବି ଲୁଚିରହିଛି ମା' ସରଳାଦେବୀଙ୍କର ଆଜୀବନ ତ୍ୟାଗ, ସାଧନା, ସଂଗ୍ରାମ ଏବଂ ବ୍ୟଥାଭରା କାହାଣୀ।

ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ମଧ ଅନେକ ବାଧା, ପ୍ରତିବାଦ, ବିରୋଧ, ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧ ନିଜର ଜୀବନବ୍ୟାପୀ ସାଧନାଦ୍ୱାରା ସମସ୍ତ ମାତୃଜାତିର ଆଦର୍ଶ ଥିଲେ ମା' ସରଳାଦେବୀ। ମା' ସରଳାଦେବୀ ହିଁ ଥିଲେ ପ୍ରଚଣ୍ଡ ଦେଶପ୍ରେମ, ତ୍ୟାଗ, ତିତିକ୍ଷାର ଜ୍ୱଳନ୍ତ ନିଦର୍ଶନ। ନାରୀକୁ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ସୁସ୍ଥ ମଙ୍ଗଳମୟ ସମାଜ ଏବଂ ସର୍ବୋପରି ଏକ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କରିବା ଥିଲା ସରଳାଦେବୀଙ୍କର ଜୀବନର ବ୍ରତ। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସରଳାଦେବୀଙ୍କ ଦାନ ଅତୁଳନୀୟ। ସ୍ୱାମୀ ଭାଗିରଥି ମହାପାତ୍ରଙ୍କ ପ୍ରେରଣାରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଲବଣ ସତ୍ୟାଗ୍ରହବେଳେ କାରାବରଣ କରିଥିଲେ ଏହି ମା' ସରଳାଦେବୀ। ହରିଜନ ସେବାରେ ନିଜକୁ ନିୟୋଜିତ କରି ଯିଏ ନିଜର ପ୍ରାଣବନ୍ତ ରଚନାବଳୀ ଦ୍ୱାରା ଉତ୍କଳର ସାରସ୍ୱତ ଦିଗ୍‌ବଳୟକୁ ଉଦ୍‌ଭାସିତ କରିଥିଲେ ସେ ଥିଲେ ମା' ସରଳାଦେବୀ।

୧୯୦୪ ମସିହାରେ ଅଗଷ୍ଟ ୯ ତାରିଖରେ କଟକର ବାଲିକୁଦାଠାରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ମା' ସରଳାଦେବୀ। ତାଙ୍କ ପିତାଙ୍କ ନାମ ଥିଲା ବାସୁଦେବ କାନୁନ୍‌ଗୋ ଏବଂ ମାତାଙ୍କ ନାମ ଥିଲା ପଦ୍ମାବତୀ ଦେବୀ। ତାଙ୍କ ପରିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପରିବାର ସହ ଜଡ଼ିତ ଥିଲେ। ମଧ ଇଂରାଜୀ ବିଦ୍ୟାଳୟରେ ପାଠ ସମାପ୍ତପରେ ସେ ଜଗତସିଂହପୁର ଏକ ଜମିଦାର ପରିବାରରେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ଥିଲେ ଭାଗିରଥି ମହାପାତ୍ର। ସ୍ୱାମୀ ଭାଗିରଥି ମହାପାତ୍ରଙ୍କ ପ୍ରେରଣାରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଓଡ଼ିଶାର ଜାତୀୟ କଂଗ୍ରେସକୁ ଲୋକମାନଙ୍କ ମଧ୍ୟରେ ଆଦୃତ କରାଇବାର ସରଳାଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନିଜର ପ୍ରାଣସ୍ପର୍ଶି ରଚନା ଦ୍ୱାରା ହିଁ ସମସ୍ତଙ୍କୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ଉତ୍ସାହିତ କରିପାରିଥିଲେ। ଅଳକା ଆଶ୍ରମରୁ ପ୍ରକାଶ ପାଉଥିବା 'ଅଳକା' ପତ୍ରିକାରେ ସରଳା ଦେବୀ ଗାନ୍ଧିଜୀଙ୍କ ଖଦୀ ଆନ୍ଦୋଳନ, ପ୍ରୌଢ଼ଶିକ୍ଷା, ସୂତାକାଟା, ବିଦେଶୀ ଜିନିଷ ବର୍ଜନ, ଅସ୍ପୃଶ୍ୟତା ନିବାରଣ, ନାରୀଶିକ୍ଷା ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉନ୍ନତମାନର ଲେଖାଲେଖି ଜନସଚେତନତା ସୃଷ୍ଟି କରୁଥିଲେ। ଉତ୍କଳ ସାହିତ୍ୟ, ଆଶା, ନବୀନ, ନବଭାରତୀ ଆଦି ପତ୍ରିକାରେ ନାରୀମାନଙ୍କ ସମସ୍ୟା ଉପରେ ଲେଖି ନିଜର ଲେଖନୀ ଶକ୍ତି ଦ୍ୱାରା ନାରୀ ସମାଜକୁ ଜାଗ୍ରତ କରିଥିଲେ। ସମାଜର ସବୁଠାରୁ ଅବହେଳିତ, ଉପେକ୍ଷିତ, ଶିକ୍ଷାଲାଭରୁ ବଞ୍ଚିତ ନାନାବିଧ ପାରିବାରିକ ସାମାଜିକ ନିର୍ଯାତନାରେ ନିଷ୍ପେଷିତ ନାରୀ ସମାଜର ଅବସ୍ଥା ସମ୍ପର୍କରେ ସେ ଅନେକଗୁଡ଼ିଏ ଶକ୍ତିଶାଳୀ ଓ ସମ୍ବେଦନଶୀଳ ପ୍ରବନ୍ଧ ଓ ପୁସ୍ତକ ରଚନା କରିଥିଲେ। ତନ୍ମଧ୍ୟରୁ ନାରୀର ଦାବି, ନାରୀଜଗତ, ନାରୀତ୍ୱର ପ୍ରତିଷ୍ଠା, ଉତ୍କଳରେ ନାରୀଜାଗରଣ ଓ ଭାରତୀୟ ମହିଳା ପ୍ରସଙ୍ଗ ପ୍ରଭୃତି ସରଳା ଦେବୀଙ୍କର ଉଲ୍ଲେଖନୀୟ ସୃଷ୍ଟି। କେବଳ ସେତିକି ନୁହେଁ ବିଧାନସଭାର ସଦସ୍ୟଭାବେ ସେ ନାରୀ ସମାଜର ଉନ୍ନତି ପାଇଁ ଅନେକ କାର୍ଯ୍ୟ କରିଥିଲେ। ସେହିଁଥିଲେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା ଏବଂ ପ୍ରଥମ ମହିଳା ବାଚସ୍ପତି।

ଗୋଟିଏପଟେ ଜନସେବା ଓ ଆଉ ଗୋଟିଏ ପଟେ ସାହିତ୍ୟ ସାଧନା କରି ମାତୃଜାତି ପାଇଁ ଆଦର୍ଶ ପାଲଟିଥିଲେ ମା' ସାରଳା ଦେବୀ। ତିଳକ ସ୍ୱରାଜ ପାଣ୍ଠି ପାଇଁ ମା' ସରଳାଦେବୀ ଘରଘର ବୁଲି ପାଣ୍ଠି ସଂଗ୍ରହ କରିଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା' ରମାଦେବୀଙ୍କ ସହ ସରଳାଦେବୀ ମଧ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବିଦେଶୀ ଦ୍ରବ୍ୟ ଆନ୍ଦୋଳନକୁ ଆହୁରି କ୍ରିୟାଶୀଳ କରାଇଥିଲେ। ନାରୀଶିକ୍ଷା, ନାରୀମାନଙ୍କର ପ୍ରଗତି, ସମାଜରୁ କୁସଂସ୍କାର ଦୂର, ଜାତିପ୍ରଥାର ବିଲୋପ, ଶିକ୍ଷାର ବିକାଶ, ସ୍ୱଦେଶୀ ଦ୍ରବ୍ୟର ବହୁଳ ବ୍ୟବହାର, ନିଶାନିବାରଣ, ଅସ୍ପୃଶ୍ୟତା ନିବାରଣ, ହରିଜନମାନଙ୍କର ଉନ୍ନତି, ଜମିଦାରୀ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି କୃଷକମାନଙ୍କ ପାଇଁ ସେ ସରକାରଙ୍କ ଦୃଷ୍ଟି ମଧ ଆକର୍ଷଣ କରିଥିଲେ।

୧୯୩୯ ମସିହାରେ ସେ ବିଧାନସଭାରେ ଯୌତୁକ ଉଚ୍ଛେଦ ବିଲ୍ ଆଗତ କରିଥିଲେ। ସେହି ବର୍ଷ ସେ ସ୍ତ୍ରୀ ଲୋକମାନଙ୍କର ଭୋଟ୍ ଦେବା ଅଧିକାରକୁ ମାନିନେବା ପାଇଁ ସରକାରଙ୍କୁ ବାଧ୍ୟ କରିଥିଲେ। ସେ କେବଳ ଜନସେବିକା ଏବଂ ରାଜନୀତିଜ୍ଞ ନ ଥିଲେ, ଜଣେ ସୁସାହିତ୍ୟିକା ମଧ ଥିଲେ ମା' ସାରଳା ଦେବୀ। ସେ ପଟ୍ଟାରି ସୀତାରାମାୟାଙ୍କର ରଚିତ ପୁସ୍ତକ ହିଷ୍ଟ୍ରି ଅଫ୍ ଇଣ୍ଡିଆନ୍ ନ୍ୟାସନାଲ୍ କଂଗ୍ରେସର ଓଡ଼ିଆ ଅନୁବାଦ କରି ଓଡ଼ିଶାର ପୁରପଲ୍ଲୀରେ କଂଗ୍ରେସ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। କୃଷକ ଓ ହରିଜନମାନଙ୍କର ସମସ୍ୟାକୁ ସରକାରଙ୍କ ପାଖରେ ପହଞ୍ଚାଇବା ଏବଂ ନାରୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସରଳା ଦେବୀ। ମା' ସରଳାଦେବୀ ୪ ଅକ୍ଟୋବର ୧୯୮୬ର କଟକସ୍ଥିତ ତେଲେଙ୍ଗାବଜାରର ନିଜ ବାସଭବନରେ ମୃତ୍ୟୁବରଣ କରିଥିଲେ। ସେ ଦିନ ଓଡ଼ିଶା ଏକ ମହାନାୟିକା ସ୍ୱାଧୀନତା ସଂଗ୍ରାମୀକୁ ହରାଇଥିଲା। ବାସ୍ତବରେ ମା' ସରଳା ଦେବୀ ଥିଲେ ଜଣେ ଆଦର୍ଶବାଦୀ ମହିୟସୀ ମହିଳା ଯିଏ କି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ଓଡ଼ିଶାର କୋଣଅନୁକୋଣରେ ପ୍ରସାରିତ କରିବା ପାଇଁ ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ସତରେ ମା' ସରଳାଦେବୀଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କର ପ୍ରେରଣାରେ ଯଦି ଆଜିର ଯୁବପିଢ଼ି ସମାଜର ତଥା ରାଷ୍ଟ୍ରର ବିକାଶରେ କାର୍ଯ୍ୟ ଜାରି ରଖନ୍ତି ତେବେ ତାହାହିଁ ହେବ ତାଙ୍କପ୍ରତି ଆମର ପ୍ରକୃତ ଶ୍ରଦ୍ଧାଳି।



ଆଲେଖ୍ୟ:
ମୀରା ବେଉରା
ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୧୩

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖି...ଲେଖି...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଦିକି ଦିକି ହୋଇ ଚୁଲୀ ଜଳୁଥାଏ
କୁଣ୍ଡଳୀ କାଟେ ଧୂଆଁ
ଗାଆଁର ଧୂଳିକୁ ପୂଣ୍ୟବନ୍ତ କରେ
କଅଁଳା ବାଛୁରୀ ଡିଆଁ । ୧୩୧ ।

କଜଳପାତି ଓ ହଳଦୀ କାଠୁଆ
ଠାକୁମାଁ ଠାକୁର ଘର
ମୁଗୁନିର ଶିଳ ବେସର ବାଟଣା
କାଳୀ ଗାଇ ଦୁଧ ସର । ୧୩୨ ।

ନେଉଟିଆ ଶାଗ ମନ୍ଦାର ପଟାଳି
ପୋଖରୀର ନାଳି କଇଁ
ସାପ ଲାଞ୍ଜ ପରି ମଞ୍ଚାର ଛଚିନ୍ଦ୍ରା
ସପନେ ମିଳୁଛି କାଇଁ ? ।୧୩୩ ।

ଚକୁଳି ପିଠାର ଚେଁ ସାଥେ ଯେଉଁ
କଅଁଳା ଛୁଆର ରଡ଼ି
ଓଢଣା ଫାଙ୍କରୁ ଟୋପାଟୋପା ଝାଳ
ନୂଆ ବୋହୂ ନାଲି ଚୁଡ଼ି । ୧୩୪ ।

ଫିଟି ପଡୁଥାଏ ପ୍ରୀତିର କରବୀ
ନୂଆଁଣିଆ ସଂଜବେଳେ
ମୁଦି ଯାଉଥିବା ସୂର୍ଯ୍ୟମୁଖୀକୁ
ମଉଳା ଗୋଧୂଳି ଭାଳେ । ୧୩୫ ।

ପୋଖରୀ ହୁଡ଼ାରେ କିରିକିରି ହସେ
ଚହଟା ଚାନ୍ଦିନୀ ରାତି
ବାଣ୍ଟୁଥାଏ କେତେ ସ୍ମୃତିର ବାରତା
ପ୍ରୀତି ସରାଗରେ ମାତି । ୧୩୬ ।

ଯୁଗ ଯୁଗାନ୍ତ ଅନ୍ଧାରି ଭେଦି
ଦୀପ୍ତ ପ୍ରକାଶ ଆଗୋ
ଚେତନା ସୂର୍ଯ୍ୟର ପୂର୍ଣ୍ଣାଲୋକେ ତମେ
ଶତ ବର୍ଣ୍ଣାଳୀର ରଂଗ । ୧୩୭ ।

ବାଦଲକୁ ଚିରି ଦୃପ୍ତ ମାର୍ତ୍ତଣ୍ଡର
ତମେ ଉଜ୍ଜ୍ୱଳ ତେଜ
ସୀମାହୀନ ସ୍ନିଗ୍ଧ ସ୍ୱର୍ଗପୁରୀ ଗୋ'
ମୂର୍ତ୍ତିକା କ୍ଷେତ୍ରବୀର୍ଯ୍ୟ । ୧୩୮ ।

ଉତ୍ସବ ମୁଖର ଫଲ୍‌ଗୁ ଲିଭାଏ
ଦୁଃଖର କୋଳାହଳ
ବିଦାୟ ଲଗନ ଉଦାସ ମୂର୍ଚ୍ଛନା
ଯାତନାର ଦାବାନଳ । ୧୩୯ ।

ନାତିଶୀତୋଷ୍ଣ ସବୁଜ ଆଧାର
ଓଠେ ସପ୍ତପର୍ଣ୍ଣ ହସ
କଅଁଳିଆ ଫୁଲ ଶିଶୁ ହସ ତୁମେ
ଭର ଅବ୍ୟକ୍ତ ସାହସ । ୧୪୦ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଝାରା



୨୭

ଦୀପକ ରଂଜନ ମିଶ୍ର

## ॥ ବାରୀନ୍ ଘୋଷ ॥

କ୍ରିଷ୍ଣଧନ୍ ଘୋଷ ଥିଲେ ଜଣେ ଡାକ୍ତର । ଇଂରାଜୀ ଶିକ୍ଷା ପ୍ରତି ତାଙ୍କର ଖୁବ୍ ଦୁର୍ବଳତା ଥିବାରୁ ତିନିପୁଅ, ବିନୟଭୂଷଣ, ମନମୋହନ ତଥା ଅରବିନ୍ଦଙ୍କୁ ସେ ଇଂଲଣ୍ଡ ନେଇ ସେଠିକାର ସ୍କୁଲରେ ଭର୍ତ୍ତି କରିଥିଲେ । ଗଲାବେଳେ ତାଙ୍କ ସାଥୀରେ ନେଇଯାଇଥିଲେ ପତ୍ନୀ ସ୍ୱର୍ଣ୍ଣଲତା ଓ କନ୍ୟା ସରୋଜିନୀଙ୍କୁ । ସେତେବେଳେ ସ୍ୱର୍ଣ୍ଣଲତା ଥାଆନ୍ତି ଅନ୍ତସତ୍ତ୍ୱା । ୧୮୮୦ ମସିହା ଜାନୁଆରୀ ୫ ତାରିଖରେ ଲଣ୍ଡନ୍‌ର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚତୁର୍ଥ ପୁତ୍ର ଜନ୍ମ ହୋଇଥିଲା । ଡାକ୍ତର ମାଥ୍ୟୁଙ୍କ ଚିକିତ୍ସାରେ ପ୍ରସବ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ ହୋଇଥିବାରୁ ସ୍ୱର୍ଣ୍ଣଲତା ନବଜନ୍ମିତ ପୁତ୍ରର ନାମ ସେଇ ଡାକ୍ତରଙ୍କ ନାମାନୁସାରେ ରଖିବାକୁ ସ୍ଥିର କରନ୍ତି । ପୁତ୍ରର ନାମ ଡାକ୍ତରଖାନାର ରେଜିଷ୍ଟରରେ ଲେଖାହୁଏ - ଇମାନୁଏଲ୍ ମାଥ୍ୟୁ ଘୋଷ । ବର୍ଷେ ସେଠାରେ ରହିବା ପରେ ଡାକ୍ତରବାବୁ ପତ୍ନୀ, କନ୍ୟା ତଥା ସାନପୁଅଟିକୁ ସାଙ୍ଗରେ ନେଇ ଫେରିଆସନ୍ତି ଭାରତ । ତିନି ବଡ଼ପୁଅ ରହିଯାଆନ୍ତି ସେଇଠି ବିଦ୍ୟାଧ୍ୟୟନ ଉଦ୍ଦେଶ୍ୟରେ । ଦେଶକୁ ଫେରିବା ପରେ ପୁଅର ନାମ ପରିବର୍ତ୍ତନ କରି ରଖାହୁଏ ବାରୀନ୍ଦ୍ର କୁମାର ଘୋଷ । ଏଇ ବାରୀନ୍ଦ୍ର ବଡ଼ ହୋଇ ଅନୁଶୀଳନ ସମିତି ନାମକ କ୍ରାନ୍ତିକାରୀ ଦଳରେ ଯୋଗ ଦେଇଥିଲେ ଦେଶ ମାତୃକାକୁ ସ୍ୱାଧୀନ କରିବା ଲକ୍ଷ୍ୟରେ । ଆଲିପୁର ଷଡ଼ଯନ୍ତ୍ର କେଶ୍‌ରେ ମୁଖ୍ୟ ଅଭିଯୁକ୍ତ ଭାବେ ଭୋଗିଥିଲେ ୧୨ ବର୍ଷ କଳାପାଣି ଦଣ୍ଡ ।





ବାପା କ୍ରିଷ୍ଣଧନ୍ ପୂର୍ବବଙ୍ଗର ଖୁଲ୍‌ନା ସହରରେ ମେଡିକାଲ ଅଫିସର ଭାବେ ଅବସ୍ଥାପିତ ହୋଇ ଥିବାରୁ, ଲଣ୍ଡନ୍‌ରୁ ଫେରିବା ପରେ ସେଠିକୁ ଚାଲିଯାଆନ୍ତି କାର୍ଯ୍ୟରେ ଯୋଗଦେବା ପାଇଁ । ସ୍ୱର୍ଣ୍ଣଲତା ଦୁଇଛୁଆଙ୍କ ସହ ରହନ୍ତି ତାଙ୍କ ବାପାଙ୍କ ପାଖରେ ଦେଓଘରର ରୋହିଣୀ ଠାରେ । ବାରୀନ୍‌ଙ୍କ ବିଦ୍ୟାରମ୍ଭ ହୁଏ ସେଠିକା ସ୍ଥାନୀୟ ବିଦ୍ୟାଳୟରେ । ତାଙ୍କୁ ୧୩ ବର୍ଷ ହେବା ଯାଏ ସବୁକିଛି ଚାଲିଥାଏ ଠିକ୍‌ଠାକ୍ । କିନ୍ତୁ ୧୮୯୨ ମସିହାରେ ହଠାତ୍ ଦିନେ ସବୁକିଛି ଓଲଟ ପାଲଟ ହୋଇଯାଏ କ୍ରିଷ୍ଣଧନ୍‌ଙ୍କ ଦେହାନ୍ତ ଯୋଗୁଁ । ଲଣ୍ଡନ୍‌ରୁ ଭାରତ ଅଭିମୁଖେ ଆସୁଥିବା ଗୋଟିଏ ଜାହାଜ ଦୁର୍ଘଟଣାଗ୍ରସ୍ତ ହେବା ଖବର ଶୁଣି ହୃଦ୍‌ଘାତ୍ ହୋଇଥିଲା ତାଙ୍କର । ସେଇ ଜାହାଜରେ ତାଙ୍କ ତୃତୀୟ ପୁତ୍ର ଶିକ୍ଷା ସମାପ୍ତି ପରେ ଭାରତ ଫେରିବାର ଯୋଜନା ଥିଲା । ବାପାଙ୍କ ଦେହାନ୍ତ ବାରୀନ୍‌ଙ୍କ ପାଇଁ ଥିଲା ଏକ ଶକ୍ତ ଆଘାତ । ସେ ଦେଓଘର୍ କଲେଜ୍‌ରୁ ୧୯୦୧ ମସିହାରେ ପି.ୟୁ. ପାଶ କରିବା ପରେ ପାଟଣା କଲେଜ୍‌ରେ ଏଫ୍. ଏ. ପଢ଼ିବା ପାଇଁ ନାମ ଲେଖାନ୍ତି । ପ୍ରଚୁର ମାତ୍ରାରେ ସ୍ୱାଭିମାନୀ ଥିବାରୁ ନିଜ ଖର୍ଚ୍ଚ ପାଇଁ କାହା ଆଗରେ ହାତ ନପତାଇ ପାଟନାରେ ଖୋଲନ୍ତି ଗୋଟେ ଚା' ଦୋକାନ । ଏତିକି ବେଳକୁ ତାଙ୍କ ତିନିଭାଇ ବିଦେଶରେ ଉଚ୍ଚଶିକ୍ଷା ପ୍ରାପ୍ତହୋଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ବଡ଼ ବଡ଼ ଚାକିରୀରେ ଯୋଗ ଦେଇ ସାରିଥାନ୍ତି । ୧୯୦୨ ମସିହାରେ ପ୍ଲେଗ୍ ମହାମାରୀ ପାଟନାରେ ବ୍ୟାପିବାରୁ ସେଇଠି ଆଉ ରହିବା ସମ୍ଭବ ହୋଇ ପାରେନି । ଦୋକାନ ବନ୍ଦ କରି, ବାରୀନ୍ ବଡ଼ଭାଇ ଅରବିନ୍ଦଙ୍କ ପାଖକୁ ଚାଲିଯାଆନ୍ତି । ଅରବିନ୍ଦ ରହୁଥାନ୍ତି ବରୋଦାରେ । ସେଇ ବରୋଦା ରହଣୀ କାଳରେ ଅରବିନ୍ଦଙ୍କ କ୍ରାନ୍ତିକାରୀ ଚିନ୍ତାଧାରାର ବିଶେଷ ପ୍ରଭାବ ପଡ଼େ ବାରୀନ୍‌ଙ୍କ ଉପରେ । ପରେ ସେ କଲିକତା ଆସି ଯୋଗ ଦିଅନ୍ତି ଅନୁଶୀଳନ ସମିତି ନାମକ ଏକ କ୍ରାନ୍ତିକାରୀ ସଙ୍ଗଠନରେ । ମାଣିକତୋଲାରେ ଗୋଟେ ଘର ନେଇ ସେଠାରେ ତାଙ୍କର ଅଫିସ୍ ଖୋଲନ୍ତି । ଜନଜାଗରଣ ଉଦ୍ଦେଶ୍ୟରେ 'ଯୁଗାନ୍ତର' ନାମକ ଏକ ପତ୍ରିକା ପ୍ରକାଶ ପାଏ । ହେମଚନ୍ଦ୍ର ଦାସଙ୍କୁ ପ୍ୟାରିସ୍ ପଠାଯାଏ ବୋମା ନିର୍ମାଣ କୌଶଳ ଶିକ୍ଷା କରିବା ପାଇଁ । ସେଠାରୁ ସେ ଫେରିବା ପରେ ଯୁଗାନ୍ତର ଅଫିସ୍ ପାଲଟିଯାଏ ବୋମା ତିଆରି କାରଖାନାରେ । ସେଇ ମାଣିକ୍‌ତୋଲା ଘରୁ ଦିନେ ଅଚାନକ ଚଢ଼ଉ କରି ପୋଲିସ୍ ଗିରଫ୍ କରିନିଏ ବାରୀନ୍ ଓ ତାଙ୍କ ସହଯୋଗୀମାନଙ୍କୁ । କିଛି ମାଡ଼ ଭୟରେ ରାଜସାକ୍ଷୀ ହୋଇଯିବାରୁ ଦଳର ଭିତିରି କଥା ଗୁଡ଼ିକ ଜାଣିବାକୁ ସକ୍ଷମ ହୁଅନ୍ତି ଇଂରେଜ୍‌ମାନେ । ଅନୁଶୀଳନ ସମିତିର ଆହୁରି କିଛି ସଦସ୍ୟ ମଧ ଗିରଫ୍ ହୋଇଯାଆନ୍ତି । ସମସ୍ତଙ୍କୁ ଆଲିପୁର ଜେଲ୍‌ରେ ଅଲଗା ଅଲଗା ରଖାଯାଇ କୋର୍ଟରେ ସେମାନଙ୍କ ବିରୁଦ୍ଧରେ ମହଦ୍ଦମା ଚାଲେ । ପ୍ରମାଣ ଅଭାବରୁ ଅରବିନ୍ଦ ମୁକୁଳି ଯାଆନ୍ତି ସିନା ହେଲେ ବାରୀନ୍ ଓ ତାଙ୍କ ସାଥୀମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି । କେତେଜଣଙ୍କୁ ଫାଶୀ ଦେବାପାଇଁ ଜଜ୍ ରାୟ ଦେଲାବେଳେ ଆଉ କେତେକଙ୍କୁ ସାତବର୍ଷ କିମ୍ବା ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥାଏ । ବାରୀନ୍ ଓ ଉଲ୍ଲାସକରଙ୍କ ଫାଶୀ ଦଣ୍ଡ ପଛକୁ ପରିବର୍ତ୍ତିତ ହୋଇଯାଏ ଆଜୀବନ କାରାଦଣ୍ଡରେ । ଆଲୀପୁର ଷଡ଼ଯନ୍ତ୍ର କେଶ୍‌ରେ ଅଭିଯୁକ୍ତ ଯେଉଁ ସାତଜଣଙ୍କୁ ଆଜୀବନ କଏଦୀ ରୂପେ ଆଣ୍ଡାମାନ ପଠାଇବାର ବ୍ୟବସ୍ଥା କରାହୁଏ ସେମାନେ ହେଲେ, ବାରୀନ୍ଦ୍ର କୁମାର ଘୋଷ, ଉଲ୍ଲାସକର ଦତ୍ତ, ହେମଚନ୍ଦ୍ର ଦାସ, ହୃଷିକେଶ କାଞ୍ଜିଲାଲ, ଇନ୍ଦୁଭୂଷଣ ରାୟ, ବିଭୂତି ଭୂଷଣ ସରକାର ଓ ଅବିନାଶ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ଏମାନଙ୍କ ଦୁଇ ସାଥୀ ଉପେନ୍ଦ୍ର ଓ ସୁଧୀର ଅସୁସ୍ଥ ଥିବାରୁ ତାଙ୍କୁ ପରେ ପଠାଇବାକୁ ନିଷ୍ପତ୍ତି ନିଆଯାଇଥାଏ ।

ଉପରୋକ୍ତ ସାତଜଣ ବନ୍ଧୁଙ୍କ ଗୋଡ଼ରେ ଲୁହା ଜଞ୍ଜୀର ବନ୍ଧା ହେବାସହ ହାତରେ ହାତକଡ଼ି ପିନ୍ଧାଇ କାରାଗାରରୁ ଚଲେଇ ଚଲେଇ ନେଇ ଏସ୍. ଏସ୍. ମହାରାଜା ନାମକ ଜାହାଜରେ ଚଢ଼ାଇ ତଳ ମହଲାର ଗୋଟିଏ ଅନ୍ଧାରୁଆ କୋଠରୀ ଭିତରେ ସେମାନଙ୍କୁ ପୂରେଇ ଦିଆଯାଏ । ଏମାନଙ୍କ ମନରେ କିନ୍ତୁ ଦୁଃଖର ଲେଶ ମାତ୍ର ନଥାଏ । ପରସ୍ପର ମଧ୍ୟରେ ଥଟ୍ଟା ମଜା କରିବା ସହ ସେମାନେ ଏମିତି ହୋ ହୋ ହୋଇ ହସୁଥାନ୍ତି ଯେ କେହି ଦେଖିଲେ ଭାବିବ ଏମାନେ କୋଉଠିକୁ ପିକ୍‌ନିକ୍‌ରେ ବାହାରିଛନ୍ତି ବୋଲି । ଏମାନଙ୍କ ଏଭଳି ବ୍ୟବହାର ଦେଖି ଜାହାଜର ସୁରକ୍ଷାକର୍ମୀମାନେ ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି । ଆଲୀପୁର ଷଡ଼ଯନ୍ତ୍ର କେଶ୍‌ର ଅଭିଯୁକ୍ତମାନଙ୍କୁ ଆଣ୍ଡାମାନ ନେବାକୁ ହେବ ବୋଲି ଶୁଣିଲା ଦିନଠାରୁ ସେମାନେ ଚିନ୍ତିତ ହୋଇ ପଡ଼ିଥିଲେ । ବୋମା ତିଆରି କରୁଥିବା ଏଇ ଯୁବକମାନେ ଅତି ଦୁର୍ଦ୍ଧାନ୍ତ ହୋଇଥିବେ ନିଶ୍ଚିତ । ଅତ୍ୟନ୍ତ ସୁରକ୍ଷାର ସହ ସେମାନଙ୍କୁ ନନେଲେ ବାଟରେ କିଛି ଅଘଟଣ ବି ଘଟାଇ ପାରନ୍ତି । ହେଲେ ଇଏ କ'ଣ ? ଏମାନଙ୍କ ଭିତରୁ କେହି ଜଣେ ବିତ ସେମିତି ଆଦୌ ଜଣା ପଡୁନାହାନ୍ତି । ସ୍ୱଭାବରେ ଅତି ନମ୍ର ତଥା ଭଦ୍ର ଘରର ପିଲା ଭଳି ଦେଖାଯାଉଥାନ୍ତି ସମସ୍ତେ । ତାଙ୍କ ତାଙ୍କ ଭିତରେ ଥଟ୍ଟା ତାମସା ହୋଇ ସେମାନେ ଜାହାଜକୁ ଚଢ଼ିଥାନ୍ତି । ଅନେକ ସମୟ ଧରି ଦେଖିଲା ପରେ କୌଣସି ବି ଦିଗରୁ ସେମାନେ ଦୁର୍ଦ୍ଧାନ୍ତ ଭଳି ଆଦୌ ଜଣା ନପଡ଼ିବାରୁ ଜାହାଜ ବନ୍ଦର ଛାଡ଼ି ସମୁଦ୍ର ଭିତରକୁ ଯିବାରୁ ସୁରକ୍ଷାକର୍ମୀମାନେ ଆସି ସେମାନଙ୍କର ବନ୍ଧନ ଖୋଲିଦିଅନ୍ତି । ଆଣ୍ଡାମାନରେ ପହଞ୍ଚିବା ପରେ ତ ସେମାନେ ଅକଥନୀୟ ନିର୍ଯ୍ୟାତନା ଭୋଗ କରିବେ ନିଶ୍ଚିତ । ଅନ୍ତତଃ ଯିବା ବାଟରେ କିଛି ଖୁସି ମଉଜ କରି ଯାଆନ୍ତୁ । ହାତକଡ଼ି ଖୋଲି ଦେବାରୁ ସେମାନେ ଆରାମରେ ସେମାନଙ୍କ କମ୍ବଳଗୁଡ଼ିକ ତଳେ ବିଛାଇ ତହିଁରେ ବସି ଗପାଗପି କରିବାକୁ ଲାଗନ୍ତି । ହେମଚନ୍ଦ୍ର ଓ ଉଲ୍ଲାସକର ସୁମଧୁର କଣ୍ଠରେ ଗୀତ ଗାଇବା ଆରମ୍ଭ କରିଦିଅନ୍ତି । ଦୁହେଁ ଭାରି ମଜାକିଆ ପ୍ରକୃତିର । ଏମାନେ ଥିବା ଜାଗାରେ ଦୁଃଖ କ୍ଷଣଟିଏ ବି ରହିବା ଥାଏ ମୁସ୍କିଲ । ଯେଉଁ କଳାପାଣିକୁ ସେମାନଙ୍କୁ ସ୍ଥାନାନ୍ତରଣ କରାହେଉଛି ତାହା କେମିତି ଜାଗା, ସେଇଠି ସେମାନେ କେମିତି ରହିବେ ତଥା କ'ଣ ଖାଇବେ, ଏସବୁ ବିଷୟରେ ସେମାନଙ୍କର ଆଦୌ ଚିନ୍ତା ହିଁ ନଥାଏ ।

ଗୋଟେ କୋଣରେ ବାଲ୍‌ଟିଟିଏ ରଖାହୋଇଥାଏ ପାଇଖାନା ରୂପେ ବ୍ୟବହାର କରିବା ପାଇଁ । ଜଣେ ତାକୁ ବ୍ୟବହାର କରିବାକୁ ଗଲେ ସେଠାରେ ଉପସ୍ଥିତ ଅନ୍ୟମାନେ ଆଖି ବୁଜି ବସିରହିବାକୁ ହେଉଥାଏ । ଜାହାଜର ତଳ ମହଲା ହୋଇଥିବାରୁ ଜାଗାଟି ସେମିତି ବି ଥାଏ ଅନ୍ଧାରୁଆ । କେତୋଟି ଛୋଟ ଛୋଟ ଗୋଲ କଣାଦେଇ ଯାହା ଅଳ୍ପ ଆଲୁଅ ଆସୁଥାଏ ସ୍ଥାନଟିକୁ ଯତ୍‌କିଞ୍ଚିତ୍ ଆଲୋକିତ କରିବାକୁ । ଏମିତି କଥୋପକଥନ ଚାଲିଥିବା ବେଳେ କିଛିଲୋକ କବାଟ ଖୋଲି ଭିତରକୁ ପଶନ୍ତି । ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଥିବା ଭକ୍ତଙ୍କ ଭଳି ସେମାନଙ୍କ ହାତରେ ଥାଏ ଭୋଗଡାଲା । ସେମାନେ ଥିଲେ ଜାହାଜର ଭଣ୍ଡାରୀ । ସାଙ୍ଗରେ ଆଣିଥାନ୍ତି ଓଟ୍ସ ଭଜା, ଚୁଡ଼ା, ଲଙ୍କା ଓ ଲୁଣ । ସମୟ କେତେଟା ହେଲାଣି ବୋଲି ପଚାରି ଦିନ ଦୁଇଟା ପାରି ହୋଇଯାଇଥିବା ଜାଣିବାକୁ ମିଳେ । କଥାବାର୍ତ୍ତାରେ ସେମାନେ ଏମିତି ମଜ୍ଜି ଯାଇଥିଲେ ଯେ କାହାରି ଆଉ ସମୟ ଜ୍ଞାନ ନଥିଲା । ସେମାନେ ଭାବୁଥାନ୍ତି ଦିନ ନ'ଟା ଖଣ୍ଡେ ହୋଇଥିବ ବୋଲି । ଦୁଇଟା ଉପରେ ହେଲାଣି ଯଦି ତେବେ ସେମାନଙ୍କୁ ଓଟ୍ସ ଭଜା ଆଉ ଚୁଡ଼ା କାହିଁକି ଆଣିଦେଇଛନ୍ତି ଯେ ? ଭାତ ଗଣ୍ଡେ ଖାଇବାକୁ ମିଳିବନି କି ? ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଭଣ୍ଡାରୀଙ୍କ ଭିତରୁ ଜଣେ କହେ ଜାହାଜରେ ଥିବା ମୁସଲମାନ କର୍ମଚାରୀମାନେ ଭାତ ରାନ୍ଧନ୍ତି ଓ ସେଇମାନେ ହିଁ ଖାଆନ୍ତି । ସେଇ ଭାତ ହିନ୍ଦୁମାନଙ୍କୁ କେମିତି ଦିଆଯିବ । ଦେଲେ ହେଲେ କ'ଣ ସେମାନେ ଖାଇବେ । ମ୍ଲେଚ୍ଛ ହାତରନ୍ଧା ଭାତ ଖାଇଲେ ସେମାନଙ୍କ ଜାତି ଚାଲିଯିବନି । ସେଇଥିପାଇଁ ଜାହାଜରେ ଯାତ୍ରା ସମୟରେ ହିନ୍ଦୁ କଏଦୀମାନଙ୍କୁ ଏଇଭଳି ଶୁଖିଲା ଖାଦ୍ୟ ଦିଆହୋଇଥାଏ । ଏହାଶୁଣି ସମସ୍ତଙ୍କ ଭିତରେ ଭାଳେଣି ପଡ଼ିଯାଏ । ଜଣେ ରାଗିଯାଇ ହାତ ଉପରକୁ କରି କହେ, "କିଏ ଆମ ଜାତି ନଷ୍ଟ କରି ପାରିବ ? ଆମ ଧର୍ମ କ'ଣ ଏମିତି ସେମିତି ହୋଇଛି ଯେ ଅଳ୍ପକେ ଭାଙ୍ଗି ହୋଇଯିବ ଚୁରମାର୍ । ତାହା ଲୁହାରେ ତିଆରି । ଦଳି ମକଚି ଉଚ୍ଚ ପାହାଡ଼ ଉପରୁ ତଳକୁ ଫିଙ୍ଗି ଦେଲେ ମଧ ତାହାର ଅଳ୍ପ ଟିକିଏ ବି ହାନି ହେବାର ନୁହେଁ । ଆସ ଭାଇମାନେ, ଆମେ ସମସ୍ତେ ମିଶି ସେଇ ମ୍ଲେଚ୍ଛଙ୍କ ହାତରନ୍ଧା ଭାତ ଖାଇବା । ମ୍ଲେଚ୍ଛମାନେ କ'ଣ ମଣିଷ ନୁହନ୍ତିକି ?" ତା' କଥାରେ ଅନ୍ୟ ସାଥୀମାନେ ରାଜି ହୋଇଯିବା ଦେଖି ସେଠାରେ ଉପସ୍ଥିତ ଶିଖ୍ ସୁରକ୍ଷାକର୍ମୀମାନେ ରାଗିଯାଆନ୍ତି । ସାମାନ୍ୟ ଭାତ ମୁଠାକ ପାଇଁ ଏମାନେ ତାଙ୍କ ଧର୍ମ ଭ୍ରଷ୍ଟ କରିବାକୁ ବାହାରି ପଡୁଛନ୍ତି ! ସେମାନଙ୍କୁ ଅନେକ କଥା କହି ବୁଝାଇବା ସହ ନିଜ ହାତରେ ଭାତ ରାନ୍ଧି ଆଣି ଖାଇବାକୁ ଦିଅନ୍ତି । ଭାତ ମୁଠାଏ ପାଇଗଲେ ବଙ୍ଗାଳୀମାନେ ଭାରି ଖୁସ୍ । ଭାତରେ ଯେଉଁ ଶାନ୍ତି ତାହା ଅନ୍ୟ କୌଣସି ଖାଦ୍ୟରୁ କ'ଣ କେବେହେଲେ ମିଳିବ ?

ଚାରିଦିନର ଜାହାଜ ଯାତ୍ରା ଏଇମିତି ହସଖୁସିରେ ଚାଲେ । 'ମହାରାଜା' ଶେଷକୁ ଯାଇ ପହଞ୍ଚେ ଆଣ୍ଡାମାନରେ । ଭାରତରେ କେତେକ ସ୍ଥାନରେ ସେତେବେଳେ ପ୍ଲେଗ୍ ମହାମାରୀ ବ୍ୟାପିଥିବାରୁ ଜାହାଜର ସମସ୍ତ ଯାତ୍ରୀଙ୍କୁ ପ୍ରଥମେ ପନ୍ଦରଦିନ ସେଠିକାର ପ୍ଲେଗ୍ କେମ୍ପ୍‌ରେ ରହିବାକୁ ପଡ଼େ । କାହାରି ଠାରେ ମହାମାରୀର କୌଣସି ଲକ୍ଷଣ ଦେଖା ନଯିବାରୁ ତା'ପରେ ଯାତ୍ରୀମାନଙ୍କୁ ସେଠାରୁ ଦ୍ୱୀପ ଭିତରକୁ ଯିବାକୁ ଅନୁମତି ମିଳେ । କଏଦୀମାନଙ୍କୁ କଡ଼ା ସୁରକ୍ଷାବଳୟ ଭିତରେ ନିଆଯାଏ ସେଲ୍ୟୁଲାର ଜେଲ୍‌କୁ । ଗୋଡ଼ରେ ବେଡ଼ି ତଥା ହାତରେ ହାତକଡ଼ି ପିନ୍ଧାଇ ଦିଆଯାଇଥାଏ । ତହିଁରେ ପୁଣି ସେମାନଙ୍କୁ ବନ୍ଧା ଯାଇଥାଏ ଲୁହା ଶିକୁଳିରେ । ଚାଲିବାକୁ ବି ଘୋର ଅସୁବିଧା ହେଉଥିବା ବେଳେ କାନ୍ଧେଇଥାନ୍ତି ତାଙ୍କ ବିଛଣା ଓ ହାତରେ ଧରିଥାନ୍ତି ତାଙ୍କ ବାସନକୁସନ । ଧାଡ଼ିବାନ୍ଧି ସେମାନେ ଚାଲିଚାଲି ଯାଇ ସେଲ୍ୟୁଲାର ଜେଲ୍ ପାଖରେ ପହଞ୍ଚନ୍ତି । ଛୋଟ ପାହାଡ଼ ଉପରେ ତାହା ଏକ ଦୁର୍ଗ ଭଳି ଦେଖାଯାଉଥାଏ । ଜେଲ୍ ଭିତରେ ପୁଣିଥରେ ସେମାନଙ୍କ ସ୍ୱାସ୍ଥ୍ୟର ଯାଞ୍ଚ କରାଯିବା ପରେ ଜେଲର୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚାଇ ଦିଆଯାଏ । ସେଇଠି ପ୍ରଥମ ଥର ପାଇଁ ଭେଟ ହୁଏ ଜେଲର୍ ଡେଭିଡ୍ ବାରୀଙ୍କ ସହିତ । ଖୁବ୍ ମୋଟାସୋଟା ବାଙ୍ଗରା ଲୋକଟିଏ । ଚଉଡ଼ା ମୁହଁକୁ ବଡ଼ ନାକଟି ବଡ଼ ଅବାଗିଆ ଦିଶୁଥାଏ । ମୁହଁରେ ଅହରହ ଚୁରୁଟ୍ । ହାତରେ ଧରିଥାନ୍ତି ବାଡ଼ି ଖଣ୍ଡିଏ । ଜେଲ୍ ଭିତରେ ଯାଙ୍କର ଥାଏ ଖୁବ୍ ଖାତିର । ସମସ୍ତଙ୍କର ନାଁ ରେଜିଷ୍ଟରରେ ଲେଖା ସରିବା ପରେ ତାଙ୍କୁ ଗୋଟିଏ ଧାଡ଼ିରେ ଠିଆ କରେଇ ଦେଇ କହନ୍ତି, "ଏଇ କାରାଗାର ଚାରିପଟେ ଥିବା ଅନୁଚ୍ଚ ପ୍ରାଚୀରକୁ ଦେଖି ପାରୁଛ ? ପ୍ରତ୍ୟେକ ଜେଲ୍‌ର ପ୍ରାଚୀର ତ ଖୁବ୍ ଉଚ୍ଚତା ବିଶିଷ୍ଟ ହୋଇଥାଏ ତେବେ ଏଠିକାର ପ୍ରାଚୀର ଏତେ କମ୍ ଉଚ୍ଚତାର କାହିଁକି ? କାରଣ ଏଇ ଜାଗାରୁ କାହାରି ପଳାୟନ ଏକ ଅସମ୍ଭବ କଥା । ଏଇ ଦ୍ୱୀପକୁ ଚତୁର୍ଦ୍ଦିଗରୁ ପ୍ରାୟ ହଜାରେ ମାଇଲ୍ ବ୍ୟାପି ଘେରି ରହିଛି ସମୁଦ୍ର । ଆଉ ଏଠିକା ଜଙ୍ଗଲରେ ରହୁଥିବା ଆଦିମ ଜନଜାତିର ଲୋକମାନେ ହେଉଛନ୍ତି ବାଘଭାଲୁଙ୍କ ଠାରୁ ବଳି ହିଂସ୍ର । ମଣିଷକୁ ତୀରବିନ୍ଧି ଶିକାର କରିବା ସହ ସେମାନଙ୍କ ମାଂସ ଖାଇବାରେ ଅଧିକ ଆନନ୍ଦ ଲାଭ କରନ୍ତି । ତେଣୁ ଭୁଲ୍‌ରେ ବି ଏଠାରୁ ପଳାଇବାର କେବେ ଚିନ୍ତା ହିଁ ଆଣିବନି ମନକୁ । ଜେଲ୍‌ର ନିୟମ ମାନି ଚଳିଲେ କାହାରି କିଛି ଅସୁବିଧା ହେବନି । ତୁମମାନଙ୍କ ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପେଟି ଅଫିସର, ଟଣ୍ଡିଲ ତଥା ଜମାଦାରମାନଙ୍କୁ ନିଯୁକ୍ତ କରାହୋଇଛି । ସେମାନେ ତାଙ୍କ କାମରେ ଖିଲାପ କଲେ ସେମାନଙ୍କ ବିରୁଦ୍ଧରେ ତୁମର ଯାହା କହିବାର କଥା ମୋତେ ଆସି କହିପାର । ମୁଁ ସେସବୁ ବୁଝିବି । କିନ୍ତୁ କେହି ଗଣ୍ଡଗୋଳ କରିବନି ଜେଲ୍ ଭିତରେ । ନିୟମ ମାନି ନଚଳିଲେ କଠୋର ଦଣ୍ଡ ଦେବାର ବ୍ୟବସ୍ଥା ମଧ ରହିଛି ।"

ସାକ୍ଷାତକାର ପରେ ସେମାନଙ୍କ ଗୋଡ଼ରେ ବନ୍ଧା ହୋଇଥିବା ଲୁହା ଶିକୁଳି ସବୁକୁ କଟାଯିବା ସହ ସେମାନଙ୍କୁ ଗାଧୋଇବା ପାଇଁ ଗୋଟିଏ ବଡ଼ ଟାଙ୍କି ପାଖକୁ ନିଆଯାଏ । ତାଖଣ୍ଡେ ଚଉଡ଼ାର ଖଣ୍ଡେ ଲେଙ୍ଗୁଟି ବଢ଼େଇ ଦିଆଯାଏ ତାକୁ ପିନ୍ଧି ଗାଧୋଇବା ପାଇଁ । ଗାମୁଛା ନଥିବାରୁ ସମସ୍ତଙ୍କ ସମ୍ମୁଖରେ ପୋଷାକପତ୍ର ଖୋଲି ଲେଙ୍ଗୁଟି ପିନ୍ଧି ଗାଧୋଇବାକୁ ଖୁବ୍ ଲାଜ ଲାଗେ ଏମାନଙ୍କୁ । ହେଲେ ସମସ୍ତଙ୍କର ସମାନ ଅବସ୍ଥା ହୋଇଥିବାରୁ କେହି ଆଉ କାହାକୁ ନଦେଖି ମୁଣ୍ଡ ତଳକୁ ପୋତି ଗାଧୁଆ କାର୍ଯ୍ୟ ସମାପନ କରନ୍ତି । ଏଥର ତାଙ୍କୁ ଜେଲ୍‌ର ପୋଷାକ ଭାବେ ମିଳେ ହାପ୍ ପେଣ୍ଟ, କୁର୍ତ୍ତା ଓ ଟୋପି । କିଛି ଟିକିଏ ଖାଇବାକୁ ଦେଇ ସେମାନଙ୍କୁ ନେଇ ପାଞ୍ଚ ନମ୍ବର ବ୍ଲକ୍‌ରେ ଥିବା ଗୋଟେ ଗୋଟେ ସେଲ୍‌ରେ ପୃଥକ୍ ପୃଥକ୍ ଭାବେ ପୂରେଇ ତାଲା ପକାଇ ଦିଆଯାଏ । ସାଙ୍ଗମାନଙ୍କ ମେଳିରୁ ଅଲଗା ହୋଇ ବାରୀନ୍‌ଙ୍କୁ ଅନ୍ଧାରୁଆ କୋଠରୀ ଭିତରେ ଏକୁଟିଆ ଆଦୌ ଭଲ ଲାଗେନି । ରାତିଟା ବଡ଼ କଷ୍ଟରେ ବିତେ । ଭୋର ସକାଳୁ ସମସ୍ତଙ୍କୁ ଉଠାଇ ନିତ୍ୟକର୍ମ ସାରିବାକୁ ତାଗିଦ୍ କରନ୍ତି ପେଟି ଅଫିସରମାନେ । ତା'ପରେ ଆରମ୍ଭ ହୋଇଯାଏ କାମ । ଯାହା ଭାଗରେ ଯେଉଁକାମ ଜେଲର୍ ନିର୍ଦ୍ଧାରିତ କରିଥାନ୍ତି ତାହା ତାକୁ କରିବାକୁ ପଡ଼େ । ବାରୀନ୍‌ଙ୍କ ସେଲ୍ ଆଗରେ ଥିବା ବାରଣ୍ଡାରେ ପିଟି ନରମ କରାହୋଇଥିବା ନଡ଼ିଆ କତାରୁ ବୋଝେ ଦେଇ ତାଙ୍କୁ କୁହାଯାଏ ଦଉଡ଼ି ବଳିବାକୁ । ଏ କାମ ଜୀବନରେ କେବେ କରି ନଥିବାରୁ ପେଟି ଅଫିସର ଜଣେ ତାଙ୍କୁ ସେଇ କାମ କେମିତି କରିବାକୁ ହୁଏ ତାହା ବତାଇବାକୁ ଲାଗେ...... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ବହି ଆଲୋଚନା

# କବି ଦିବ୍ୟସିଂହ ଦାସ ଅଧିକାରୀଙ୍କ କାବ୍ୟବୋଧ ଓ ଜୀବନଦୃଷ୍ଟି

ଓଡ଼ିଆ ସାହିତ୍ୟର ସ୍ୱାଧୀନତା ପରବର୍ତ୍ତୀ ପ୍ରୟୋଗବାଦୀ କାବ୍ୟଧାରାରେ ୧୯୫୦ରୁ ୧୯୬୦ ମସିହା ମଧ୍ୟରେ ଜନ୍ମିତ କବିମାନଙ୍କ ଭିତରେ ଦିବ୍ୟସିଂହ ଦାସ ଅଧିକାରୀ (୧୯୫୫) ଜଣେ ନିଷ୍ଠାପର ଓ ଶ୍ରଦ୍ଧାଶୀଳ କାବ୍ୟଶିଳ୍ପୀ । ଏଇ ସ୍ୱଳ୍ପ କାଳଖଣ୍ଡ, ଭିତରେ ଅନେକ କବି ଓଡ଼ିଆ ସାହିତ୍ୟରେ ମାର୍ଜିତ କରି କବିତାରେ ନୂଆପଣର ସର୍ଜନା କରିଛନ୍ତି । ଦିବ୍ୟସିଂହ ଦାସ ଅଧିକାରୀଙ୍କ କାବ୍ୟବୋଧରେ ରହିଛି ଜୀବନଜିଜ୍ଞାସାର ଅନ୍ତରଙ୍ଗ ସ୍ୱର । ସମୟ, ଯୁଦ୍ଧ, ପ୍ରେମ ତଥା ସାମାଜିକ ବାସ୍ତବତାର ମାର୍ମିକ ଅନୁଭବ । ମାନବିକ ମୂଲ୍ୟବୋଧ ଓ ମଣିଷକୁ ଭଲ ପାଇବାର ଘନିଷ୍ଠ ଆତ୍ମୀୟତାକୁ ପୁଂଜି କରି ସେ ଗଢ଼ି ଦେଇଛନ୍ତି ଜୀବନବୋଧର ସୃଜନଶୀଳ ସ୍ଥାପତ୍ୟ । ତାଙ୍କ କାବ୍ୟିକ ଜୀବନର ଅସରନ୍ତି ଅନୁଭବ ଓ ଅନ୍ୱେଷା ତାଙ୍କ ସୃଜନୀ ପରଂପରାକୁ ନୂତନ ଦିଗନ୍ତରେ ଉଦ୍‌ଭାସିତ କରିଛି । ସେ ଜଣେ ସଚେତନ କାବ୍ୟଶିଳ୍ପୀ ନିଜ କାବ୍ୟକଳାରେ ପ୍ରତୀକ, ଉପମା ଓ ଶବ୍ଦ-ଚିତ୍ରର ସୁପ୍ରୟୋଗ କରିବା ବେଳେ, କବିତା ସଂପର୍କରେ 'ସବୁଠି ଶୋଷ' କବିତା ସଂକଳନର ପୃଷ୍ଠବନ୍ଧରେ କବିଙ୍କ ମର୍ମବାଣୀ ଏଠାରେ ଉଲ୍ଲେଖଯୋଗ୍ୟ ମନେହୁଏ । 'ଭାବର ଗଭୀରତାକୁ ଅନୁଧ୍ୟାନ କରି ଯେତେବେଳେ ସଠିକ୍ ଶବ୍ଦ ପ୍ରୟୋଗ ହୋଇଯାଏ ସୂକ୍ଷ୍ମ ଅନୁଭବ ଓ କଳେବରରେ ସେତେବେଳେ କବିତା ସୌଷ୍ଟବ ପରିପୂର୍ଣ୍ଣ ହୋଇଯାଏ । ତାହା ପାଲଟି ଯାଏ ଏକ ପରିପୂର୍ଣ୍ଣ କବିତା । ଏମିତି ଏକ ଅବିବୋଧ ନିଶ୍ଚୟ ମନକୁ ଛାଁ କୁ ଛାଁ ଆବରି ବସିବ ।' ତାଙ୍କର କିଛି କବିତାରେ ସାଲିସ୍ ବିହୀନ ଉଚ୍ଚାରଣ ତଥା ସାଂପ୍ରତିକ ଘଟଣା ଦୁର୍ଘଟଣାକୁ ସାମ୍ନା କରିବାର ଦୁର୍ବାର ଇଚ୍ଛାର ପ୍ରତିଫଳନ ତାଙ୍କ ସୃଜନକଳାକୁ ଋଦ୍ଧିମନ୍ତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ନିଜ କାବ୍ୟ ଯାତ୍ରାର ଭିନ୍ନ ଭିନ୍ନ ସମୟରେ କବିତା ସଂକଳନ ଯଥା; ନଇ ବି କହୁଛି କଥା (୧୯୯୨), ପଦ୍ମ ପୋଖରୀ (୧୯୯୮), ଘନିଷ୍ଠ ସମୟ (୨୦୦୩), ଏବେ ଏମିତି (୨୦୧୧), ସବୁଠି ଶୋଷ (୨୦୧୪) ଏବଂ ଅଧିକାରୀ ପୃଥ୍ୱୀ (୨୦୧୭) ସୁନ୍ଦର ମାଇଲଖୁଣ୍ଟ ରୂପେ ପାଠକଙ୍କ ନଜରରେ ପଡ଼ିଛି ।

ନିଜ ବିଦ୍ରୋହୀ ଚେତନାକୁ ନୂଆ ରଙ୍ଗ ଓ ରୂପରେ ସଜେଇବାକୁ ଯାଇ ସାମାଜିକ ବ୍ୟବସ୍ଥାର ଆବୁରୁ ଜାବୁରୁ କ୍ଷତମାନଙ୍କୁ ସୁଧାରିବାକୁ କବି 'ସବୁଠି ଶୋଷ' ସଂକଳନର 'ଆନ୍ଦୋଳନ' କବିତାରେ ସାଲିସବିହୀନ ଉଚ୍ଚାରଣକୁ ସନ୍ଦୀପ୍ତ କରିଛନ୍ତି । 'ସବୁ ଇଚ୍ଛା ଅହଙ୍କାରର ଚୌତରାରେ/ ନାଚକୁଦ ତମର/ ଆଉ ସାଲିସ୍ କରିବାର ବେଳ ନାହିଁ/ ବଢ଼େଇ ଦଉଛ ସାମ୍ନା ସାମ୍ନା ଲଢ଼େଇର ଚିଠା/ ଏବେ ବୋଧେ ଆନ୍ଦୋଳନ ବେଳ/ 'କର ଅବା ମର' ନ୍ୟାୟରେ ସତେଜ/ ସବୁ ଜୀବକୋଷ ।' କବି ଦିବ୍ୟସିଂହଙ୍କ 'ଘନିଷ୍ଠ ସମୟ' ଏକ ସାର୍ଥକ ସୃଷ୍ଟି । ଏହି ସଂକଳନର 'ଖେଳ' କବିତାଟିରେ ପ୍ରତୀକର ଉତ୍ତମ ପ୍ରୟୋଗ ଘଟିଛି ମହୁମାଛିର ଛାତି ଅନ୍ଧାର, ଶୋଷର ସଂଗୀତ, ବାସି ଫୁଲଙ୍କ ଶେଯ ପ୍ରମୁଖ ଶବ୍ଦଚିତ୍ର ମାନଙ୍କରେ । 'ମହୁମାଛିର ଛାତି ଅନ୍ଧାରରେ ମହିମାମୟ/ ପୁରୁଷଙ୍କ ଶୋଷର ସଂଗୀତ/ ବାସିଫୁଲଙ୍କ ଶେଯେ ଠାବ ହୁଅନ୍ତି/ ଭେଜା ନ ଥିବା ଆତୁର ସମ୍ରାଟ ଗଣ/ ପକ୍ଷଭୁକ୍ତ ଅଭିଳାଷରେ ଶୋଭାପାନ୍ତି/ ପୁରୁଷ ଚୈତନ୍ୟ ।'

ଦେହର କ୍ଷତଠାରୁ ମନର କ୍ଷତ ଆଉ ଭୟଙ୍କର ଅଦମନୀୟ । ମନର କ୍ଷତଠାରୁ ନିସ୍ତାର ନାହିଁ କୌଣସି ବ୍ୟକ୍ତିର । ଯେତେ ପୂଜାର୍ଚ୍ଚନା କରିବାକୁ ଦେବତା ମନ୍ଦିରକୁ ଗଲେ ମଧ୍ୟ ଶ୍ୱାସରୁଦ୍ଧ ହୋଇଯାଏ ମାନବର ହୃଦୟ । ଏ ସଂପର୍କରେ କବିଙ୍କ 'ଏବେ ଏମିତି' ସଂକଳନର 'କ୍ଷତ' କବିତାଟିକୁ ତର୍ଜମା କରାଯାଇ ପାରେ । 'ପରିତ୍ରାଣ ନାହିଁ ତା' କବିକୁ/ ନେହୁରା ହେଲେ ବି ଥରକୁ ଥର/ ପୂଜାର୍ଚ୍ଚନା କଲେ ବି ତ/ ବାଟେ ଘାଟେ ଦେବତା ମନ୍ଦିରେ/ ହେଇଯାଏ ଶ୍ୱାସରୁଦ୍ଧ/ ଜଖମ୍ ହେଇଯାଏ ସମଗ୍ର ଶରୀର/ ଯିଏ ଯେଉଁ ବାଗେ କରୁଥା ଆପ୍ରୋଚ୍ ।' ୧୯୯୯ ମସିହାର ମହାବାତ୍ୟାକୁ ସ୍ମରଣ କରି କବିଙ୍କ 'ମହାବାତ୍ୟା' କବିତାଟିରେ ଆତତାୟୀ ପବନର ମୃତ୍ୟୁରାଗ ଓ ଦାରୁଣ ବିପର୍ଯ୍ୟୟର ଦୁଃଖଦ ଚିତ୍ରପଟକୁ କବି ନିମ୍ନୋକ୍ତ ଛଳଛଳ ଭାବରେ ପ୍ରକଟିତ କରିଛନ୍ତି । 'ଏଠି ପବନର ଆତତାୟୀ ବେଗ/ ଉଡ଼େଇ ନେଉଚି ଦେଖ/ ଅନ୍ତରଙ୍ଗ ହେବାର ଯେତେ ସଜବାଜ/ ନାବାଳିକା ମୁହଁରୁ ଖସି ଯାଉଛି କିପରି/ ଥଳଥଳ ମାତୃସ୍ତନ/ କାନ୍ଥରେ ଘସି ମାଜି ଧୋଇ ଯାଇଚି/ ଜେଜେମା'ର ଅନାବିଳ ଛବିଳ ନିଃଶ୍ୱାସ/ ସ୍ୱାମୀଟେ ଜାବୁଡ଼ି ଧରିଛି ଦେଖି ଆକୁଳରେ/ ଗେହ୍ଲା ପତ୍ନୀର ସୁହାଗ ପଣତ ।' କବି ଦିବ୍ୟସିଂହ ଦାସ ଅଧିକାରୀ ସମକାଳର ଜଣେ ସକ୍ରିୟ କବି ଯାହାଙ୍କ କବିତା ଏପର୍ଯ୍ୟନ୍ତ ବିଭିନ୍ନ ସାହିତ୍ୟ ଓ ସମ୍ବାଦପତ୍ର ମାନଙ୍କ ପୃଷ୍ଠା ମଣ୍ଡନ କରିଛି । ସେ ବେଶ୍ ସ୍ୱଷ୍ଟବାଦୀ ଓ ନିର୍ଭୀକ ଥିବାରୁ ତାଙ୍କ କବିତାର ସ୍ୱର ଓ ଭାବ ମଧ୍ୟ ତାହାର ପ୍ରତିଫଳନକୁ ଆଦରି ନେଇଛି । ଦିବ୍ୟସିଂହଙ୍କ ଅନୁରାଗୀ ପାଠକମାନେ ତାଙ୍କ କବିତାର ତନ୍ମୟ ଅନୁଭବ, ବିଦ୍ରୋହୀ ଭାବ ଓ ଜୀବନପ୍ରତି ଅଙ୍ଗୀକାରକୁ ନିରୀକ୍ଷଣ କଲେ ତାଙ୍କ କବିତାର ନୂଆ ପଣ ତଥା ନିଜସ୍ୱ ଶୈଳୀ ପ୍ରତି ଅବଗତ ହୋଇ ପାରିବେ । ଗଭୀର ଆବେଗ ପ୍ରବଣତା ଭିତରେ ମଧ୍ୟ ତାଙ୍କ କାବ୍ୟିକ ନିଷ୍ଠାପରତାକୁ ଜଣେ ଗୁଣଗ୍ରାହୀ ପାଠକ ହୃଦୟଙ୍ଗମ କରିପାରେ ଅକ୍ଳେଶରେ । ଦିବ୍ୟସିଂହଙ୍କ କବିତାର ଜୀବନଦୃଷ୍ଟି ଓ କାବ୍ୟବୋଧ ଓଡ଼ିଆ ସାହିତ୍ୟର କାବ୍ୟ ଭଣ୍ଡାରକୁ ସମୃଦ୍ଧ କରିବ ବୋଲି ଆଶା !!



ସୌଭାଗ୍ୟବନ୍ତ ମହାରଣା
ଭାରତୀ ଭବନ, ଶିବମ୍ କଲୋନୀ, ଆୟକର ଭବନ ପଛ,
ସମ୍ବଲପୁର-୭୬୮୦୦୪, ମୋ: ୯୪୩୭୪୫୭୭୩୬

ସାଂପ୍ରତିକୀ

# ମଙ୍ଗଳ ସୂତ୍ର ଓ ସାବିତ୍ରୀ ବ୍ରତ

ସୁବ୍ରତ ପଟ୍ଟନାୟକ



ଏଇ ସାବିତ୍ରୀ ଅମାବାସ୍ୟାର ଘଟଣା । ସେଦିନ ବ୍ରତ ପାଳିବାକୁ ମନ୍ଦିରକୁ ଯାଇଥିଲେ ଜଣେ ମହିଳା ବିଚାରପତି । ମନ୍ଦିରରେ ବେଶ୍ ଭିଡ଼ ଥିଲା । ସେ ଆଳତୀରେ ଯୋଗଦେଲେ । ମନ ଲଗାଇ ପୂଜାପାଠ କଲେ । ବିଭିନ୍ନ ଫଳ ଫୁଲରେ ଠାକୁରଙ୍କ ନିକଟରେ ଭୋଗ ଲଗାଇଲେ । ପୂଜା ସାରି ଖୁସି ମନରେ ନିଜ ବସାଘରକୁ ଫେରିଲେ । ମାତ୍ର, ପରେ ଜାଣିଲେ ଯେ ସୁନାରେ ତିଆରି ମଙ୍ଗଳସୂତ୍ରଟିକୁ କେଉଁଠି ହଜାଇ ଦେଇଛନ୍ତି । ମନ୍ଦିରରେ ତାହା ହଜିଥିବ ବୋଲି ତାଙ୍କର ଧାରଣା ହେଲା । ତେଣୁ ସେ ଲୋକ ଲଗାଇ ଖୋଜାଖୋଜି କଲେ । ମଙ୍ଗଳସୂତ୍ରଟିକୁ କେମିତି ପାଇବେ ସେଥିଲାଗି ଉପାୟ ଚିନ୍ତାକଲେ ।

ମଙ୍ଗଳସୂତ୍ରଟି ସାବିତ୍ରୀ ଅମାବାସ୍ୟାରେ ହଜିଥିବା କଥା ସେ ପୁଲିସ ଥାନାରେ ଜଣାଇଲେ । ସେଥିପାଇଁ ସାହାଯ୍ୟ କରିବାକୁ ପୁଲିସ ଅଧିକାରୀଙ୍କୁ ଅନୁରୋଧ କଲେ । ଯଦିଓ ବିଚାରପତି ଥାନାରେ ଏଫ୍‌ଆଇଆର୍ ଦାଖଲ କରିନଥିଲେ, ତେବେ ପୁଲିସ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ସେଥିପାଇଁ ଏକ ଉପାୟ ଆରମ୍ଭ ହେଲା । ସାବିତ୍ରୀ ବ୍ରତ ପାଳନ କରିଥିବା ସବୁ ମହିଳାଙ୍କୁ ମନ୍ଦିରକୁ ଡକାଗଲା । ଡରାଣ ଦିଆଗଲା- ଯେଉଁ ବ୍ରତ ଚାରିଣୀ ମନ୍ଦିରକୁ ନ ଆସିବେ, ତାଙ୍କ ନାମରେ ଚୋରୀ ମାମଲା ରୁଜୁ କରାଯିବ ଓ ସେ ଜେଲରେ ଭର୍ତ୍ତି ହେବେ । ସେହି ଡରରେ ସବୁ ମହିଳା ମନ୍ଦିରରେ ରୁଣ୍ଡ ହେଲେ ।

ସମସ୍ତଙ୍କୁ ଧାଡ଼ି କରି ଛିଡ଼ା କରାଗଲା । ଠାକୁରଙ୍କ ନିକଟରେ ଶପଥ କରିବାକୁ କହାଗଲା । ଈଶ୍ୱରଙ୍କ ନାମରେ ଶପଥ କରୁଛୁ ଯେ, ଆମେ ବଚାରପତିଙ୍କ ମଙ୍ଗଳସୂତ୍ର ନେଇନାହୁଁ କିମ୍ବା କିଏ ନେଇଛି ଦେଖିନାହୁଁ । ଯଦି ଆମେ ମିଛ କହୁଥାଉ, ତେବେ ପ୍ରଭୁ ଆମକୁ ଦଣ୍ଡ ଦେବେ ।

ସେଦିନ ଘଣ୍ଟା ଘଣ୍ଟା ଧରି ଚାଲିଲା ଶପଥ ପାଠ । ସାବିତ୍ରୀ ବ୍ରତ ପାଳିଥିବା ସବୁ ମହିଳାଙ୍କ ମୁହଁ କଳା ପଡ଼ିଗଲା । କେତେଜଣ ମହିଳା ଦୁଃଖ ଓ ଅପମାନରେ କାନ୍ଦିବାରେ ଲାଗିଲେ । ମନ୍ଦିର ପୂଜକ ସେଦିନ ବ୍ରତଚାରିଣୀଙ୍କ ନିକଟରୁ ଦାନ ଦକ୍ଷିଣା ପାଇବେ କଣ, ସେମାନଙ୍କ ଦୁର୍ଦ୍ଦଶା ଦେଖି ହତବାକ୍ । ତଥାପି ଈଶ୍ୱରକୁ ପ୍ରାର୍ଥନା କଲେ- ପ୍ରଭୁ, କାହିଁକି ଏମିତି ଲୀଳା ଲଗେଇଚ । ଯଦି ମଙ୍ଗଳସୂତ୍ର ନ ମିଳେ ତେବେ ବିଚାରପତି ପୁଲିସ ଲଗାଇ କଣ ନାହିଁ କଣ କରିଦେବେ !

ତେବେ, ପରଦିନ ମଙ୍ଗଳସୂତ୍ରଟି ମିଳିଲା । ଜଣେ ଲୋକ ରାସ୍ତାରୁ ମଙ୍ଗଳସୂତ୍ର ପାଇଥିବା ସ୍ୱୀକାର କଲେ । ତାହା ମହିଳା ବିଚାରପତିଙ୍କ ମଙ୍ଗଳସୂତ୍ର ବୋଲି ଜାଣିବା ପରେ ତାଙ୍କୁ ଫେରସ୍ତ ଦେଲେ । ମଙ୍ଗଳସୂତ୍ରଟି ପାଇଁ ବିଚାରପତି ଖୁବ୍ ଖୁସି ହେଲେ । ମହାଦେବଙ୍କ ମୁଣ୍ଡରେ ୧୦୮ ବେଲପତ୍ର ଚଢ଼ାଇ ଜଳଲାଗି କରାଇଲେ । ତାଙ୍କ ମନରୁ ମଙ୍ଗଳସତ୍ର ହଜି ଯାଇଥିବାର ଦୁଃଖ ସମ୍ପୂର୍ଣ୍ଣ ଉଭେଇ ଗଲା ।

ଯେଉଁ ଲୋକ ମଙ୍ଗଳସୂତ୍ରଟି ଫେରାଇଲେ, ତାଙ୍କ ପତ୍ନୀ ମନ୍ଦିରରେ ଅନ୍ୟମାନଙ୍କ ସହ ଶପଥପାଠ କରିଥିଲେ କି ନା, ଆମେ ଜାଣିନେ । ସେ ଯାହେଉ, ମଙ୍ଗଳସୂତ୍ରଟି ଫେରାଇ ଥିବାରୁ ସେହି ଦମ୍ପତିଙ୍କୁ ଅଶେଷ ଧନ୍ୟବାଦ । ମାତ୍ର ଅନ୍ୟ ବ୍ରତଚାରିଣୀଗଣ ସାବିତ୍ରୀ ଅମାବାସ୍ୟରେ ବିନା- କାରଣରେ ଗଭୀର ମାନସିକ ନିର୍ଯ୍ୟାତନା ଭୋଗିଲେ । ସେମାନଙ୍କ ନିକଟରେ ମହିଳା ବିଚାରପତି ଦୁଃଖ ପ୍ରକାଶ କଲେ କି ? ବିଚାରପତି କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କୌଣସି ଗ୍ରାମବାସୀ ଦାବି କରୁନାହାନ୍ତି । ମାତ୍ର ନିଜର ଗରିମା ରକ୍ଷା ପାଇଁ ବିଚାରପତି ତାହା କରିଥିଲେ ଖୁବ୍ ସୁନ୍ଦର ହୋଇଥାନ୍ତା । ଜଣେ କିମ୍ବା ଦୁଇଜଣ ବ୍ରତଚାରିଣୀଙ୍କୁ ସେ କହି ପାରିଥାନ୍ତେ- ଭଉଣୀ, ତମମାନଙ୍କୁ ଅଡୁଆରେ ପକାଇ ଥିବାରୁ ମୁଁ ଖୁବ୍ ଦୁଃଖିତ । ଏତିକି କଥାରେ ବିଚାରପତିଙ୍କ ମର୍ଯ୍ୟାଦା କେତେଗୁଣ ବଢ଼ି ଥାଆନ୍ତା । ସମସ୍ତେ ତାଙ୍କର ଗୁଣଗାନ କରିଥାନ୍ତେ । ଏ ସଂକ୍ରାନ୍ତରେ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ବିଚାରପତି ଓ ଥାନା ଅଧିକାରୀଙ୍କ ମତାମତ ଲୋଡ଼ିଥିଲା । ସେମାନେ ଉତ୍ତର ଦେଲେ- ସେମିତି କିଛି ଘଟିନାହିଁ । ମାତ୍ର କଥାଟି କେନ୍ଦୁଝର ଜିଲ୍ଲାରେ ଯେ ଚର୍ଚ୍ଚାର ବିଷୟ ପାଲଟିଛି, ତାହା କାହାକୁ ଅଛପା ନାହିଁ ।

+ ଓରାଳି, କେନ୍ଦୁଝର, ମୋ: ୯୯୩୭୭୯୧୨୪୪

ସ୍ମୃତି ଶତଦଳ ୨୪୫

# ସ୍ନାନ ପୂର୍ଣ୍ଣିମାରେ ଶେଷ ଦର୍ଶନ



ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ହେବ ଆଗାମୀ ୧୪ ତାରିଖରେ । ଥରଟିଏ ନବକଳେବର ଆଗରୁ ହୋଇଥିବା ସ୍ନାନ ପୂର୍ଣ୍ଣିମାର ସ୍ମୃତି ଏବେବି ଜୀବନ୍ତ ଅଛି । ସେଥିରୁ କିଛି ଅବତାରଣା କରୁଛି ।
ପାଦ ନଥାଇ ତାଙ୍କ ପଦ୍ମପାଦରେ ଭକ୍ତମାନଙ୍କର ଲୁହ, କୋହ, ଅନ୍ତର୍ଦାହ ଓ ଅଭିମାନର ଫୁଲ ଅଜାଡ଼ି ହୋଇଗଲେ ତାକୁ ଆଦରରେ ହୃଦୟରେ ଗ୍ରହଣ କରନ୍ତି ଭାବଗ୍ରାହୀ । ଅପଲକ ତାଙ୍କର ଦୁଇ ଚକାଆଖି, ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପ୍ରତୀକ, ପଲକ ନପକାଇ ସାରାଦିନ, ସାରାରାତି, ବର୍ଷ ବର୍ଷ ଧରି ଦୁଃଖି ମାନଙ୍କର ଦୁଃଖ ଦୂରେଇ ନେବାର ମନ୍ତ୍ରରେ ସେ ପରା ଅଭିମନ୍ତ୍ରିତ-

ସେ ନିଜେ ଲୀଳାମୟ, ନିଜେ ହିଁ ବିଶ୍ୱକର୍ମ୍ମା ପାଲଟି ନିଜର ଚିରନ୍ତନତାକୁ, ସର୍ବମୟତାକୁ, କାରୁଣ୍ୟକୁ, ଶୃଙ୍ଗାରମାଧୁରୀକୁ ଏବଂ ନାରନାରାୟଣଙ୍କର ଅତୁଟ ସଂପର୍କକୁ ଏଭଳି କପଟ ଅବୟବରେ ସଜାଇ ଦିଅନ୍ତି, ଯାହାକୁ କି ମହାନ୍ ଭାରତୀୟ ମନୀଷିମାନେ ଏପର୍ଯ୍ୟନ୍ତ ଛୁଇଁପାରିନାହାନ୍ତି । ଓଡ଼ିଶା ବାହାରେ ଯେତେ ଯେତେ ଦେବାଳୟ ଅଛି, ସବୁଠାରେ ବିଗ୍ରହମାନେ ସାଧାରଣତଃ ଧାତୁ, ପାଷାଣ, ମୃତ୍ତିକା, ଚିତ୍ରପଟ ଇତ୍ୟାଦି ରୂପରେ ଅଧିଷ୍ଠିତ ହୋଇଛନ୍ତି କିନ୍ତୁ ଶ୍ରୀଜଗନ୍ନାଥ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ନିମ୍ବଦାରୁ ନିର୍ମିତ, ତେଣୁ ସେ ଦାରୁ ହୋଇ ମଧ୍ୟ ବ୍ରହ୍ମ ଏବଂ ବ୍ରହ୍ମ ହୋଇ ମଧ୍ୟ ଦାରୁବ୍ରହ୍ମ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ଦେବ ଯୋଗ୍ୟ ଦିବ୍ୟ ଦାରୁରେ ନିର୍ମିତ ହୋଇଥିବାରୁ ସେ ଦାରୁ ଦେବତା ଭାବରେ ପରିଚିତ । ବିଭିନ୍ନ ଧାତୁ, ପାଷାଣ ବା' ମଣିମୟ ବିଗ୍ରହର ପୂଜା ଅପେକ୍ଷା ଦାରୁ ବିଗ୍ରହର ପୂଜା ବିଶେଷ ଫଳପ୍ରାପ୍ତି କରାଇବା ସଙ୍ଗେ ସଙ୍ଗେ ଆୟୁ, ଶ୍ରୀ, ବଳ ଓ ବିଜୟ ଦାନ କରିବାକୁ ସମର୍ଥ ହେଉଥିବାରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଦିବ୍ୟ ଦାରୁରୁ ନିର୍ମିତ ହୋଇଥିବା ଅନୁମେୟ । ଶ୍ରୀଜଗନ୍ନାଥଙ୍କ ସହିତ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଆୟୁଧ ଦେବ ପ୍ରଭୁ ସୁଦର୍ଶନଙ୍କର ଏହି ଦାରୁ ବା' କାଷ୍ଠ ନିର୍ମିତ ବିଗ୍ରହ ହେତୁ ତାହା ଦୀର୍ଘସ୍ଥାୟୀ ହୋଇ ରହିବା ସମ୍ଭବପର ହୁଏ ନାହିଁ । ତେଣୁ ଏହି କାରଣ ପାଇଁ କିଛି ବର୍ଷର ବ୍ୟବଧାନ ପରେ ବିଗ୍ରହ ଗୁଡ଼ିକୁ ପରିବର୍ତ୍ତନ କରିବାକୁ ପଡ଼େ । ଶାସ୍ତ୍ର ଅନୁସାରେ ୮ ବର୍ଷରୁ ୧୯ ବର୍ଷ ମଧ୍ୟରେ ଯୋଡ଼ା ଆଷାଢ଼ରେ ହୋଇଥାଏ ବିଶ୍ୱନିୟନ୍ତାଙ୍କର ଏହି ମହାଜାଗତିକ ଲୀଳା । "ଯଥା ଦେହେ ତଥା ଦେବେ" ରୀତିରେ ମାନବୀୟ ଲୀଳାକୁ ସଂପୂର୍ଣ୍ଣ କରନ୍ତି ଠାକୁରମାନେ । ଯୁଗେ ଯୁଗେ ଠାକୁରମାନେ ମାନବଲୀଳା ସଂପାଦନ କରିବା ପାଇଁ ଏ ପୃଥିବୀରେ ଜନ୍ମ ନିଅନ୍ତି ଓ ନିଜର ଲୀଳା, ଖେଳା ସାରି ସ୍ୱର୍ଗକୁ ବାହୁଡ଼ି ଯାଆନ୍ତି ।

ଏଇ ସଂକ୍ରାନ୍ତରେ ମନେପଡ଼େ ୧୯୯୬ ମସିହା ନବକଳେବର କଥା । ପୃଥିବୀରେ ଏପରି କୌଣସି ଦେବତା ନାହାନ୍ତି, ଯିଏ ମନ୍ଦିରରୁ ସଶରୀରରେ ଓହ୍ଲାଇଆସି ପତିତମାନଙ୍କର ଉଦ୍ଧାର ଓ କଲ୍ୟାଣ କରନ୍ତି ଓ ବିହ୍ୱଳ, ବିଭୋର ଭକ୍ତମାନଙ୍କୁ ଆଦରରେ କୋଳେଇ ନିଅନ୍ତି ସିଏ ଆଉ କେହିନୁହନ୍ତି, ସେ ହେଉଛନ୍ତି ଭକ୍ତ ବାଂଛା କଳ୍ପତରୁ, କୋଟି ବ୍ରହ୍ମାଣ୍ଡରନାଥ, ଶ୍ରୀଜଗନ୍ନାଥ । ଦିବ୍ୟ ଦେବସ୍ନାନ ପୂର୍ଣ୍ଣିମାରେ ପ୍ରଭୁମାନେ ସ୍ୱୟଂଲୀଳା କରି ନିଜେ ନିଜେ ସଚଳ ହୋଇ ଧାଡ଼ିପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ଉପସ୍ଥିତ ହୁଅନ୍ତି । ସୁନାକୂଅର ୧୦୮ ଗରା ଅଧିବାସ ଜଳ ଯାଇ ଷୋଡ଼ଶ ଉପଚାରରେ ଅଭିମନ୍ତ୍ରିତ ହୋଇଥାଏ, ସେଥିରେ ସେ ସ୍ନାନ କରିଥାନ୍ତି । ଏ ସ୍ନାନ ନିର୍ମଳ ସ୍ନାନ, ଅକ୍ଷୟସ୍ନାନ, ଶୁଦ୍ଧସ୍ନାନ । ପ୍ରତିଦିନ ଶ୍ରୀମନ୍ଦିରରେ ପ୍ରଭୁ ପ୍ରତୀକାତ୍ମକ ସ୍ନାନ, ବା' ପ୍ରତିବିମ୍ବ ସ୍ନାନ କରନ୍ତି, ଯେଉଁଠି ଶ୍ରୀଜୀଉମାନଙ୍କର ପ୍ରତିବିମ୍ବକୁ ଦର୍ପଣରେ ଦେଖି ସ୍ନାନ କରାଯାଏ । ଏଥିରେ ପ୍ରଭୁମାନେ ଯେଉଁ ପ୍ରତ୍ୟକ୍ଷସ୍ନାନ କରିଥାନ୍ତି, ତାହା ହିଁ ସ୍ନାନ ପୂର୍ଣ୍ଣିମାର ସବୁଠୁଁ ମହନୀୟ ଉତ୍ସବ । ଏହା ତାଙ୍କର ଜନ୍ମ ଉତ୍ସବ, ଜଗନ୍ନାଥ ଚେତନା ଉତ୍ସବ ।

ସ୍ନାନଯାତ୍ରାର ତତ୍ତ୍ୱ ଓ ରହସ୍ୟରୁ ଜଣାଯାଏ, ଏହି ସ୍ନାନ ହୁବନବିଧି ଅଟେ, କାରଣ ଯଜ୍ଞର ପୂତ ଜଳରେ ଯଜ୍ଞପୁରୁଷ, ହିରଣ୍ୟଗର୍ଭ, ଯଜ୍ଞସମ୍ଭୂତ ଯଜ୍ଞ ମୂର୍ତ୍ତିକୁ ସ୍ନାନରୂପକ ହୁବନ କରାଯାଏ । ବ୍ରହ୍ମ ପୁରାଣରେ ଏହାକୁ ମହାଜ୍ୟେଷ୍ଠ ସ୍ନାନ କୁହାଯାଏ । ଏହାଦ୍ୱାରା ମର୍ତ୍ତ୍ୟ ଉଜ୍ଜଳିତ ହୋଇଥାଏ । ଏହି ସ୍ନାନ ଦୀନହିତାର୍ଥେ, ସର୍ବ ପାପ ନାଶନ ଓ ରାଷ୍ଟ୍ରର କଲ୍ୟାଣ ନିମିତ୍ତଉବରଣୀୟ ।

ଶ୍ରୀମହାପ୍ରଭୁ ଏହି ସ୍ନାନୋତ୍ସବରେ ସମସ୍ତଙ୍କୁ ସୂଚାଇ ଦେବାକୁ ଚାହାନ୍ତି ଯେ, ଜନ୍ମଦିବସରେ ସମସ୍ତେ ଶୁଦ୍ଧସ୍ନାନ କରିବା ଜରୁରୀ । ବାହ୍ୟସ୍ନାନ ଶରୀରକୁ ନିର୍ମଳ ଓ ଶୁଦ୍ଧ ରଖିବାବେଳେ ଅନ୍ତଃସ୍ନାନ ମଧ୍ୟ ହୃଦୟକୁ ପବିତ୍ର ନିର୍ମଳ କରେ । ୧୯୯୬ ନବକଳେବର ସମୟରେ କୌଣସି ମତେ ସମୟ କରି ସ୍ନାନପୂର୍ଣ୍ଣିମା ପୂର୍ବଦିନ ମୁଁ ଓ ମୋ ସ୍ୱାମୀ ଡ଼ଃ ରମାରମଣ ଷଡ଼ଙ୍ଗୀ ପୁରୀ ଅଭିମୁଖେ ବାହାରିଲୁ । ସବୁ ତାଙ୍କରି କରୁଣା, ପବନରେ ଉଡୁଥାଏ ଗାଡ଼ି, ଏବଂ ତା'ଠୁଁ ଆହୁରି ଦ୍ରୁତଗତିରେ ଦଉଡୁଥାଏ ମନ, ପ୍ରାଣ ଓ ହୃଦୟ । କେମିତି ଶ୍ରୀକ୍ଷେତ୍ରରେ ପହଂଚି ପ୍ରଭୁଙ୍କର ଦିବ୍ୟ ସ୍ନାନ ଉତ୍ସବକୁ ସ୍ନାନ ମଣ୍ଡପରେ ଦର୍ଶନ କରିବୁ । ରାତିରେ ପୁରୀରେ ପହଂଚି ବିଶ୍ରାମନେଇ ବାହାରି ଆସିଲୁ ବଡ଼ଦାଣ୍ଡ । ଲକ୍ଷଲକ୍ଷ ଲୋକଙ୍କର ସମାଗମ ହୋଇଥିଲା । ଆମେ କୌଣସି ମତେ ସ୍ନାନମଣ୍ଡପ ସାମ୍ନାରେ ଥିବା ମଠରେ ସ୍ଥାନ ପାଇ ଠିଆହେଲୁ । ଖୁବ୍ ଜୋର୍‌ରେ ହରିବୋଲ୍, ହୁଳହୁଳି ଶୁଭିଲା, ଖୋଳ, କରତାଳ, ଘଣ୍ଟ, ଘଣ୍ଟା, ଶଙ୍ଖଧ୍ୱନି ଓ ବିଜେ କାହାଳୀର ମନ୍ତ୍ର ମୁଗ୍ଧ ଶବ୍ଦରେ କମ୍ପିତ ହୋଇ ଉଠିଲା ବଡ଼ଦାଣ୍ଡ ।

କହିବା ବାହୁଲ୍ୟ ପ୍ରଭୁଙ୍କର ଏ ଅପୂର୍ବ ଦେବସ୍ନାନ ଦର୍ଶନକରିବା ପାଇଁ କେବଳ ଲକ୍ଷ ଲକ୍ଷ ଭକ୍ତ କାହିଁକି ସ୍ୱର୍ଗରୁ ଦେବତାମାନେ ମଧ୍ୟ ସହାସ୍ୟ ବଦନରେ ଦୁଇହାତ ଯୋଡି ଏ ଦୃଶ୍ୟ ଦେଖି, କୃତାର୍ଥ ହୁଅନ୍ତି । ଏ ଗଜାନନ ବେଶ ଦେଖିଲେ କୋଟି କୋଟି ଜନ୍ମର ପାପକ୍ଷୟ ହୁଏ, ଏବଂ ପ୍ରଭୁଙ୍କର ଏହି ସ୍ନାନ 'ଉଦକବଳି' ରୂପରେ ଧୂପ, ଦୀପ ଓ ସଂସ୍କାର ସହ ପ୍ରଦତ୍ତ ହୋଇଥାଏ, ସେ ସମୟରେ "ବିଶ୍ୱ ତୋ ମୁଖାୟ ଉଦଂ, ଜଳଂ, ଗୁହ୍ନ, ଗୁହ୍ନ" ବାକ୍ୟ ଦ୍ୱାରା ସମର୍ପିତ ହୁଏ ।

ପ୍ରବିତ୍ର ଗଜାନନ ବେଶ ଦର୍ଶନ କରି ଆମେ ନବକଳେବର ପୂର୍ବରୁ ପୁରୁଣା ବିଗ୍ରହମାନଙ୍କୁ ଶେଷଥର ପାଇଁ ଦର୍ଶନ କଲୁ- ଆଉ ଏକ ଚତୁର୍ଦ୍ଧାମୂର୍ତ୍ତି ଦେଖିପାରିବୁ ନାହିଁ । ଏମାନେ ଯିବେ କୋଇଲି ବୈକୁଣ୍ଠ- ଏକଥା ଭାବି ଆମ ଆଖି ଲୁହରେ ପରିପୂର୍ଣ୍ଣ ହୋଇଗଲା, ଏବଂ ଏଇ ବିଗ୍ରହମାନେ ଯେ ପାତାଳୀ ହେବେ, ଏକଥା ବିଶ୍ୱାସ ନହେଲେ ବି ଯେ ନିରାଟ ସତ୍ୟ, ସେ କଥା ଭାବି ସେମାନଙ୍କୁ ଆଖିପୁରାଇ ଦର୍ଶନ କରିନେଲୁ । ସ୍ନାନ ଜଳ ନାଁ ବିନ୍ଦୁଏ ଲୁହ ? ହୁଏ ତ' ଏହା ମନର ଭ୍ରମ ହୋଇପାରେ, କିନ୍ତୁ ମତେ ଲାଗିଲା ପ୍ରଭୁଙ୍କ ଚକା ଆଖିରେ ମୋତି ଭଳି ଚିକ୍ ଚିକ୍ କରୁଥିଲା ବିନ୍ଦୁଏ ଲୁହ । ସୁନା କୂଅର ପବିତ୍ର ଜଳରେ ସ୍ନାନ କରନ୍ତି ପ୍ରଭୁ କିନ୍ତୁ ଆଶ୍ଚର୍ଯ୍ୟର କଥା ଦେହ, ଶତକଦମ୍ବ, ଫୁଲର ମହକରେ ସୁରଭିତ ହୋଇଗଲା । ଏ ପିଣ୍ଡ, ଏ ଶ୍ୱାସ, ଏ ପ୍ରଶ୍ୱାସ, ଏ ପିଣ୍ଡରେ ବହମାନ, କୂଳକୁଣ୍ଡଳିନୀ ଶକ୍ତିଧାରା ସମସ୍ତେ ଏକୀଭୂତ ହୋଇଗଲେ ସେଇ ଶୂନ୍ୟଗର୍ଭ ଅନନ୍ତ ଆକାଶର ସ୍ନିଗ୍ଧ ଘନନୀଳ ସତ୍ତାରେ, ଯେଉଁ ସତ୍ତା ହିଁ ଜୀବନ୍ତ ହୋଇ ରୂପନିଏ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ।

ଆନନ୍ଦ ଓ ବିଷାଦ, ହସ ଓ ଲୁହ, ମହାଶୂନ୍ୟ ଓ ପରିପୂର୍ଣ୍ଣତାର ଏକ ଫେଣ୍ଟା ଫେଣ୍ଟି ଅନୁଭବର ଭାବାବେଗରେ ଆମେ ଏମିତି ବିଭୋର ହୋଇଗଲୁ, ଯାହା ବର୍ଣ୍ଣନାତୀତ । ଏଇ ଦୁର୍ଲ୍ଲଭ ଅନୁଭବକୁ ଆମେ ଏକ ଅମୂଲ୍ୟ ସଂପଦ ଭଳି ଆମ ହୃଦୟରେ ସାଇତି ରଖିବୁ ଚିରକାଳ ଏବଂ ଚିରନ୍ତନ ଭକ୍ତିରେ ଗାଉଥିବୁ "ଜଗନ୍ନାଥ ଭଳି ଜଣେ ସାମନ୍ତ ନାହିଁ ନାହିଁ ତା ।" (କ୍ରମଶଃ)

ଧାରାବାହିକ ଅନୁବାଦ ଉପନ୍ୟାସ...(ଶେଷ ଭାଗ)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ପ୍ରଥମ ଖଣ୍ଡ)

## ମନମୋହନ

ତା' ପରଦିନ ମୁଁ ସ୍କୁଲ ଗଲି, ସେହିଠାରେ ମୋତେ ଜଣା ପଡ଼ିଲା କି କୃପାଶଙ୍କରକୁ ମନମୋହନ ବହୁତ ବାଡ଼େଇଛନ୍ତି ସେଥିପାଇ ସେ ସ୍କୁଲ ଆସିନାହିଁ । ମୋତେ ଆଶ୍ଚର୍ଯ୍ୟ ଲାଗିଲା । ମନମୋହନ ଉପରେ ବହୁତ କ୍ରୋଧ ଆସିଲା । ଏବେ ସବୁକିଛି ସହନଶୀଳତା ବାହାରକୁ କଥା ଗଲାଣି । କାଲି ବୋଧେ କୃପାଶଙ୍କର ମୋ ସହ ବୁଲିବା ମନମୋହନ ଦେଖିଛନ୍ତି । ସେଇଥି ପାଇଁ ତାକୁ ପିଟିଛନ୍ତି । ଆ'ଠାରୁ ବଡ଼ ଜୁଲମ ଆଉ କଣ ଅଛି ?

ମନମୋହନ ଖୁସି ରହିବା ପାଇଁ କେହି କାହା ସଙ୍ଗେ ସାଙ୍ଗ ହେବେନି ? କେହି କାହା ସହ ବୁଲାବୁଲି କରିବେନି । ଇଏ କୋଉଠିକାର ନ୍ୟାୟ ? କୃପାଶଙ୍କରର ଏଥିରେ କଣ ଦୋଷ ଅଛି ? ସେ ବିଚରା ଏ ସବୁଥିରେ ବିଲ୍‌କୁଲ ପଶେନି । ତାକୁ ମାରିବା ପୁରାପୁରି ଅନ୍ୟାୟ । ଏବେ ଯାହା ପଛେ ହୋଇଯାଉ, ସେ ପ୍ରାଣ ପଛେ ଯାଉ, ମୁଁ ନିଶ୍ଚୟ ଯାର ପ୍ରତିଶୋଧ ନେବି । ଏମିତି ମୋ ମନ ଭିତରେ ଭାବନା ଆସିଲା ।

କୃପାଶଙ୍କର ଘର ଆମ ସ୍କୁଲରୁ ପାଖ ଥିଲା । ଯେତେବେଳେ ଦ୍ୱିପହରିଆ ଛୁଟି ହେଲା ସେତେବେଳେ ମୁଁ ତା' ଘରକୁ ଗଲି । ସେ ତା' ଘର ବାହାର ବାରଣ୍ଡାରେ ପଡ଼ିଥିବା ଖଟ ଉପରେ ଚୁପ୍‌ଚାପ୍ ଶୋଇଥିଲା । ତା' ମୁଣ୍ଡରେ ବ୍ୟାଣ୍ଡେଜ ବନ୍ଧା ହୋଇଥିଲା । ତା' ମୁହଁ ପୁରା ସୁଖି ଯାଇଥିଲା । ମୋତେ ଦେଖିଲା ମାତ୍ରେ ହସିକି କହିଲା, ଲାଗୁଛି, ସହର ସାରା କଥା ବ୍ୟାପି ଗଲାଣି ।'

'ଭାଇ କଣ କହିବି, ମୁଁ ବହୁତ ଲଜ୍ଜିତ । ମୋ ପାଇଁ ତତେ ଏସବୁ ଭୋଗିବାକୁ ପଡ଼ିଲା । ମୁଁ ତା' ଖଟଧାରରେ ବସି ଦୁଃଖିତ ହୋଇ କହିଲି ।

'କି କଥା କହୁଛ, କୃଷ୍ଣ !' କୃପାଶଙ୍କର ଗମ୍ଭୀର ହୋଇ କହିଲା । 'ଏମିତି କଥାବାର୍ତ୍ତା ଆଉ ମୋ ସଙ୍ଗେ କରିବୁନି । ମୋ ଠାରୁ ଖରାପ ଆଉ କେହି ନଥିବ । ଏଥିରେ କିଛି ଖାସ କଥା ନାହିଁ । ମୁଁ ତୋ କାମରେ ଆସିବି ତୁ ମୋ କାମରେ ଆସିବୁ । ଏହା ତ ଅତି ସାଧାରଣ କଥା । ଏଇଟା ତ ହେବାର ଥିଲା । ପୁରା କାହାଣୀ ଶୁଣିବୁ ?

କହ !

ସେ କହିଲା, 'ତୁ ଯେତେବେଳେ କାଲି ମୋ ଆଗରେ ସବୁ କଥା କହିଲୁ, ମୋ ମନ ବହୁତ ଦୁଃଖ ହେଲା । ଏଇଠୁ ମୁଁ ଗଲାବେଳେ ଭାବିକି ଗଲି କି ମୌକା ମିଳିଲେ ମୁଁ ମନମୋହନକୁ ପଚାରିବି । ସୁଯୋଗ ମିଳିଗଲା । ସ୍କୁଲ ପଡ଼ିଆ ପାଖ କୂଅମୂଳେ ମନମୋହନ ସହ ଦେଖା ହେଲା । ତାଙ୍କ ହାତରେ ଗୋଟେ ଛୋଟ ବାଡ଼ିଥିଲା । ସେ ସହର ଆଡ଼କୁ ଯାଉଥିଲେ । ମୁଁ ତାଙ୍କୁ କହିଲି, 'କୃଷ୍ଣ ସହ ତୁମେ ଯେଉଁପରି ବ୍ୟବହାର କରୁଛ ଏସବୁ ଠିକ୍ ନୁହେଁ । ତୁମକୁ ଏମିତି କରିବା ଉଚିତ୍ ନୁହେଁ । ମୋ କଥା ଶୁଣୁ ଶୁଣୁ ତାଙ୍କ ରଙ୍ଗ ବଦଳିଗଲା । ମୋ ମୁହଁକୁ ଚାହିଁଲେ, 'କହିଲେ, 'ଚୁପ୍‌ଚାପ୍ ଏଠୁ ପଳା ନହେଲେ କଥା ଠିକ୍ ହେବନି ।' 'ଆରେ ଭାଇ କୃଷ୍ଣ, ମୁଁ କାହିଁକି ତା' କଥା ଶୁଣିବୁ ? ମୁଁ ଭଲ କି ଦି'ପଦ ଶୁଣାଇଦେଲି ମୋର ବି ରାଗ ଆସିଲା ।

ଏତିକି କହି ଚୁପ ରହିଲା କୃପାଶଙ୍କର । ମୁଁ ପ୍ରଶ୍ନିଳ ଦୃଷ୍ଟିରେ ତାକୁ ଚାହିଁଲି । ସେ ପୁଣି ତା' କଥା ଆରମ୍ଭ କଲା । 'ମୁଁ କହିଲି- କଣ କରିବୁ ? ପ୍ରାଣ ନବୁ ? ମାରିବୁ ମାର । ତୋ ଠୁ ସାନ ଆଉ ଦୁର୍ବଳ ବୋଲି ଆମକୁ ସବୁବେଳେ ହଇରାଣ କରୁଛୁ । କୃଷ୍ଣକୁମାର ତୋତେ ବଡ଼ଭାଇ ପରି ମାନେ, ଏବେବି ମାନୁଛି । ତୋତେ ତା' ସଙ୍ଗେ ଏମିତି ବ୍ୟବହାର କରିବାର ଥିଲା ? ତୋର ଯଦି ବେଶି ତାକତ ହେଲାଣି ମଜଭୂତ ଟୋକାଙ୍କ ସଙ୍ଗେ ଲଢ଼ୁନୁ । ଯଦି ପ୍ରେମ ଫ୍ରେମ କରିବାର ଅଛି ତା' ହେଲେ କୋଉ ଝିଅ ଦେଖୁନୁ । ଯଦି ସତରେ ମର୍ଦାଙ୍ଗୀ ଦେଖାଇବାର ଅଛି ତ କୋଉ ଝିଅକୁ ଉଡ଼େଇ ନେ । ତୋ ଠୁ ଦୁର୍ବଳ ପିଲାଙ୍କୁ ବାଡ଼େଇ ବେଶୀ ମର୍ଦାଙ୍ଗୀ ଦେଖାନା । କୃଷ୍ଣକୁ କଣ ମାମୁଲି ଆଘାତ ଲାଗିଛି ? ତା' ଆଖିରୁ ନିଦ ଉଡ଼ିଯାଇଛି । ମୁଁ କହି ଦେଉଛି ଏସବୁ ଛାଡ଼ି ଦେ ନ ହେଲେ ବହୁତ ଖରାପ ହେବ ।'

ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟର ସହ କୃପାଶଙ୍କରକୁ ଚାହିଁଲି ।

କିଛି ସମୟ ପରେ ସେ କହିଲା, 'ତା' ପରେ କଣ ହେଲା ଜାଣିଛୁ ? ମୋ କଥା ଶୁଣି ମନମୋହନ ପଥର ପରି ଚଟାଣ ହୋଇଗଲା । ସେ କେତେ ସମୟ ପର୍ଯ୍ୟନ୍ତ ମୋ ଆଖିକୁ ଚାହିଁ ରହିଲା । ପୁଣି ବିଜୁଳି ଗତିରେ ମୋ ଗାଲରେ ଶକ୍ତ ଚଟକଣା କଷିଦେଲା । ମୋ ଆଖି ସାମ୍ନାରେ ଅନ୍ଧାର ହୋଇଗଲା । ମୁଁ ନିଜକୁ ସମ୍ଭାଳୁ ସମ୍ଭାଳୁ ଆଉ ଗୋଟେ ଚଟକଣା କଷି ଦେଲେ । ତା' ପରେ ମୁଁ ବି ତାଙ୍କୁ ଉତ୍ତମ ମଧ୍ୟମ କରି ଥୋଇଲି । ଦୁଇଜଣ ଯାକ ବାଡ଼ିଆ ପିଟା ହେଲୁ, ଗଡ଼ାଗଡ଼ି ହେଲୁ । ତାଙ୍କ ହାତରେ ଥିବା ବାଡ଼ିରେ ମୋ ମୁଣ୍ଡକୁ ପିଟିଦେଲେ ଯେ ମୋ ଆଖି ସାମ୍ନାରେ ଅନ୍ଧାର ଦିଶିଲା । ମୁଁ ବେହୋସ ହୋଇ ପଡ଼ିରହିଲି । ସେ ବୁଝି ଯାଇଥିବେ ଯେ ନ ବୁଝିଲେ ମୁଁ ବିଜେପୁରର ପହିଲିମାନଙ୍କୁ ଡାକି ତାକୁ ପିଟେଇବି ।

ଦ୍ୱିପହରିଆ ଅବକାଶ ସରିବା ଉପରେ ଥିଲା । ସେଇଥିପାଇଁ ମୁଁ ସେଇଠୁ ତୁରନ୍ତ ଫେରି ଆସିଲି । ସେ ସମୟରେ କୃପାଶଙ୍କର ପ୍ରତି ମୋ ମନରେ ଭିତରେ ଅପାର ସ୍ନେହ ଓ ଆଦରରେ ପରିପୂର୍ଣ୍ଣ ହୋଇଗଲା । ପ୍ରକୃତରେ ସାଙ୍ଗ କିଏ ? ଆଜି ମୁଁ ପୁରାପୁରି ବୁଝିଗଲି । ମନମୋହନ ପ୍ରତି ମୋର ଅତ୍ୟଧିକ ଘୃଣାଭାବ ଆସିଲା । ମୁଁ ନିଶ୍ଚୟ କରି ସାରିଥିଲି, ଯଦି ଭବିଷ୍ୟତରେ ମନମୋହନ ତାଙ୍କର କୋଉ ବି ସାଙ୍ଗକୁ ଦୁର୍ବ୍ୟବହାର କରିବ, ତାକୁ ମୁଁ ଛାଡ଼ିବିନି, ଇଟାର ଜବାବ ପଥରରେ ଦେବି । ପରିଣାମ ପଛେ ଯାହା ହେଉ ମୁଁ ଖୁସିରେ ଭୋଗିବି । କୃପାଶଙ୍କର ମୋ ଆଖି ଖୋଲିଦେଲା । ମୁଁ କୃପାଶଙ୍କରର ସାଙ୍ଗ ହେବାକୁ ଯୋଗ୍ୟ ତ ?

ଦିନେ ସଂନ୍ଧ୍ୟା ବେଳେ ମୁଁ ସ୍କୁଲରୁ ଫେରୁଥିଲି । ଷ୍ଟେସନ ପାଖ ଛକ ପାଖରେ ଗୋଟେ ଅଜଣା ପିଲାଟିଏ ମୋ ହାତରେ ଲଫାପାଟି ଆଣି ଧରେଇ ଦେଲା । ଲଫାପା ଉପରେ ମୋ ନାଁ ଲେଖା ହୋଇଥିଲା । ହସ୍ତାକ୍ଷରରୁ ଜଣା ପଡୁଥିଲା ମନମୋହନର ହସ୍ତାକ୍ଷର, ସନ୍ଦେହ କରିବାର ନଥିଲା । ମୁଁ ମନେ ମନେ ମନମୋହନ ସହ ଆମନା ସାମନା କରିବାକୁ ନିଶ୍ଚିତ କରିସାରିଥିଲି । କିନ୍ତୁ ତାଙ୍କ ପତ୍ର ହାତରେ ଧରି ଅଭୁତପୂର୍ବ ଆଶଙ୍କାରେ ଜଡ଼ ପାଲଟି ଗଲି ।

ଲଫାପାଟା ମୁଁ ପକେଟରେ ପୁରେଇ ଦେଲି । ଘରେ ପହଞ୍ଚି ଖାଇ ସାରିଲି, ଚୁପ୍‌ଚାପ୍ ଲଫାପାଟା ଧରି ସାମ୍ନାଘର ଛାତ ଉପରକୁ ପଳେଇଲି । ସେଇଠି ଲଫାପା ଫାଡ଼ି ଚିଠି ବାହାର କରି ପଢ଼ିଲି, ଯାହା ଏମିତି ଥିଲା:-

ପ୍ରିୟ କୃଷ୍ଣ,

ଏ ଚିଠି ପାଇ ଚମକିବୁନି । ମୁଁ ତୋତେ ମୁହଁ ଦେଖାଇବା ଅବସ୍ଥାରେ ନାହିଁ । ମୋତେ ବହୁତ ଦୁଃଖ ଲାଗୁଛି ଯେ ତୁ ମୋ ପାଇଁ ବହୁତ ହଇରାଣ ହେଲୁଣି । ତୁ ପଛଦିନର କଥା ସବୁ ଭୁଲିଯାଆ । ମୁଁ ତତେ ମାତ୍ର ଏତିକି ପ୍ରାର୍ଥନା କରୁଛି । ଆଗକୁ ଆଉ ଏମିତି ଭୁଲ ମୁଁ କରିବିନି । ମୁଁ ବହୁତ ଖରାପ ପିଲା, ବହୁତ ଖରାପ ପିଲା । ମୁଁ ସେତିକି ଯୋଗ୍ୟ ନୁହେଁ କି ତୁ ମୋତେ କ୍ଷମାଦେବୁ । ଏତିକି କେବଳ କହିବାକୁ ଚାହୁଁଛି । ମୁଁ ତୋତେ ସବୁବେଳେ ମନେ ପକାଇବି । ପୁରା ସେ ଅସଲି ହିରୋ ପରି, ଯିଏ କୌଣସି ପରିସ୍ଥିତିରେ ବି ଖରାପ ହୁଏନାହିଁ ।

ଦୁର୍ଭାଗ୍ୟ ପିଡ଼ିତ
ମନମୋହନ-

ଚିଠିଟି ପଢ଼ିସାରି ମୋ ହୃଦୟ ଏକ ଅପୂର୍ବ କରୁଣା ଓ ଦୁଃଖରେ ଭରିଗଲା । ମନମୋହନ ଯେମିତି ସର୍ବଗୁଣ ସଂପର୍ଣ୍ଣ ବ୍ୟକ୍ତିତ୍ୱ ନିଜ ଭୁଲକୁ ସ୍ୱୀକାର କରିବା କେତେ ସ୍ୱାଭାବିକ ହୋଇଥିଲା । ଏହାଦ୍ୱାରା ମୋତେ ଏକ ସତ୍ୟସୁଖ ପ୍ରାପ୍ତ ହେଲା । ଏକେ ତ ଏହାଦ୍ୱାରା ମୋର ମାନସିକ ଯନ୍ତ୍ରଣା ସମାପ୍ତ ହୋଇଗଲା, ଦ୍ୱିତୀୟତଃ ମନମୋହନଙ୍କ ପରି ବ୍ୟକ୍ତି ସତ୍‌ମାର୍ଗକୁ ଫେରି ଆସିବାକୁ ପ୍ରତିଶ୍ରୁତି ଦେଲେ । ସେ ବ୍ୟକ୍ତି ଯିଏକି ଦିନେ ମୋର ଆଦର୍ଶ ଥିଲେ । ଯିଏ ମୋ ଜୀବନକୁ ଆନ୍ଦୋଳିତ କରି ମୋ ବ୍ୟକ୍ତିତ୍ୱର ସମ୍ଭାବନାକୁ ପରିପ୍ରକାଶରେ ସହଯୋଗ କରିଥିଲେ ।

ଯାହାଙ୍କୁ ମୁଁ ମୋ ବଡ଼ଭାଇଙ୍କ ପରି ଭଲ ପାଉଥିଲି, ସମ୍ମାନ କରୁଥିଲି, ଯାହାଙ୍କ ସହଯୋଗରେ ମୁଁ ସାରା ଦୁନିଆର କଷ୍ଟ ଓ ଅନ୍ୟାୟକୁ ସମାପ୍ତ କରିବାକୁ ସ୍ୱପ୍ନ ଦେଖୁଥିଲି ।

ଏହା ଏକ ରୋମାଞ୍ଚକର ଭାବନା ହୋଇପାରେ କିନ୍ତୁ ଏହା ସତ୍ୟ । ଏହାର ଯାହା ବି ପରିଣାମ ହେଉ କିନ୍ତୁ ମନମୋହନଙ୍କ ପାଖରେ ମୁଁ କୃତଜ୍ଞ । ମନମୋନଙ୍କ ସହ ମିତ୍ରତା ହେଲା ପରେ ମୋ ଆଦର୍ଶ, ମୋ କଳ୍ପନା ଶକ୍ତି, ସ୍ୱପ୍ନ, ମେଧା ସବୁଥିରେ ମୋର ଉତ୍ତରୋତ୍ତର ଉନ୍ନତି ହେବାରେ ଲାଗିଥିଲା । ମନମୋହନ ଶକ୍ତି ଓ ସାହସର ମହତ୍ତ୍ୱ ମୋତେ ବୁଝାଇଥିଲେ । ତାଙ୍କ ପାଖରେ ମୁଁ ସଦା କୃତଜ୍ଞ ରହିବି । ସଂସାରରେ ମୁଁ ଦେଖିବାରେ ମନମୋହନ ଜଣେ ଏମିତି ବ୍ୟକ୍ତି ଯାହାଙ୍କ ପାଖରେ ଏତେ ସାରା ଗୁଣ ଭର୍ତ୍ତି ହୋଇଅଛି । ଏହା ଏକ ଗର୍ବର କଥା । ମୁଁ ସେ ବ୍ୟକ୍ତିଙ୍କୁ ସାରାଜୀବନ ମନେ ରଖିବି । ମୋତେ ମନମୋହନଙ୍କ ପାଇଁ ବହୁତ ଦୁଃଖ ଲାଗିଲା । ମୋ ଆଖିରୁ ଆପେ ଆପେ ଲୁହ ଝରିଗଲା ।

କିନ୍ତୁ କରୁଣାର ମୁହୂର୍ତ୍ତ ସରିଲା ମାତ୍ରେ ହିଁ ମନକୁ ଏକ ଅଦ୍ଭୁତ ଉଦାସୀନତା ବଶ କରିଲା । ଏଇ କିଛି ମାସ ଭିତରେ ମୁଁ ଏକ ଅପୂର୍ବ ଉତ୍ସାହ, ଉମଙ୍ଗ, ଦୁଃଖ, ନିରାଶା ଓ ଉତ୍ତେଜନା ଭିତରେ ଗତି କରିଥିଲି । କିନ୍ତୁ ଏବେ ସବୁକିଛି ସମାପ୍ତ ହୋଇଯାଇଥିଲା ଏବଂ ନିଜ ଭିତରେ ଏକ ଅଦ୍ଭୁତ ରିକ୍ତତା, ବ୍ୟର୍ଥତା ଅନୁଭବ କରୁଥିଲି । ଯୌବନ ମୋ ସମ୍ମୁଖରେ ଅଦ୍ଭୁତ ଇଚ୍ଛା ନେଇ ଅଭିଭାଜନ କରିବାକୁ ଠିଆ ହୋଇଥିଲା । ମୋ କଳ୍ପନା, ମୋ ସ୍ୱପ୍ନ, ମୋ ଉମଙ୍ଗ, ମୋ ଆଦର୍ଶ ଏସବୁ କୁଆଡ଼େ ଗଲା ? ମୋତେ ଲାଗୁଛି ମୋ ଭିତରେ କୌଣସି ବ୍ୟକ୍ତିତ୍ୱ ନାହିଁ । କୌଣସି ସ୍ୱତନ୍ତ୍ର ଚେତନା ଶକ୍ତି ବି ନାହିଁ । ସେ ପର୍ଯ୍ୟନ୍ତ ମୁଁ ମନମୋହନ ସହିତ ଥିଲି, ମୋ ମନ ଆକାଶର ତାରାକୁ ଛୁଇଁ ପାରିବାର ସାମର୍ଥ୍ୟ ରଖୁଥିଲା । ଏବେ ମୋ ଜୀବନ କୁହୁଡ଼ିର ଚାଦର ତଳେ ଯେମିତି ଲାଗୁଛି । କୁହୁଡ଼ି ଭିତରେ ଚାଲିଲା ପରି ଲାଗୁଛି । ମନମୋହନଙ୍କ ସହ ବନ୍ଧୁତା ନଷ୍ଟ ହେଲା ପରେ ଯେମିତି ବର୍ଦ୍ଧିତ ବ୍ୟକ୍ତିତ୍ୱ ମୋର ଗତିରୁଦ୍ଧ ହୋଇ ଯାଇଥିଲା । ଏତେବଡ଼ ଦୁନିଆରେ ମୁଁ କଣ କରି ପାରିବି ? ସତରେ କଣ ମୋ ଭିତରେ ସ୍ୱତନ୍ତ୍ର ଚିନ୍ତାଶକ୍ତି ନାହିଁ ? ମୁଁ ସବୁବେଳେ ଭ୍ରଷ୍ଟାଚାର ବିରୁଦ୍ଧରେ ଠିଆହୁଏ । ପୃଥିବୀର ସବୁ କଷ୍ଟ ମୋତେ ପୀଡ଼ା ଦିଏ । ଅସତ ମାର୍ଗରେ ଚାଲିବାକୁ ମୁଁ ସବୁବେଳେ ଅନାଗ୍ରହୀ । ଏସବୁ କଣ ଥିଲା ?

ଦୃଢ଼ତା ଏବଂ ସାହସ ? ଏ ପ୍ରଶ୍ନ ମୋ ମୁଣ୍ଡକୁ ଆସିଲା ମାତ୍ରେ ମୋ ସାମ୍ନାରେ ସବୁକିଛି ସ୍ୱଷ୍ଟ ହୋଇଗଲା । ବିଗତ କିଛିଦିନ ହେଲା ଯେଉଁ କଥା ମୋତେ ବିଚଳିତ କରି ରଖିଥିଲା, ତାହା ଏବେ ସ୍ୱଷ୍ଟ ହୋଇଗଲା । ମୋ ଭିତରେ ସାହସ ନାହିଁ, ମୁଁ ଭୀରୁ, ଆଉ ମୁଁ କୌଣସି କଠିନ ସମସ୍ୟାର ସାମ୍ନା କରିବାକୁ ଅକ୍ଷମ । ଏ ଜୀବନକୁ ଧନ୍ୟ କରିବାକୁ ହେଲେ ସଂଘର୍ଷ ଓ ଯନ୍ତ୍ରଣା ଜରୁରୀ । ଯେକେହି ବି ହେଉ ଯଦି ଜୀବନରେ ସଂଘର୍ଷ ନ କରିଛି ତା' ଜୀବନ ବ୍ୟର୍ଥ ଅଟେ । ଏହା ଏକ ଦୃଷ୍ଟାନ୍ତ ଥିଲା ସାହସିକତାର । ତେଣୁ ମନମୋହନ ମୋର ସବୁ ପ୍ରିୟ ସାଙ୍ଗମାନଙ୍କୁ ହଇରାଣ କରୁଥିଲେ । ଆଉ ମୁଁ କିଛି କରିପାରୁ ନଥିଲି । ମୋ ହୃଦୟ ଭିତରେ ଏଇ କଥାଟି କଣ୍ଟାପରି ଅଟକି ରହିଥିଲା ।

ମୁଁ ଏବେ ତରୁଣତାରେ ପାଦ ରଖୁଥିଲି । ମୋ ଶରୀର ଭିତରେ ଅନେକ କିଛି ପରିବର୍ତ୍ତନ ହେବା ମୁଁ ଲକ୍ଷ କରୁଥିଲି । ମୋ ହାତ ପାଦ ମସୃଣ ହୋଇ ଯାଉଥିଲା । ମୁଁ ତାଳଗଛ ପରି ଲମ୍ବା ହୋଇଯାଉଥିଲି । ମୋ ସ୍ୱର ଗମ୍ଭୀର ହେଉଥିଲା । କିନ୍ତୁ ମୋ ଭିତରେ ସାହସ ନହେବା କେଡ଼େ ଲଜ୍ଜାକର କଥା । ଏହା ମୋର ସବୁଠାରୁ ବଡ଼ ଦୁର୍ବଳତା ଏବଂ ଏହା ମୋ ଜୀବନର ସବୁଠୁ ବଡ଼ ବୁଦ୍ଧିଶିଖିବା, ନିଜକୁ ଚିହ୍ନିବା କେତେ ଜରୁରୀ । ଏହା ମୁଁ ଭଲ ଭାବେ ଶିକ୍ଷା ପାଇ ସାରିଥିଲି । (କ୍ରମଶଃ)

ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ଟ୍ରାଫିକ ସମସ୍ୟାକୁ ନେଇ ଗଣ୍ଡଗୋଳ

ଭଦ୍ରକ, ୧୧/୦୬ (ନି.ପ୍ର): ଗତକାଲି ରାତିରେ ବାଲେଶ୍ୱର ଜିଲ୍ଲାର ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଆକାଶ ଭାଇ ଏବଂ ତାଙ୍କ ସହଯୋଗୀ ଏକ କାରରେ ଭୁବନେଶ୍ୱର ଆଶ୍ୱର୍ତ୍ତ ପ୍ରୋଗ୍ରାମ ସାରି ଫେରିବା ସମୟରେ ଭଦ୍ରକ ଧାମରା ବ୍ରିଜ ନିକଟରେ ଟ୍ରାଫିକ ସମସ୍ୟା ଉପୁଜିଥିଲା ସେଥି ମଧ୍ୟରୁ ଏକ ଆମ୍ବୁଲାନ୍ସ ଭିଡ଼ ଭିତରେ ଫସି ଯାଇଥିଲା ତେଣୁ ସେହି ଆମ୍ବୁଲାନ୍ସ ଯିବା ପାଇଁ ଭିଡ଼ ହଟେଇବାକୁ ଚେଷ୍ଟା କରିଥିଲେ କିନ୍ତୁ ଏକ ବ୍ଲାକ୍ ସ୍କର୍ପିଓ ଆଗକୁ ମାଡ଼ି ଆସିଥିଲା ଆକାଶ ଭାଇ ତାଙ୍କୁ ବ୍ରେକ କରିବାରୁ ସେଥିରେ ବସିଥିବା କିଛି ଅସାମାଜିକ ଯୁବକ ଅତର୍କିତ ଆକ୍ରମଣ କରି ଆକାଶ ଭାଇଙ୍କ ଗାଡ଼ି ଓ ତାଙ୍କ ସହଯୋଗୀଙ୍କୁ ମାଡ଼ ମାରି ଲହୁ ଲୁହାଣ କରିଥିଲେ । ଆଜି ସକାଳେ ରାଜ୍ୟ ସମାଜସେବି ମହାସଂଘକୁ ଖବର ଆସିଲା ପରେ ରାଜ୍ୟ ସମାଜସେବୀ ମହାସଂଘ ର ଜିଲ୍ଲା ସଭାପତି ରଶ୍ମୀ ରଞ୍ଜନ ସାହୁ ଏବଂ ଭଦ୍ରକ ଜିଲ୍ଲାର ଅନ୍ୟ ସାମାଜିକ ସଂଗଠନ ଭଦ୍ରକ ଗ୍ରାମାଂଚଳ ଥାନା ଆଗରେ ଏକତ୍ରିତ ହୋଇ ଥାନା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ କ୍ଷ ଭଦ୍ରକ ଗ୍ରାମାଂଚଳ ଥାନା ଅଧିକାରୀ ୨ ଘଣ୍ଟା ପରେ ଗତକାଲି ରାତିରେମାଡ଼ ମାରିଥିବା ଯୁବକ ମାନଙ୍କୁ ଡାକି ସମାଧାନ କରିବା ସହିତ ଗାଡି ମରାମତି ପାଇଁ ୧୦,୦୦୦ ଟଙ୍କା ଦଣ୍ଡିତ କରିଥିଲେ ।

## ସହିଦ୍ ଜବାନ୍ଙ୍କ ପରିବାରକୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୧୧/୬(ନି.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ବର୍ଷ ଶାସନ ପୂର୍ତ୍ତୀ ଅବସରରେ ସହିଦ୍ ଜବାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯିବାର ପ୍ରୟାସ ଆରମ୍ଭ ହୋଇଛି । ବାଲେଶ୍ୱର ଜିଲାର ଜଳେଶ୍ୱରସ୍ଥିତ ୧୭ ନଂ ୱାର୍ଡ ଭାଦାର ବିଏସ୍ଏଫ ଜବାନ୍ ଗିରିଶ ଚରଣ ନନ୍ଦୀ କାର୍ଯ୍ୟରତ ସମୟରେ ସହିଦ୍ ହୋଇଥିଲେ । ଭାଜପା ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୟରେ ବରିଷ୍ଠ ନେତା ଅରୁଣ ବେଜ, ବରେନ୍ଦ୍ର ପରିଡା, ସେକ୍ ସୁଲତାନ, ସତ୍ୟରଂଜନ ଗିରି, ସେକ୍ ଆରୁଫ, ହରିଶଂକର ବେହେରା, ରବିନ୍ଦ୍ର ପାତ୍ର, କାଉନ୍ସିଲର ଜଗଦୀଶ ନନ୍ଦୀ, ବାପି ମହାପାତ୍ର ପ୍ରମୁଖ ସହିଦ୍ଙ୍କ ଘରକୁ ଯାଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଧବାପତ୍ନୀ ଅନୁପମା ନନ୍ଦୀ ଓ ବଡଭାଇ ଅବସରପ୍ରାପ୍ତ ଯବାନ୍ କ୍ଷିତିଶ ଚନ୍ଦ୍ର ନନ୍ଦୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ସହିଦ୍ଙ୍କ ପ୍ରତି ସମ୍ମାନ ଓ ପରିବାରକୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ସଂପର୍କରେ ପଚାରି ବୁଝିଥିଲେ ।

# ଭଦ୍ରକ ଜିଲ୍ଲା ଗାୟତ୍ରୀ ଶକ୍ତିପୀଠରେ ବୃକ୍ଷଗଙ୍ଗା ଅଭିଯାନ

ଭଦ୍ରକ, ୧୧/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା ଗାୟତ୍ରୀ ଶକ୍ତି ପୀଠ, ଶାନ୍ତି ଧାମ, ଜଳଙ୍ଗାଠାରେ ବୃକ୍ଷ ଗଙ୍ଗା ଅଭିଯାନ ମହାସମାରୋହରେ ସମ୍ପନ୍ନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଗଙ୍ଗା ଦଶହରା ଓ ଗାୟତ୍ରୀ ଜୟନ୍ତି ଅବସରରେ ମା' ଗାୟତ୍ରୀଙ୍କ ପୂଜାର୍ଚ୍ଚନା ସହ ସହସ୍ରାଧିକ ଚାରା ରୋପଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ବୃକ୍ଷ ଲଗାନ୍ତୁ ଜୀବନ ବଞ୍ଚାନ୍ତୁ, ପରିବେଶକୁ ଶୁଦ୍ଧ ବାୟୁ ପ୍ରଦାନ, ବୃକ୍ଷ ଆମକୁ ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ ଯୋଗାଇଥାଏ ବୋଲି ପ୍ରବକ୍ତା ମାନେ ମତ ପୋଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ଗାୟତ୍ରୀ ପରିବାରର




ସଂଯୋଜକ ପ୍ରଦୀପ ନାୟକ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଜିଲ୍ଲା ଶକ୍ତିପୀଠର ବ୍ୟବସ୍ଥାପକ ପ୍ରକାଶ ରଞ୍ଜନ ବେହେରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏତଦ୍ ବ୍ୟତିତ ସମ୍ମାନିୟ ଅତିଥି ରୂପେ ଗେଲଟୁଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ କୁମାର ଦାସ ଓ ସେହି ଗ୍ରା.ପର ସମିତି ସଭ୍ୟ ମନୋଜ କୁମାର ବାରିକ ଯୋଗଦାନ କରିଥିଲେ। ବୃକ୍ଷବିନା ସୃଷ୍ଟି ଅସମ୍ଭବ ଉକ୍ତ ବିଷୟ ଉପରେ ଗାୟତ୍ରୀ ପରିବାରର ପରିଜନ କେଦାରନାଥ ମହାପାତ୍ର ଓ ଆଲୋକ ରଞ୍ଜନ ମୁଖାର୍ଜୀ ବିଷଦ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୭ଟି ବ୍ଲକର ପ୍ରଜ୍ଞାପରିଜନମାନେ ସଫଳ ରୂପାୟନ କରିଥିଲେ । କାର୍ଯ୍ୟକ୍ରମରେ ଗଛକୁ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ସମ୍ମାନିତ ଅତିଥି ଓ ପରିଜନ ମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇ ଥିଲା । ଜଳଙ୍ଗା ଅଞ୍ଚଳରେ ଏହି ସଚେତନତା ଶୋଭାଯାତ୍ରା ଏକ ଆଲୋଡନ ସୃଷ୍ଟି କରିଥିଲା । ପରିଶେଷରେ ଶିକ୍ଷାବିତ ଆନନ୍ଦ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମବାୟ ନିର୍ବାଚରେ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଲା ବିଜେପି

ଭୁବନେଶ୍ୱର, ୧୧/୦୬ (ନି.ପ୍ର): ଚଳିତ ସମବାୟ ନିର୍ବାଚନରେ ପ୍ରାଥମିକ ସ୍ତରରେ ହେଉଥିବା ଲ୍ୟାମ୍ପ୍ସ ଓ ପ୍ୟାକ୍ସ ନିର୍ବାଚନରେ ଶାସକ ବିଜେଡି ସରକାରୀ କର୍ମଚାରୀଙ୍କ ସହାୟତାରେ ନିର୍ବାଚନକୁ ସଂପୂର୍ଣ୍ଣ ଭାବେ ପ୍ରଭାବିତ କରିବା ସହିତ ଚାଷୀମାନଙ୍କୁ ଧୋକା ଦେଉଛି । ଅନେକ ପ୍ରାଥମିକ ସମବାୟ ସମିତିରେ ଶାସକ ଦଳକୁ ନିର୍ବାଚିତ କରିବା ପାଇଁ ଅନ୍ୟ ସମସ୍ତଙ୍କ ପ୍ରାର୍ଥୀପତ୍ରକୁ ବିଭିନ୍ନ ମିଥ୍ୟା ଆଳ ଦେଖାଇ ପ୍ରାର୍ଥିପତ୍ରକୁ ନାକଚ କରି ସୋସାଇଟମାନଙ୍କୁ ଅପ୍ରତିଦ୍ୱନ୍ଦ୍ୱି ନିର୍ବାଚିତ ଘୋଷଣା କରାଯାଉଛି । ନିର୍ବାଚନରେ ପ୍ରାର୍ଥୀ ନାମାଙ୍କନ ପତ୍ର ଶୁଦ୍ଧ ଓ ସଠିକ ହେବାକୁ ଥିବାବେଳେ ଚଳିତ ସମବାୟ ନିର୍ବାଚନରେ ଏହି ପ୍ରାର୍ଥିପତ୍ରରେ ବ୍ୟାପକ ଅଶୁଦ୍ଧି ପରିଲକ୍ଷିତ ହେଉଛି। ଏହା ଏକ ସଂପୂର୍ଣ୍ଣ ଅସାମ୍ବିଧାନିକ ବ୍ୟବସ୍ଥା ହୋଇଥିବାରୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ବିଜେପି ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ମୋହନ ଦାଶ ଦାବୀ କରିଛନ୍ତି । ସମବାୟ ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସମବାୟ ନିର୍ବାଚନ କମିଶନଙ୍କ ସମେତ ନିର୍ବାଚନ ଅଧିକାରୀମାନେ ବିଜେଡି ପ୍ରାର୍ଥୀଙ୍କୁ ଅପ୍ରତିଦ୍ୱନ୍ଦୀ ନିର୍ବାଚିତ କରାଇବା ଦାୟୀତ୍ୱରେ ଲାଗିପଡିଛନ୍ତି । ଏପରିକି ବିନା ନାମାଙ୍କନ ପତ୍ରରେ ମଧ ଶାସକ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମକୁ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ଘୋଷଣା କରିବାକୁ ପଛାଉ ନାହାନ୍ତି । ସମବାୟ ନିର୍ବାଚନ କମିଶନଙ୍କ ନିରବତା ଏବଂ ଶାସକ ବିଜେଡିକୁ ଖୋଲାଖୋଲି ସମର୍ଥନ ଦେବା ବର୍ତମାନ ନିରପେକ୍ଷ ସମବାୟ ନିର୍ବାଚନକୁ ନେଇ ବିରାଟ ସନ୍ଦେହ ସୃଷ୍ଟି ହୋଇଛି । କୋରାପୁଟ ଜିଲ୍ଲା ବୋରିଗୁମା ଲ୍ୟାମ୍ପ୍ସ ଅଧିନସ୍ଥ ଜୋନ-୧୨, ପୋଣ୍ଡେସଗୁଡା ପାଇଁ ହେବାକୁ ଥିବା ନିର୍ବାଚନରେ ଶାସକ ବିଜେଡି ସମର୍ଥିତ ପ୍ରାର୍ଥୀ ଏଲ.ନାରାୟଣ ରାଓଙ୍କ ପ୍ରାର୍ଥିପତ୍ରକୁ ଚଂଚକତା କରାଯାଇଛି । ନିର୍ବାଚନରେ ପ୍ରତିଦଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଚିତରଂଜନ ପ୍ରଧାନଙ୍କ ପ୍ରସ୍ତାବକ ଓ ସମର୍ଥକଙ୍କ ନାମ ଚଂଚକତା କରି ଶ୍ରୀ ରାଓ ନିଜ ପ୍ରାର୍ଥୀପତ୍ରରେ ଉଲ୍ଲେଖି କରିଛନ୍ତି। ଏହି ପ୍ରସଙ୍ଗରେ ଶ୍ରୀ ପ୍ରଧାନ ସ୍ଥାନୀୟ ନିର୍ବାଚନଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ପରିବର୍ତେ ସଂପୃକ୍ତ ନିର୍ବାଚନ ଅଧିକାରୀ ଜଣକ ଶ୍ରୀ ରାଓଙ୍କ ପ୍ରାର୍ଥୀପତ୍ରକୁ କାୟମ କରିଛନ୍ତି । ନିର୍ବାଚନ କମିଶନ ବିହୀତ ପଦକ୍ଷେପ ଗ୍ରହଣ ନକଲେ ଅଗାମୀ ଦିନରେ ଆମେ କୋର୍ଟରେ ଦ୍ୱାରସ୍ଥ ହେବୁ ବୋଲି ଶ୍ରୀ ଦାଶ କହିଛନ୍ତି । ଏହି ଅବସରରେ ରାଜ୍ୟଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ୍, ସମବାୟ ପ୍ରକୋଷ୍ଠ ସହ ସଂଯୋଜକ ପ୍ରିୟବ୍ରତ ସ୍ୱାଇଁ ଉପସ୍ଥିତ ଥିଲେ ।

## ଅଜୟ ସାହୁ କଂଗ୍ରେସରୁ ନିଲମ୍ବିତ

ବସ୍ତା, ୧୧/୦୬ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ପାଉସକୁଲି ପଞ୍ଚାୟତର କଂଗ୍ରେସ ନେତା ତଥା ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଜୟ କୁମାର ସାହୁ ଙ୍କୁ କଂଗ୍ରେସରୁ ନିଲମ୍ବିତ କରାଯାଇଛି ସେ ଗତ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିରୁଦ୍ଧରେ ପ୍ରାର୍ଥୀ ହୋଇ ନିର୍ବାଚନ ଲଢିବା ସହିତ ଚଳିତ ସମବାୟ ନିର୍ବାଚନରେ ମଧ୍ୟ ଦଳୀୟ ସମର୍ଥିତ ପ୍ରାର୍ଥୀ ଙ୍କ ବିରୋଧ ରେ ନିର୍ବାଚନ ଲଢିବା ଦଳୀୟ ଶୃଙ୍ଖଳା ଙ୍କୁ ଉଲଂଘନ କରୁଛନ୍ତି ତେଣୁ ଜିଲ୍ଲା କଂଗ୍ରେସ ନିକଟରେ ସମସ୍ତ ଅଭିଯୋଗ ସତ୍ୟାସତ୍ୟ ଜାଣିବା ପରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ସଂଜୀବ ଗିରି ତାଙ୍କୁ ଜିଲ୍ଲା କଂଗ୍ରେସ କମିଟିର କୋଷାଧକ୍ଷ ପଦରୁ ଅବ୍ୟାହତି ଦେବା ସହିତ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟରୁ ନିଲମ୍ବିତ କରିଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତି ରେ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଘୋଷଣା କରିଛନ୍ତି।

## କେନାଲରେ ଖସି ପଡିଥିବା ଗାଈକୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଗଞ୍ଜାମ, ୧୧/୦୬ (ନି.ପ୍ର): ଏକ ଗାଈକୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ହିଞ୍ଜିଳିକାଟୁ ପୌର ପରିଷଦ ଅନ୍ତର୍ଗତ କାଳୀମନ୍ଦିର ଛକ ନିକଟରେ ଥିବା କେନାଲରେ ଏକ ଗାଈ ପଡ଼ିଯାଇଥିବା ଖବର ସାମ୍ବାଦିକ ତଥା ପଶୁପ୍ରେମୀ ପ୍ରିୟବ୍ରତ ପାଣ୍ଡଙ୍କ ନଜରକୁ ଆସିଥିଲା । ସେ କାଳବିଳମ୍ବ ନକରି ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଗାଈଟିକୁ ଉଦ୍ଧାର କରିଥିଲେ । ସାମ୍ବାଦିକ ଶ୍ରୀ ପଣ୍ଡାଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଏଥିରେ ସହଯୋଗ କରିଥିଲେ। ଏଭଳି କାର୍ଯ୍ୟକୁ କେବଳ ସ୍ଥାନୀୟ ବାସିନ୍ଦା ନୁହଁ ଆଖପାଖ ଅଂଚଳ ବାସିନ୍ଦା ମଧ ବେଶ୍ ପ୍ରଶଂସା କରିଛନ୍ତି ।

# ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ମିଳନୀ ଅନୁଷ୍ଠିତ

ଜଳେଶ୍ୱର, ୧୧/୬(ନି.ପ୍ର): ବିଜେପି ଅନୁସୂଚୀତ ଜାତି ମୋର୍ଚ୍ଚା ପକ୍ଷରୁ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ମୋଦି ସରକାରଙ୍କ ୨ୟ ପାଳିର ୩ବର୍ଷ ପୂର୍ତ୍ତୀ ଅବସରରେ ଅନୁସୂଚୀତ ଜାତି ଓ ଜନଜାତି ଲୋକଙ୍କ ଲାଗି ବିଭିନ୍ନ ଯୋଜନା ସଂପର୍କରେ ହିତାଧିକାରୀ ମାନଙ୍କୁ ସଚେତନ କରାଇବା ଏହାର ଲକ୍ଷ ବୋଲି କୁହାଯାଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ସହରର ୧୦ନଂ ୱାର୍ଡ ଶାନ୍ତିଆସ୍ଥିତ ନେପାଳ ଜେନାଙ୍କ ବାସ ଭବନ ଓ ୮ନଂ ୱାର୍ଡ ପଂଚୁଘଣ୍ଟା ଠାରେ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇ



ଯାଇଛି । ଏଥିରେ ଯୁବ ନେତା ଜଗନ୍ନାଥ ଗୋଛାୟତ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ନେତା ଅରୁଣ ବେଜ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଯୁବ ସଭାପତି ରବିନ୍ଦ୍ର ପାତ୍ର, ଗଦାଧର ସିଂ, ମଲ୍ଲି ସରେନ୍,ଦେବଯାନୀ ଅଣ୍ଡିଆ, ସତ୍ୟବ୍ରତ ପଣ୍ଡା, ରଂଜନ ପାତ୍ର, ସୁମତୀ ରଣା, ଜିତେନ୍ଦ୍ର ନାଗ, ଚାନ୍ଦିନୀ ଜେନା, ଅରୁଣ ଦାଶ ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ ।

# ଗୋଟିଏ ଦିନରେ ୨୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୬୨୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୨୯୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୯ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୫ ଜଣ ସଂଗରୋଧରୁ ଓ ୯ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ୨, ଝାରସୁଗୁଡା ଜିଲ୍ଲାରୁ ୫. ଖୋର୍ଦ୍ଧା ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରୁ ୩ ତଥା ଷ୍ଟେଟ ପୁଲରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୬ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଇଆଇଟି ଭୁବନେଶ୍ୱର କେନ୍ଦ୍ରୀୟ....

ଗୋଟିଏ ନୂଆ ବ୍ୟବସ୍ଥା ବିଗତ ଦିନ ମାନଙ୍କରେ ଆରମ୍ଭ କରାଯାଇଛି। ଶିକ୍ଷକ ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ଚଳିତବର୍ଷ ୪ ବର୍ଷୀୟା ଇଂଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ (ଆଇଟେପ)ର ପାଇଲଟ୍ ମଡ଼େଲ ଆରମ୍ଭ କରାଯିବ। ଏହା ଦ୍ୱାରା ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ହେବା ସହ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣାଙ୍ଗ ବିକାଶ ହେବ। ଏହାବ୍ୟତିତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷର ପ୍ରତ୍ୟେକ ବ୍ଲକ୍‌ରେ ପ୍ରାୟ ୧୫ ହଜାର ପିଏମ ଶ୍ରୀ ସ୍କୁଲ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ନୂଆ ସ୍କୁଲ ନୁହେଁ ବରଂ ପୁରୁଣା ସ୍କୁଲରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ନେଇ ଭାରତ ସରକାର ସହଯୋଗୀ ହେବେ। ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ମୋଦି ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିକ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ଓ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ।

## ବ୍ରିଜ ତଳକୁ ଖସି ବ୍ଲାଷ୍ଟ ହେଲା....

ଥିଲା ଯେ, ଗାଡ଼ିର ଡ୍ରାଇଭର ଓ ହେଲପର ଜିଅନ୍ତା ଜଳି ଯାଇଥିବା ବେଳେ ଉଦ୍ଧାର କରିବାକୁ ଯାଇଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣ ମଧ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଆଉ ଜଣେ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇ ପଡ଼ିଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଓ ଇଟାମାଟି ପୁଲିସ୍ ପହଞ୍ଚି ଗୁରୁତରଙ୍କୁ ପ୍ରଥମେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରିଛନ୍ତି। ଏଥିସହ ଆଜି ସକାଳେ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ କେନାଲରୁ ୪ଟି ମୃତଦେହ ଉଦ୍ଧାର ହୋଇଛି ।

## ସରିଲା ରାଜ୍ୟସଭା ନିର୍ବାଚନ....

ମଧ୍ୟରେ ଉତର ପ୍ରଦେଶର ସମସ୍ତ ୧୧ଟି ଆସନ ପାଇଁ ସାଂସଦ ବିନା କୌଣସି ବିରୋଧରେ ନିର୍ବାଚିତ ହୋଇଛନ୍ତି । ତାମିଲନାଡୁର ୬ଟି ଆସନ ପାଇଁ ସାଂସଦ ନିର୍ବାଚିତ । ବିହାରର ୫ଟି ଆସନ ଓ ଆନ୍ଧ୍ରପ୍ରଦେଶର ୪ଟି ଆସନ ପାଇଁ ସାଂସଦ ନିର୍ବାଚିତ । ଓଡିଶା ୩ ସାଂସଦ ଓ ମଧ୍ୟପ୍ରଦେଶର ୩ ସାଂସଦ ନିର୍ବାଚିତ । ଝାରଖଣ୍ଡ, ତେଲେଙ୍ଗାନା ଓ ପଂଜାବରେ ଦୁଇଟି ଲେଖାଏଁ ଆସନ ପାଇଁ ସାଂସଦ ନିର୍ବାଚିତ । ଉତ୍ତରାଖଣ୍ଡର ଗୋଟିଏ ଆସନ ପାଇଁ ବିନା କୌଣସି ବିରୋଧରେ ସାଂସଦ ନିର୍ବାଚିତ ହୋଇଛନ୍ତି । ଯଦି ସମସ୍ତ ନିର୍ବାଚିତ ଆସନ ଉପରେ ନଜର ପକାଇବା ତାହାଲେ ଏଥିରେ ସର୍ବାଧିକ ୧୪ଜଣ ପ୍ରାର୍ଥୀ ବିଜେପିର ନିର୍ବାଚିତ ହୋଇଛନ୍ତି । କଂଗ୍ରେସ ଓ ୱାଇଏସଆର କଂଗ୍ରେସର ୪ ଜଣ ଲେଖାଏଁ ପ୍ରାର୍ଥୀ, ତିନି ଜଣ ଲେଖାଏଁ ପ୍ରାର୍ଥୀ ବିଜେଡି ଓ ଡିଏମକେର ରହିଛନ୍ତି । ସେହିପରି ଟିଆରଏସ, ଅନ୍ନାଡ୍ରମୁଖ ଏବଂ ଆମ ଆଦମୀ ପାର୍ଟିର ୨ଜଣ ପ୍ରାର୍ଥୀ ରହିଥିବାବେଳେ ସମାଜବାଦୀ ପାର୍ଟି, ଆରଏଲଡି, ଜେଏମଏମ ଏବଂ ଜଣେ ନିର୍ଦଳୀୟ ପ୍ରାର୍ଥୀ ବିନା କୌଣସି ବିରୋଧରେ ସାଂସଦ ଭାବେ ବଛା ହୋଇଛନ୍ତି ।

## ବଢ଼ିଲା ସଂକ୍ରମଣ....

ଦେଶରେ ମୋଟ କରୋନା ଜନିତ ମୃତ୍ୟୁସଂଖ୍ୟା ୫,୨୪,୭୫୭କୁ ବୃଦ୍ଧି ପାଇଛି। ସେହିପରି ଦିନକରେ ୪,୨୧୬ ଜଣ କରୋନାକୁ ମାତ ଦେଇଛନ୍ତି। ଫଳରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୪,୨୬,୪୮,୩୦୮ରେ ପହଞ୍ଚି ଯାଇଛି। ୨୪ ଘଣ୍ଟାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୧୦୩ ବଢ଼ିଛି। ଏବେ ଦେଶର ବିଭିନ୍ନ ହସ୍ପିଟାଲ ଓ ଘରେ ରହି ୪୦,୩୭୦ ଜଣ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଦେଶରେ ସକ୍ରିୟ ରୋଗୀଙ୍କ ହାର ୦.୦୯% ରହିଥିବା ବେଳେ ଆରୋଗ୍ୟ ହାର ୯୮.୬୯% ରହିଛି। ଦୈନିକ ପଜିଟିଭିଟି ରେଟ ୨.୪୧%କୁ ବୃଦ୍ଧି ପାଇଛି।

## ବାରବାଟୀରେ ଭାରତୀୟ....

ବଢ଼ିବାରେ ଲାଗିଛି । ପ୍ରଥମ ମ୍ୟାଚରେ ବଡ଼ ଟାର୍ଗେଟର ପିଛା କରି ଦମଦାର ବିଜୟ ହାସଲ କରିଥିବା ଦକ୍ଷିଣ ଆଫ୍ରିକାର ଆତ୍ମବିଶ୍ୱାସ ଉଦ୍ଧ୍ୱର୍ରେ ରହିଛି । ଏପରି ସ୍ଥିତିରେ ବାରବାଟୀ ବିଜୟ ସହ ସିରିଜକୁ ସମାନ କରିବା ଲକ୍ଷ୍ୟ ରଖିଛି ଟିମ୍ ଇଣ୍ଡିଆ । ପ୍ରଥମ ମ୍ୟାଚରେ ଟିମର ବ୍ୟାଟିଂ ବିଭାଗ ଉନ୍ନତ ପ୍ରଦର୍ଶନ କରିଥିଲେ ହେଁ, ବୋଲର ଓ ଫିଲ୍ଡରଙ୍କ ପ୍ରଦର୍ଶନ ଆଶାନୁରୂପ ରହିନଥିଲା । ତେଣୁ ନୂଆ କ୍ୟାପଟେନ୍ ରିଷଭ ପନ୍ତଙ୍କ ନେତୃତ୍ୱରେ ବାରବାଟୀ ମ୍ୟାଚ୍ ଜିତିବା ପାଇଁ ହେଲେ ବୋଲରଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି କହିଛନ୍ତି ଭୁବନେଶ୍ୱର କୁମାର । ଉଭୟ ଦଳ ଅନ୍ୟର ରଣନୀତିକୁ ବିଫଳ କରି କିପରି ବିଜୟବାନା ଉଡ଼ାଇବେ, ସେଥିପାଇଁ ରଣନୀତି ପ୍ରସ୍ତୁତ କରିନେଇଛନ୍ତି ।

## ଜୁଲାଇ ୧ ରୁ ବସ୍ ଧର୍ମଘଟ....

ଯଦି ଆସନ୍ତା ୩୦ ତାରିଖ ମଧ୍ୟରାତ୍ର ସୁଦ୍ଧା ଏ ସମସ୍ତ ଦାବି ପୂଣ ନକରନ୍ତି, ତେବେ ରାଜ୍ୟର ଘରୋଇ ବସ୍ ଗୁଡ଼ିକ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜୁଲାଇ ୧ ତାରିଖରୁ ଚଳାଚଳ ବନ୍ଦ ରହିବ ବୋଲି ଶ୍ରୀ ସାହୁ କହିଛନ୍ତି। ବୈଠକରେ କୋଷାଧକ୍ଷ ବରଦାପ୍ରସନ୍ନ ଆଚାର୍ଯ୍ୟ, ସହକୋଷାଧକ୍ଷ ଅଜୟ କୁମାର ବାରିକ, ମୁଖପାତ୍ର ଦେବାଶିଷ ନାୟକ, ସମ୍ବଲପୁର ସଂଘ ସଭାପତି ସୁବ୍ରତ କୁମାର ପାଣିଗ୍ରାହୀ, ତାଳଚେର ସଂଘ ସଭାପତି ଶ୍ରୀକାନ୍ତ ପାଣି, ଗଂଜାମ ସଂଘ ସଂପାଦକ ସୁଭାଷ ଚନ୍ଦ୍ର ପଟ୍ଟନାୟକ, ଭଦ୍ରକ ସଂଘର ଜୋନାଲ ସଂପାଦକ ଶ୍ରୀନିବାସ ପତି, ଆସ୍କା ସଂଘର ସନ୍ତୋଷ କୁମାର ପଲାଇ, କଟକ ସଂଘର ପ୍ରିୟବ୍ରତ ତ୍ରିପାଠୀଙ୍କ ସମେତ ରାଜ୍ୟର ଅନ୍ୟ ଜିଲ୍ଲା ସଂଘର ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଡ୍ରିମସ୍ ଆଇଡିଆଲ୍ ରେସିଡେନ୍ସିଆଲ୍ ସ୍କୁଲ ବାଲେଶ୍ୱରଠାରେ ଆୟୋଜିତ ଭ୍ରାମ୍ୟମାଣ ପାଠାଗାରର ରାଜ୍ୟ ପରିକ୍ରମା କାର୍ଯ୍ୟକ୍ରମ

ବାଲେଶ୍ୱର, ୧୧/୦୬ (ନି.ପ୍ର): ଶନିବାର ସକାଳ ୧୦ଘଟିକା ସମୟରେ ବରଗଡ଼ରେ ଅବସ୍ଥିତ 'ଶିଶୁଶ୍ରୀ' ଭ୍ରାମ୍ୟମାଣ ପାଠାଗାର ରାଜ୍ୟ ପରିକ୍ରମା ଚକ୍ରରେ ଡ୍ରିମସ୍ ଆଇଡିଆଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଏହାର ପ୍ରାୟୋଜିତ



କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା କ୍ଷ ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ କ୍ଷ ସେ ତାଙ୍କ ବକ୍ତବ୍ୟରେ ପୁସ୍ତକ ମନୁଷ୍ୟକୁ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାରେ ସାହାଯ୍ୟ କରିଥାଏ କ୍ଷ ତେଣୁ ଛାତ୍ରଛାତ୍ରୀମାନେ ଉପାଦେୟ ପୁସ୍ତକ ମାନ ପଢ଼ିବାର ଅଭ୍ୟାସ ଜାରି ରଖିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ଦାଶ ପୁସ୍ତକ ବ୍ୟକ୍ତିର ସୃଜନାତ୍ମକ ଜ୍ଞାନର ବିକାଶ କରିଥାଏ ବୋଲି କହିଥିଲେ। ବିଦ୍ୟାପୀଠର ସମ୍ପାଦକ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି ପୁସ୍ତକ ସହ ବନ୍ଧୁତା ସ୍ଥାପନ କରିବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ଛାତ୍ର-ଛାତ୍ରୀମାନଙ୍କୁ ପୁସ୍ତକ ମନସ୍ଥ କରାଇବା,ପୁସ୍ତକ ପ୍ରତି ଆଗ୍ରହ ବଢ଼ାଇବା ଓ ସେମାନଙ୍କ ହାତ ପାହାନ୍ତାରେ ପୁସ୍ତକ ପହଞ୍ଚାଇବା ଉଦ୍ଦେଶ୍ୟରେ 'ଶିଶୁଶ୍ରୀ' ପାଠାଗାରର ଆବାହକ ଶିଶୁ ସାହିତ୍ୟିକ ଡକ୍ଟର ରବିନାରାୟଣ ସାହୁ ଭ୍ରାମ୍ୟମାଣ ପାଠାଗାରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି ରାଜ୍ୟ ପରିକ୍ରମା ସମ୍ପର୍କରେ ସୂଚନା ଦେଇଥିଲେ ।ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ର-ଛାତ୍ରୀ ମାନଙ୍କ ମଧ୍ୟରୁ ଋତୁପର୍ଣ୍ଣା ବେହେରା,ସୁଚିସ୍ମିତା ବେହେରା ଓ ପଦ୍ମିନୀ ଦଳେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ସ୍ମୃତିରେଖା ଦାସ,ସତ୍ୟଭାମା ପ୍ରଧାନ,ରେହାନା ବେଗମ୍,ସ୍ମିତିସୁଧା ଦାସ,ଦୀପାଞ୍ଜଳି ଦାସ, ଆରତୀବାଳା ଦାସ, ଆରତୀ ରାଉଳ, କମଳାମଣି ପାଲ, ଦେବୀଶ୍ରୀ ଗିରି,ସାଗରିକା ଶିଅଳ,ରାନିତାଦାସ, ହେନା ରଣା, ରୁନି ସିଂ, ଦ୍ୱିତିକୃଷ୍ଣ ମହାନ୍ତି ଓ ଭଗବାନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ବୈଠକ

ଭଦ୍ରକ,୧୧/୦୬ (ନି.ପ୍ର): ମସିହା ସୁଦ୍ଧା ଓଡ଼ିଶାକୁ ଶିଶୁ ଶ୍ରମିକ ମୁକ୍ତ ରାଜ୍ୟ ଭାବେ ଘୋଷଣା କରାଯିବା ନେଇ ଓଡ଼ିଶା ସରକାରଙ୍କ ଆଭିମୁଖ୍ୟ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ତରଫରୁ ସେ ଦିଗରେ ତତ୍ପରତା ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହରେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁଦର୍ଶନ ବାରିକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଚାଇଲଡ୍ ଲାଇନ୍ ନିର୍ଦ୍ଦେଶିକା ସୋଫିଆ ସେକ୍, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଏ.ଡ଼ି.ଏମ୍.ଓ. ଡା.ଏସ୍.କେ ପୃଷ୍ଟି ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଶିଶୁ ଶ୍ରମିକ ନିଷେଧ ଆଇନ୍ ଅନୁଯାୟୀ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁକୁ କୌଣସି ମାଲିକ କି ନିଜ ପରିବାର କୌଣସି ପ୍ରକାର ଶ୍ରମରେ ନିଯୁକ୍ତ କରିପାରିବେ ନାହିଁ । ୧୪ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୧୮ ବର୍ଷରୁ କମ୍ ବୟସର କିଶୋର ମାନେ ଜୀବନ ପ୍ରତି ବିପଦ ସଙ୍କୁଳ ନ ଥିବା ଶ୍ରମରେ ନିୟୋଜିତ ହୋଇପାରିବେ। ମାତ୍ର ଏବେ ବି ଇଟାଭାଟି, ନିର୍ମାଣ କାର୍ଯ୍ୟ, ଢ଼ାବା, ଦୋକାନ, ହୋଟେଲ, ଗ୍ୟାରେଜ୍ ଆଦି ଜାଗାରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଘଟଣାକୁ ଟାସ୍କଫୋର୍ସ ଦ୍ୱାରା ଚଢ଼ଉରେ ଉଦ୍ଧାରକାର୍ଯ୍ୟ ପ୍ରମାଣିତ କରୁଛି। କେବଳ ଧରପଗଡ଼ ଦ୍ୱାରା ଯେ ଶିଶୁ ଶ୍ରମିକ ପ୍ରଥାର ବିଲୋପ ହୋଇପାରିବ ତାହା ନୁହେଁ ବରଂ ଶିଶୁ ଶ୍ରମିକ ହେବାର ମୂଳକାରଣର ପ୍ରତିକାର ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଦାରିଦ୍ର୍ୟତା ହିଁ ଶିଶୁ ଶ୍ରମିକର ମୂଳକାରଣ ବୋଲି ବୈଠକର ମତ ପ୍ରକାଶ ପାଇଥିଲା। ଅଧାରୁ ପାଠ ଛାଡୁଥିବା ପିଲାମାନେ ହିଁ ଶିଶୁ ଶ୍ରମିକ ହେଉଛନ୍ତି। ପିତାମାତା, ଅଭିଭାବକ ମାନଙ୍କ ଠାରେ ଶିକ୍ଷା ସଚେତନତାର ଅଭାବ ଯୋଗୁଁ ମଧ ଅନେକ ପିଲା ଶ୍ରମିକ ହେଉଛନ୍ତି। ନିଶାସକ୍ତ କାରଣ ଯୋଗୁଁ ମଧ କେତେକ ପିଲା ଶିଶୁ ଶ୍ରମିକ ହେଉଛନ୍ତି। ଶିଶୁମାନେ ହିଁ ସମାଜର ଭବିଷ୍ୟତ, ସେମାନଙ୍କୁ ଏପରି ଅବାଟରେ ଯିବାକୁ ଛାଡ଼ି ଦିଆଗଲେ ସମାଜର ପ୍ରଭୁତ କ୍ଷତି ସାଧନ ହେବ। ଶିଶୁ ଶ୍ରମିକ ମୁକ୍ତ ଭଦ୍ରକ ପାଇଁ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ, ଶିଶୁ ମଙ୍ଗଳ କମିଟି, ଚାଇଲଡ୍ ଲାଇନ୍ ଆଦିଙ୍କ ସାମୂହିକ ଉଦ୍ୟମ ଓ ସମନ୍ୱୟର ଆବଶ୍ୟକ ଅଛି। ଅଯଥା ଧରପଗଡ଼, ସଚେତନତା, ଶିଶୁ ଶ୍ରମିକ ହେଉଥିବା ଆର୍ଥିକ ଅନଗ୍ରସର ପରିବାର ଗୁଡ଼ିକୁ ଚିହ୍ନଟ କରାଯିବା, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣି ଶିକ୍ଷାକ୍ଷେତ୍ରକୁ ଫେରାଇ ଆଣିବା ଦିଗରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ଶିଶୁ ଶ୍ରମିକ ମାନଙ୍କୁ ନିଯୁକ୍ତି ଦେଉଥିବା ମାଲିକ ମାନଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ରହୁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ କାର୍ଟୁନଚିତ୍ର, ପୋଷ୍ଟର, ପଥପ୍ରାନ୍ତ ନାଟକ ଆଦି ପାଇଁ ଶ୍ରୀଯୁକ୍ତ ବାରିକ ମତ ଦେଇଥିଲେ। ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କୁ ଶ୍ରେଣୀ ଗୃହରେ ଏ ବାବଦ ୧୦ରୁ ୧୫ ମିନିଟ୍ ନୈତିକ ଶିକ୍ଷା ପ୍ରଦାନ କରିବାକୁ ପଦକ୍ଷେପ ନେବାପାଇଁ ଅତିରିକ୍ତ ଜିଲ୍ଲାପାଳ ବି.ଇ.ଓ. ଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ସ୍କୁଲରେ ମାଗଣାରେ ନାମଲେଖା, ବହିପତ୍ର ସୁବିଧା ଉପଲବ୍ଧ ହେବା, ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କପାଇଁ ମାଗଣାରେ ଥିବା ହଷ୍ଟେଲ ବ୍ୟବସ୍ଥା ଆଦି ସମ୍ବନ୍ଧରେ ମଧ ବୈଠକରେ ସୂଚନା ଦିଆଯାଇଥିଲା। ଶିଶୁ ଶ୍ରମିକ ନିଷେଧ ସଚେତନତା ଉଦ୍ଦେଶ୍ୟରେ ଗତ ମଇ ୩୧ ତାରିଖ ଦିନ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯିବା ସହିତ ତା.୪.୬.୨୦୨୨ ରିଖରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାର ଆୟୋଜନ କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀଙ୍କ ଦେହାନ୍ତ

ଭଦ୍ରକ,୧୧/୦୬ (ନି.ପ୍ର): ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାସୁଦେବପୁର ବ୍ଲକର ତୁଳମତୁଳାର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟ ଆଜି ୯୬ ବର୍ଷ ବୟସରେ ଅପରାହ୍ନ ଘ ୨.୧୫ମି ସମୟରେ ନିଜ ବାସଭବନରେ ଇହଲୀଳା ସମ୍ବରଣ କରିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଉପଜିଲ୍ଲାପାଳ ମନୋଜ ପାତ୍ର, ବାସୁଦେବପୁର ତହସିଲଦାର ଅନୀତା ନାୟକ, ବାସୁଦେବପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବାସୁଦେବପୁର



ଥାନାଧିକାରୀ ଅମିତ କୁମାର ଭୂୟାଁ ପ୍ରମୁଖ ସ୍ୱର୍ଗତ ରାୟଙ୍କ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସୂଚନାଯୋଗ୍ୟକି ଅଗଷ୍ଟ ୯ ରେ କ୍ରାନ୍ତି ଦିବସ ଉପଲକ୍ଷେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରତିବର୍ଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ଦିଆଯାଉଥିବା ପୁରସ୍କାର ୨୦୨୧ ମସିହା ପାଇଁ ଭଦ୍ରକ ଜିଲ୍ଲାର ସ୍ୱର୍ଗତ ରାୟଙ୍କୁ ପ୍ରଦାନ କରାଯାଇଲା । କରୋନା କଟକଣା ପାଇଁ ଏହି ପୁରସ୍କାରକୁ ସରକାରଙ୍କ ନିର୍ଦ୍ଦେଶମତେ ପୂର୍ବତନ ଜିଲ୍ଲାପାଳ ଜ୍ଞାନଦାସ ତାଙ୍କ ବାସ ଭବନକୁ ଯାଇ ଉକ୍ତ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ୪ ପୁଅ ଓ ୨ ଝିଅ ଓ ପରିବାର ବର୍ଗ ଅଛନ୍ତି । ସ୍ଥାନୀୟ ଗାଁ ଓ ବଜାର ପରିକ୍ରମା କରି ତାଙ୍କ ଜନ୍ମମାଟି ମଶାଣିରେ ଅନ୍ତେଷ୍ଟିକ୍ରିୟା କରାଗଲା । ତାଙ୍କ ପୁତ୍ର ସୁବାସ ରାୟ ମୁଖାଗ୍ନି ଦେଇଥିଲେ ।

# ଖରାଛୁଟି ପରେ ବିଦ୍ୟାଳୟରେ ପାଠପଢାକୁ ନେଇ ଗାଇଡଲାଇନ ଜାରି

ଭୁବନେଶ୍ୱର, ୧୧/୦୬ (ନି.ପ୍ର): ରାଜ୍ୟର ବିଦ୍ୟାଳୟ ମାନଙ୍କରେ ଖରାଛୁଟି ସରିବା ପରେ କିଭଳି ବିଦ୍ୟାଳୟରେ ପାଠ ପଢାଯିବ ସେନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ( ଓସେପା) ପକ୍ଷରୁ ନିୟମାବଳୀ ପ୍ରସ୍ତୁତ କରାଯାଇଛି । ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଏ ସମ୍ପର୍କରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଶତପ୍ରତିଶତ ପାଠ୍ୟଖସଡ଼ା ସାରିବା ଦିଗରେ ପଦକ୍ଷେପ ନେବାକୁ ସମସ୍ତ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତ ଶିକ୍ଷକଙ୍କ ସହ ପାଠ୍ୟକ୍ରମ, ପାଠପଢା ସମୟ ସମ୍ବନ୍ଧରେ ଆଲୋଚନା କରିବେ। କିଭଳି ସଠିକ୍ ଭାବେ ବିଦ୍ୟାର୍ଥୀ ଶିକ୍ଷା ପାଇବେ ସେ ଦିଗରେ ଯୋଜନା ପ୍ରସ୍ତୁତ କରିବାକୁ କୁହା ଯାଇଛି । କରୋନା କାଳରେ କ୍ଷତି ଭରଣା ପାଇଁ ପ୍ରସ୍ତୁତ ହୋଇଥିବା ପୁସ୍ତକ ସହ ପାଠ୍ୟକ୍ରମର ପୁସ୍ତକ ପଠାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ସବୁ ବିଦ୍ୟାର୍ଥୀ ଯେଭଳି ଦୁଇ ପ୍ରକାର ପୁସ୍ତକ ପାଇବେ ସେ ଦିଗରେ ପ୍ରଧାନଶିକ୍ଷକ ଧ୍ୟାନ ଦେବେ। ଶ୍ରେଣୀ ଓ ବିଷୟଭିତ୍ତିକ ପାଠପଢା, ସମୟ ସାରଣୀ ପ୍ରତି ଶ୍ରେଣୀଗୃହରେ ବିଦ୍ୟାର୍ଥୀଙ୍କ ପାଇଁ ଲଗାଯିବ ବୋଲି ଏହି ପତ୍ରରେ ଉଲ୍ଲେଖ ରହିଛି । ଛାତ୍ରଛାତ୍ରୀଙ୍କ ଦକ୍ଷତା ଯାଂଚ ପରେ ଖରାପ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରୟାସ କରାଯିବ। ସେମାନଙ୍କୁ ପୃଥକ ଭାବେ ଅତିରିକ୍ତ ପାଠ ପଢାଯିବା ସହ ନିୟମିତ ପାଠ ମ୍ମ ପ୍ରଦାନ କରାଯିବ ବୋଲି ଚିଠିରେ କୁହାଯାଇଛି । ଶିକ୍ଷକମାନେ ପାଠପଢାରେ ହୋଇଥିବା କ୍ଷତି ଭରଣା ପାଇଁ ସ୍ୱତନ୍ତ୍ର ଯୋଜନା କରିବା ସହ ସିଆରସିସିମାନେ ନିଜ କ୍ଲଷ୍ଟରରେ ପାଠପଢା ଉପରେ ତୀକ୍ଷଣ ନଜର ରଖିବା ସହ ରୀତିମତ ଯାଂଚ କରିବେ ବୋଲି ଏଥିରେ କୁହାଯାଇଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପ୍ରାଥମିକତା ଦେବେ। ବିଦ୍ୟାର୍ଥୀଙ୍କ ଉପଯୋଗୀ ପରିବେଶ ବିଦ୍ୟାଳୟରେ ସୃଷ୍ଟି କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି ।

## ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ବାଲେଶ୍ୱରରେ ବ୍ୟାପକ ପ୍ରସ୍ତୁତି




ବାଲେଶ୍ୱର,୧୧/୦୬ (ନି.ପ୍ର): ଆସନ୍ତା ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ବାଲେଶ୍ୱରରେ ଆରମ୍ଭ ହୋଇଛି ପ୍ରସ୍ତୁତି। ଯୋଗ ଦିବସକୁ ଅଧିକ ଆକର୍ଷଣୀୟ ତଥା ସର୍ବଗ୍ରାହ୍ୟ କରିବା ପାଇଁ ବାଲେଶ୍ୱରର ପତଞ୍ଜଳି ଯୋଗ ପରିବାର ପକ୍ଷରୁ ବିଶେଷ ପ୍ରସ୍ତୁତି ଆରମ୍ଭ ହୋଇଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଦେଶର ୭୫ଟି ପ୍ରସିଦ୍ଧ ସହରରେ ଭବ୍ୟ ଆୟୋଜନ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ସେହି କ୍ରମରେ ଶ୍ରୀକ୍ଷେତ୍ର ପୁରୀ, ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ଥିବା କୋଣାର୍କ, ଐତିହ୍ୟ ସମ୍ପନ୍ନ ସହର କଟକ ଏବଂ ପ୍ରତିରକ୍ଷା ବିଭାଗର ପରୀକ୍ଷଣ କେନ୍ଦ୍ର ଥିବା ବାଲେଶ୍ୱର ସହରକୁ ଏହି ତାଲିକାରେ ସାମିଲ କରାଯାଇଛି। ବାଲେଶ୍ୱରରେ ଆନ୍ତର୍ଜାତିକ ଯୋଗ ଦିବସର କାର୍ଯ୍ୟକ୍ରମ ପତଞ୍ଜଳି ଯୋଗ ପରିବାର ସହଯୋଗରେ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଏଥି ନିମନ୍ତେ ଜୁନ ୨୧ ସକାଳ ୫ଟାରୁ ୮ଟା ପର୍ଯ୍ୟନ୍ତ ବିଶାଳ ଯୋଗ ଶିବିର ସହରର ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ହେବ। ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାରୁ ଜନସାଧାରଣ ଏହି ଶିବିରରେ ଯୋଗାଭ୍ୟାସ କରିବେ। ଏଥିରେ ସ୍ଥାନୀୟ ସାଂସଦ ଓ ବିଧାୟକମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କର୍ମକର୍ତ୍ତାମାନେ କହିଥିଲେ।

## ହଜ୍ ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୦୬ (ନି.ପ୍ର): ଶାନ୍ତି ଓ ଭାଇଚାରା ପାଇଁ ଓଡ଼ିଶା ପ୍ରସିଦ୍ଧ । ବିଭିନ୍ନ କମ୍ୟୁନିଟି ମଧ୍ୟରେ ସଦ୍‌ଭାବ ପାଇଁ ଓଡ଼ିଶା ସାରା ଦେଶ ପାଇଁ ଆଦର୍ଶ । ଆଜି ସ୍ଥାନୀୟ ଜୟଦେବ ଭବନଠାରେ ହଜ୍ ଯାତ୍ରାରେ ଯାଉଥିବା ହାଜି ଭାଇଭଉଣୀମାନଙ୍କୁ ଭିଡ଼ିଓ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ଏହି ଅବସରରେ ହଜ୍ ଯାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହଜ୍ ରେ ମକ୍କା-ମଦିନା ଯିବା ସବୁ ମୁସଲମାନ ଭାଇଭଉଣୀଙ୍କ ପବିତ୍ର ସ୍ୱପ୍ନ । ଆଜି ସେମାନଙ୍କର ସେ ସ୍ୱପ୍ନ ପୂରଣ ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ସବୁ ବର୍ଗର କଲ୍ୟାଣରେ ବିଶ୍ୱାସ କରୁ। ସବୁ ବର୍ଗର କଲ୍ୟାଣ ହିଁ ପ୍ରକୃତ ବିକାଶ। ଓଡ଼ିଶାର ସଂଖ୍ୟାଲଘୁ ଭାଇଭଉଣୀମାନଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଲେ ଯେ ସଂଖ୍ୟାଲଘୁମାନଙ୍କ ବିଭିନ୍ନ କାମକୁ ଗୋଟିଏ ବିଭାଗ ଅଧୀନରେ ରଖାଯାଇଛି। ସମସ୍ତେ ମିଶି ଓଡ଼ିଶାର ସମୃଦ୍ଧି, ଓଡ଼ିଶାର ଗୌରବ ପାଇଁ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ରାଜ୍ୟ ହଜ୍ କମିଟି ଜରିଆରେ ୩୮୮ ଜଣ ଯାତ୍ରୀ ହଜ୍ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୨୪ ଜଣ ପୁରୁଷ ଓ ୧୬୪ ଜଣ ମହିଳା ହଜ୍ ଯାତ୍ରୀ ଅଟନ୍ତି। ସେମାନଙ୍କ ମଧ୍ୟରେ ସରକାରଙ୍କ ତରଫରୁ ହଜ୍ ଯାତ୍ରୀଙ୍କ ସୁବିଧା ନିମନ୍ତେ ଖାଦିମ୍-ଉଲ୍-ହୁଜ୍ଜାଜ୍ ଭାବେ ଯାଉଥିବା ୩ ଜଣ ସରକାରୀ କର୍ମଚାରୀ ମଧ୍ୟ ଅନ୍ତର୍ଭୁକ୍ତ।

## କେଆର ଫାଉଣ୍ଡେସନ୍ ପକ୍ଷରୁ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ



ବସ୍ତା, ୧୧/୦୬ (ନି.ପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ ଅମର୍ଦାରୋଡ ନଟାକଟା ପଞ୍ଚାୟତ ଅନ୍ତର୍ଗତ ବଡଚାରିଗାଁ ଗ୍ରାମର ୧୬ଜଣ ଗ୍ରାମବାସୀ କୁ ନେଇ ଏକ ନୂତନ ଗଠିତ 'ସ୍ୱେଚ୍ଛାସେବୀ ସଂଗଠନ କେୟାର ଫାଉଣ୍ଡେସନ'ର ଉଦ୍ଘାଟନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ କୁମାର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଗ୍ରାମରେ ସଫେଇ, ଆଲୋକ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ବୃକ୍ଷ ରୋପଣ ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ କରାଯିବ ବୋଲି ପୂର୍ବ ହୋଇଥିବା ବୈଠକରେ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ତେବେ ଆଜି ପ୍ରଥମ ପର୍ଯ୍ୟାୟରେ ବଡଚାରିଗାଁ ଗ୍ରାମର ଶିବ ମନ୍ଦିର ଠାରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଡ୍ରେନରୁ ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା । ତେବେ ଆଗାମୀ ଦିନରେ ଏହି ଭଳି ସଫେଇ କାର୍ଯ୍ୟ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲୁରହିବ ବୋଲି କମିଟି ପକ୍ଷରୁ ଗଣେଶ ଚନ୍ଦ୍ର ଦାସ, ରାଧାଗୋବିନ୍ଦ ଗିରି,ପବିତ୍ର ସେନାପତି,ଜୀବନ ସେନାପତି, ଅଜିତ ସେନାପତି,ବିଶ୍ୱଜିତ ସେନାପତି,ଚନ୍ଦନ କୁମାର ଦାସ, ରାମକୃଷ୍ଣ ସ୍ୱାଇଁ,ଦୀପକ କୁମାର ପାତ୍ର, ଲିପୁନ କୁମାର ସେନାପତି, ଜ୍ୟୋତିପ୍ରକାଶ ବାରିକ, ସୁଜିତ କୁମାର ସେନାପତି, ଗିରିଜା ଶଙ୍କର ସାହୁ, ଏସ.କେ ୟାକୁ ପ୍ରମୁଖ ପ୍ରକାଶ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ଶମ୍ଭୁନାଥ ସେଠୀ, ୱାର୍ଡ ସଭ୍ୟା ଭାନୁମତି ସେନାପତି, ୱାର୍ଡ ସଭ୍ୟ ଜଟ ନନା, ଗ୍ରାମର ମୁଖିଆ ଶୁଭ୍ରାଂଶୁ ଶେଖର ପଣ୍ଡା, ଗୀତାଞ୍ଜଳି ବେହେରା, ବିଶ୍ୱଜିତ ଦାସ, ହେମନ୍ତ ବାରିକ, ଅକ୍ଷୟ ସ୍ୱାଇଁ, ଦେବାଶିଷ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂପାଦକ କାଶୀନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମବାସୀ ଯୁବକମାନଙ୍କର ଏଭଳି କାର୍ଯ୍ୟକୁ ଭୂଷୀୟ ପ୍ରଶଂସା କରିଥିଲେ।

## ପ୍ରଧାନ ଶିକ୍ଷକଙ୍କ ଠାରୁ ଝାମ୍ପି ନେଲେ ୧ଲକ୍ଷ ୩୬ହଜାର

ଜଳେଶ୍ୱର, ୧୧/୬(ନି.ପ୍ର)): ବାଲେଶ୍ୱର ଜିଲାର ପଶ୍ଚିମବଂଗକୁ ଲାଗି ଉପାନ୍ତ ଜଳେଶ୍ୱର ସହରରେ ଦିନକୁଦିନ ଲୁଟେରାଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଅପରାଧିମାନେ ଅପରାଧ ଘଟାଇ ପଶ୍ଚିମବଂଗକୁ ଖସିଯିବାରେ ସଫଳ ହେଉଛନ୍ତି। ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଏପରି ଘଟଣା ବାରମ୍ବାର ହେଉଥିବାରୁ ପୁଲିସ୍ ପ୍ରତି ଏହା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ ଓଲମରା ପଂଚାୟତର ରାଜନଗର ଗ୍ରାମର ଶ୍ରୀହରୀ ଚରଣ ଦାସ ମାକିଡିଆ ୟୁଜିୟୁପି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଭାବେ ଚାକିରୀ କରନ୍ତି । ଶୁକ୍ରବାର ମଧ୍ୟାହ୍ନରେ ଏକ ବାଇକ୍ ଓ ଗହଣା କିଣିବାଲାଗି ଜଳେଶ୍ୱର ଏସ୍‌ବିଆଇ ବ୍ୟାଙ୍କକୁ ଆସି ୧ଲକ୍ଷ ୩୬ହଜାର ଟଙ୍କା ନିଜ ପାସ୍‌ବୁକ୍‌ରୁ ଉଠାଇଥିଲେ। ପରେ ନିଜ ସ୍କୁଟିରେ ବିଇଓ ଅଫିସ୍‌କୁ ଗଲାବେଳେ ଡାକବଂଗଳା ନିକଟରେ ପଛପଟୁ ଏକ କଳା ରଂଗର ବାଇକ୍‌ରେ ୨ଜଣ ଯୁବକ ଆସି ତାଙ୍କଠାରୁ ବ୍ୟାଗ୍‌ଟି ଝାମ୍ପି ନେଇ ଦ୍ରୁତ ଗତିରେ ପଶ୍ଚିମବଂଗ ଆଡକୁ ପଳାଇ ଯାଇଥିଲେ। ତାଙ୍କ ବ୍ୟାଗ୍‌ରେ ନିଜ ପାସ୍‌ବହି, ବିଦ୍ୟାଳୟର ଏସ୍‌ଏସ୍‌ଏ ଫଣ୍ଡ ପାସ୍‌ବହି, ୟୁସି କପି, ସ୍କୁଲ ଷ୍ଟାମ୍ପ, ପ୍ରଧାନଶିକ୍ଷକଙ୍କ ଷ୍ଟାମ୍ପ ଓ କିଛି ବିଦ୍ୟାଳୟର ଭାଉଚ ଇତ୍ୟାଦି ଥିବା ସେ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ଝାମ୍ପିନେଇଥିବା କଳା ରଂଗର ପତଳା ଯୁବକ ନିଳ ରଂଗର ପୁରହାତ ଜାମା ପିନ୍ଧିଥିବା ଶ୍ରୀ ଦାସ କହିଛନ୍ତି । ସୂଚନାଯୋଗ୍ୟ ଉକ୍ତ ସ୍ଥାନରେ ବାରମ୍ବାର ଛିନ୍‌ତାଇ ହେବା ସହିତ କିଛିଦିନ ପୂର୍ବରୁ ଦିବାଲୋକରେ ୨ଜଣ ବାବା ବେଶରେ ଜଣେ ସ୍ଥାନୀୟ ମହିଳାଙ୍କ ଠାରୁ ସୁନାଗହଣା ଓ ହୀରାମୁଦି ଲୁଟିନେଇଥିଲେ ମଧ୍ୟ ଅଦ୍ୟାବଧି ଅପରାଧିଙ୍କୁ ଠାବ ହୋଇପାରିନାହିଁ । ସେହି ସ୍ଥାନରୁ ପଶ୍ଚିମବଂଗର କିଛି ଅପରାଧି ବୋମା ଫୁଟାଇ ଗହଣା ଦୋକାନରୁ ଲୁଟ କରିଥିଲେ ମଧ୍ୟ ଅଦ୍ୟାବଧି ସେହି ରାକେଟ୍‌କୁ ଠାବ କରାଯାଇପାରିଲା ନାହିଁ । ତିନିଦିନ ତଳେ ଜାତୀୟ ରାଜପଥ ୬୦ର ଚାଲନ୍ତି ନିକଟରେ ଏକ ପିକ୍‌ଅପ୍‌କୁ ଅଟକାଇ କିଛି ଦୁର୍ବୃତ୍ତ ଟଙ୍କା ଲୁଟ କରିଥିଲେ ମଧ୍ୟ ପୁଲିସ୍ ହାତବାନ୍ଧି ବସିଛି । ନୂଆବଜାର ଛକ ନିକଟରୁ ଏକ ବ୍ୟାଙ୍କ ଡକାୟତି ହୋଇଥିଲେ ମଧ୍ୟ ପୁଲିସ୍ ଏଯାଏ କୌଣସି ଟେର ପାଇପାରି ନାହିଁ । ବହୁଚର୍ଚ୍ଚିତ ଡାକବଂଗଳରେ ମହିଳାଙ୍କୁ ହତ୍ୟା ଘଟଣାର ଏପର୍ଯ୍ୟନ୍ତ ପର୍ଦ୍ଦାଫାସ ନ ହେବା ପୁଲିସ୍‌କୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଲୁଟେରାମାନେ ଜଳେଶ୍ୱର ରେଳ ଷ୍ଟେସନରୁ ଛିନ୍‌ତାୟୀ କରି ପଶ୍ଚିମବଂଗକୁ ଖସିଯିବା, ବିଭିନ୍ନ ସ୍ଥାନରୁ ମୋବାଇଲ ଛିନ୍‌ତାଇ ଓ ପକେଟ ମାର ହେଉଥିବାରୁ ଜଳେଶ୍ୱରବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ତେଣୁ ସହରରେ ବ୍ରାଉନ୍‌ସୁଗର ଓ ନିଶା କାରବାରର ମୂଳଉତ୍ପାଟନ ହୋଇପାରୁନଥିବାରୁ ଏଠାରେ ଜଣେ ଦକ୍ଷ ପୁଲିସ୍ ଅଫିସର ନିଯୁକ୍ତିକୁ ପ୍ରାଧାନ୍ୟ ଦେବାକୁ ସାଧାରଣରେ ଦାବି ହେଉଛି ।

## 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର'କୁ ବାଲେଶ୍ୱରରେ ସ୍ୱାଗତ

ବାଲେଶ୍ୱର,୧୧/୦୬ (ନି.ପ୍ର): ଶିଶୁମାନଙ୍କୁ ପୁସ୍ତକ ମନସ୍କ କରିବା ଉଦ୍ଦେଶ୍ୟରେ ବରଗଡର ଡ. ରବିନାରାୟଣ ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ 'ଶିଶୁଶ୍ରୀ ପାଠାଗାର' ପକ୍ଷରୁ ଆରମ୍ଭ ହୋଇଛି 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର'। ଜୁନ ୮ତାରିଖରୁ ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହୋଇଥିବା ଏହି ଭ୍ରାମ୍ୟମାଣ ପାଠାଗାରକୁ ବାଲେଶ୍ୱରରେ ସ୍ୱାଗତ କରାଯାଇଛି। ଅରଡ଼ବଜାର ସ୍ଥିତ ଡ୍ରିମସ ଆଇଡିଆଲ୍ ରେସିଡେନ୍ସିଆଲ ସ୍କୁଲ ପକ୍ଷରୁ ଏହି ପାଠାଗାର ଓ ଏହାର ପ୍ରତିଷ୍ଠାତା ଡ. ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଡ. ସାହୁଙ୍କ ଅଭିନବ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ପିଲାମାନେ ପାଠ୍ୟ ପୁସ୍ତକ ପରିବର୍ତ୍ତେ ଇ-ପୁସ୍ତକ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ବେଳେ ଏହି ଭଳି ପାଠାଗାର ସେମାନଙ୍କ ପାଇଁ ବେଶ ଉପାଦେୟ ସାବ୍ୟସ୍ତ ହେବ ବୋଲି ଏଡିଏମ ଶ୍ରୀ ମହାପାତ୍ର ଆଶା ପ୍ରକାଶ କରିଥିଲେ। କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟ ସ୍ତରରେ ସୃଜନଶୀଳତା ବିକାଶ ପାଇଁ ପାଠାଗାରର ଆବଶ୍ୟକତା ରହିଥିବା ବେଳେ 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ବିକଳ୍ପ ହୋଇପାରିଛି ବୋଲି କହିଥିଲେ। ପାଠାଗାରର ପ୍ରତିଷ୍ଠାତା ଡ ସାହୁ ଏଥିରେ ଯୋଗଦେଇ ଭ୍ରାମ୍ୟମାଣ ପାଠାଗାରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସାମ୍ପ୍ରତିକ ମୋବାଇଲ ଯୁଗରେ ପିଲାମାନେ ପାଠାଗାର ଠାରୁ ଦୂରେଇ ଯାଉଥିବା ବେଳେ ସେମାନଙ୍କୁ ପୁସ୍ତକ ମନସ୍କ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଥିବା ସେ କହିଥିଲେ। ଡ୍ରିମ୍ସ ଆଇଡିଆଲ୍ ରେସିଡେନ୍ସିଆଲ୍ ସ୍କୁଲର ପ୍ରତିଷ୍ଠାତା ଗଙ୍ଗାଧର ଦାସଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ ଭାବଗ୍ରାହୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବିଜୁଳି ଖୁଣ୍ଟରେ ଚଢ଼ି ମରାମତି କାର୍ଯ୍ୟ କରୁଥିବା ସମୟରେ ବିଦ୍ୟୁତ ଆଘାତ ଯୋଗୁଁ ଶ୍ରମିକଙ୍କ ମୃତ୍ୟୁ



ବସ୍ତା, ୧୧/୦୬ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତାବ୍ଲକର ସଦାନନ୍ଦପୁର ଗ୍ରାମ ଠାରେ ବିଦ୍ୟୁତ ମରାମତି କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜନୈକ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ବସ୍ତା ବିଦ୍ୟୁତ ଡିଭିଜନ ଅଧୀନସ୍ଥ ଏହି ଗ୍ରାମର ହାଟପଦା ଠାରେ ଫିଡର ଲାଇନର ଏ.ଭି. ସୁଇଚ୍ ଆର୍ଥିଂ କାମ ପୁରୀ ଅଞ୍ଚଳର ଜନୈକ ଠିକାଦାର ନେଇଥିବା ବେଳେ ସେହି ଠିକାଦାର ନିକଟରେ ସିଂଲା ଥାନା ଅନ୍ତର୍ଗତ ପୁଟୁରା ପଞ୍ଚାୟତର କମାରଗଡ଼ିଆ ଗ୍ରାମର ଶିବ ମାନ୍ନା (୨୮) ନାମକ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ଆଘାତ ପାଇ ଖୁଣ୍ଟରୁ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ବସ୍ତା, ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ଖବର ପାଇ ମଧ୍ୟ ବିଦ୍ୟୁତ ବିଭାଗର ଅଧିକାରୀ ସେଠାକୁ ଆସି ନ ଥିବା ଯୋଗୁଁ ସାଧାରଣରେ ଉତ୍ତେଜନା ଦେଖା ଦେଇଥିଲା। ମରାମତି କାର୍ଯ୍ୟ ପାଇଁ ଫିଡରରୁ ଲାଇନ ସର୍ଟଡାଉନ ନିଆଯାଇଥିବା ବେଳେ ସେ କିପରି ବିଦ୍ୟୁତ ସଂସ୍ପର୍ଶରେ ଆସିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥି ପୂର୍ବରୁ ମଧ୍ୟ ଖୁଣ୍ଟରେ ଚଢ଼ି ବିଦ୍ୟୁତ କାମ କରୁଥିବା ବେଳେ ଏକାଧିକ ବାର ଦୁର୍ଘଟଣା ଘଟି ୩/୪ଜଣ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ ଫିଡରରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବେପରୁଆ ନୀତି ଯୋଗୁଁ ଏପ୍ରକାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏତଦ୍‌ବ୍ୟତୀତ ଠିକା କର୍ମଚାରୀମାନଙ୍କୁ ବିନା ସୁରକ୍ଷାରେ କାହିଁକ ଏପରି ବିପଦଜନକ କାର୍ଯ୍ୟରେ ନିୟୋଜିତ କରାଯାଉଛି ଓ ବିଭାଗୀୟ କର୍ମଚାରୀଙ୍କ ବ୍ୟତୀତ ଅଣକୁଶଳୀ ଶ୍ରମିକଙ୍କୁ କାହିଁକି ଏପରି କାର୍ଯ୍ୟରେ ନିୟୋଜିତ କରାଯାଉଛି ଏନେଇ ପ୍ରଶ୍ନ କରାଯାଇଛି। ବିଭାଗୀୟ କର୍ମଚାରୀ ଲକ୍ଷାଧିକ ଟଙ୍କା ଦରମା ପାଉଥିବା ନାମକୁ ମାତ୍ର ଦୈନିକ ମଜୁରୀ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ବିପଦଜନକ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଯୋଗୁଁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ସରକାର ତୁରନ୍ତ ମୃତ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ସମେତ ଏପ୍ରକାର ବେଆଇନ କାର୍ଯ୍ୟ ବନ୍ଦ କରିବା ସହିତ ଦୋଷୀ କର୍ମଚାରୀ ଓ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବାର ଆଶଙ୍କା ରହିଛି।

## ବାଲେଶ୍ୱର ବନ୍ଦକୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସମର୍ଥନ

ବାଲେଶ୍ୱର,୧୧/୦୬ (ନି.ପ୍ର): ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବିଭିନ୍ନ ଗଣସଂଗଠନ ଓ ରାଜନୈତିକ ଦଳମାନଙ୍କ ପକ୍ଷରୁ ଆସନ୍ତା ୧୬ ତାରିଖର ହେବାକୁ ଯାଉଥିବା ୧୨ଘଣ୍ଟିଆ 'ବାଲେଶ୍ୱର ବନ୍ଦ' ଆହ୍ୱାନକୁ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ସମର୍ଥନ ଜଣାଇଛି। ଏନେଇ କମିଟିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାବାସୀଙ୍କ ସ୍ୱାର୍ଥରକ୍ଷାକୁ ଦୃଷ୍ଟିରେ ରଖି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସାଙ୍ଗକୁ ସ୍ୱାସ୍ଥ୍ୟ ସେବାରେ ଚରମ ଅବହେଳା ପ୍ରତିବାଦରେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ବାଲେଶ୍ୱର ବନ୍ଦକୁ ସମର୍ଥନ ପାଇଁ ଏହି ବୈଠକରେ ସମସ୍ତେ ମତ ଦେଇଥିଲେ। କମିଟିର ସଭାନେତ୍ରୀ ମମତା ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ନିରଞ୍ଜନ ରାଉତ, ପ୍ରଭାକର ସାହୁ, ଯଶୋଦାନନ୍ଦନ ଆସ, ପ୍ରଫୁଲ୍ଲ ଦାସ, ସୀତାରାମ ପ୍ରଧାନ, ଶଶାଙ୍କ ଦତ୍ତ, ଡ. କ୍ଷୀତିଶ୍ୱର ଦାସ,ବିଭୂତି ମହାପାତ୍ର, ଯୋଗେନ୍ଦ୍ର ମାହାର୍ଣ୍ଣା, ଯୋଗେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ ତ୍ରିପାଠୀ, ଡା. ତାରାକାନ୍ତ ନନ୍ଦ, ଗୌରାଙ୍ଗ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ଜେନା, ଶଚୀନ୍ଦ୍ର ଦାସ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେକ୍ କରିମ୍‌ଉଦ୍ଦିନ୍ ଧନ୍ୟବାଦ ଦେଇଥିଲେ।

## ସୁରକ୍ଷା ନର୍ସିଂ ହୋମର ଭ୍ରୁଣ ଲିଙ୍ଗ ନିରୂପଣ ମେସିନ୍‌କୁ ସିଲ କଲା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ



ଜଳେଶ୍ୱର, ୧୧/୬(ନି.ପ୍ର) : ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ । କେବଳ ମା ପେଟରେ ବଢୁଥିବା ଶିଶୁର କୌଣସି ଅସ୍ୱାଭିକ ପରିସ୍ଥିତି ସଂର୍ପକରେ ଜାଣିବାଲାଗି ଜନ୍ମପୂର୍ବ ନିଦାନ ପୂର୍ବକ ଅଲଟ୍ରାସାଉଣ୍ଡ ମେସିନ୍ ବ୍ୟବହାର କରାଯାଇଥାଏ । ସରକାରୀଙ୍କ ଲିଙ୍ଗ ନିରୂପଣ ଆଇନ୍ ୧୯୯୪ ଅନୁଯାୟୀ ଗର୍ଭସ୍ଥ ଶିଶୁର ଲିଙ୍ଗ ଜାଣିବା ଲାଗି ପ୍ରସୂତୀଙ୍କୁ ପ୍ରବର୍ତ୍ତାଉଥିବା ଡାକ୍ତର କିମ୍ବା ରେଡିଓଲୋଜି ବିଶେଷଜ୍ଞଙ୍କୁ ୫ବର୍ଷ କାରାଦଣ୍ଡ କିମ୍ବା ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଥିବା ବେଳେ କେତେକ ସ୍ଥାନରେ ମୋଟା ଅଂକରେ ଅର୍ଥ ନେଇ ଲୁଚାଛପାରେ ଏଭଳି କାର୍ଯ୍ୟ ହୋଇ ଆସୁଛି । ଅଲ୍ଟ୍ରାସାଉଣ୍ଡ ମେସିନ୍ ବ୍ୟବହାର କରୁଥିବା କ୍ଲିନିକ୍ କିମ୍ବା ନର୍ସିଂହୋମ ଗୁଡିକ ଆବଶ୍ୟକ ପ୍ରମାଣପତ୍ର ହାସଲ ସହିତ ପ୍ରବେଶ ପଥରେ ବଡବଡ ଅକ୍ଷରରେ 'ଏଠାରେ କୌଣସି ଲିଙ୍ଗ ନିରୂପଣ କରାଯାଏ ନାହିଁ ' ବୋଲି ଲେଖା ଯିବା ନିୟମ ରହିଛି । ମାତ୍ର ଏସବୁକୁ ଫୁ କରି ବିନା ଲାଇସେନ୍ସରେ କେତେକ ଘରୋଇ ଚିକିତ୍ସାଳୟ ଖୁଲମଖୁଲା ଅଟ୍ରାସାଉଣ୍ଡ ମେସିନ୍ ଚଳାଇଆସୁଥିବା ଜଣାଯାଇଛି । ଜଳେଶ୍ୱର ପୁରୁଣା କୋର୍ଟ ବଜାରସ୍ଥିତ ସୁରକ୍ଷା ନର୍ସିଂହୋମରେ ଥିବା ରୋଡିଲୋଜି ବିଭାଗରେ ଥିବା ବେଆଇନ୍ ଅଟ୍ରାସାଉଣ୍ଡ ମେସିନ୍‌କୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଲ କରାଯାଇଛି । ତିନି ମହଲା ବିଶିଷ୍ଟ ଉକ୍ତ ନିର୍ସିଂ ହୋମରେ ଅଗ୍ନିନିରାପତ୍ତା ସିଟିଫିକେଟ ନ ଥିବା ବେଳେ ପ୍ରଶାସନର ନିଶତଳେ ଏହା ଖୁଲମ୍‌ଖୁଲା କିପରି ଚାଲୁ ରହିଛି ବୋଲି କେତେକ ବୁଦ୍ଧିଜିବୀ ପ୍ରଶ୍ନ କରିଛନ୍ତି । ପୂର୍ବରୁ ଏହି ଘରୋଇ ଚିକିତ୍ସାଳୟ ତ୍ରୁଟିପୂର୍ଣ୍ଣ ରୋଗୀସେବା ନେଇ ବିବାଦୀୟ ହୋଇଥିଲେ । ସେଠାରେ କେତେକ ରୋଗୀ ରହିଥିବାରୁ ପୁରା ନର୍ସିଂହୋମ୍‌କୁ ବନ୍ଦ ନ କରି କେବଳ ଅଟ୍ରାସାଉଣ୍ଡ ମେସିନ୍ ସିଲ କରାଯାଇଥିବା ଜଣାଯାଇଛି । ଗୁରୁବାର ଅପରାହ୍ନରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିଏମ୍ ଡା. ଶଶାଙ୍କ ଶେଖର ଚୌଧୁରୀ, ଏଲ୍.ଆଇ.ଇ.ଏସ୍ ମାନସ ରଂଜନ ବିଶ୍ୱାଳ, ଡିପିଏମ୍ (ଏନ୍.ଏଚ୍.ଏମ୍) ଅନିଲ କୁମାର ମହାନ୍ତି, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ସିଡିପିଓ ନିହାରିକା ମହାନ୍ତି, ଆଇଆଇସି ରୋଜାଲିନ୍ ବେହେରା, ସୁପରଭାଇଜର ସୁଭେନ୍ଦୁ ସାହୁ, ଆର୍‌ଆଇ ଦିଲ୍ଲିପ ଚନ୍ଦ ପ୍ରମୁଖ ଏହି ଚଢାଉରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଉକ୍ତ ନର୍ସିଂହୋମ୍ ଠାରୁ ମାତ୍ର ୧୦୦ ମିଟର ଦୂର ଜିକେଭଟ୍ଟର ହସ୍‌ପିଟାଲରେ ଅଟ୍ରାସାଉଣ୍ଡ ମେସିନ୍ କାର୍ଯ୍ୟକ୍ଷମ ରହିଛି ।

## କୁଣ୍ଡାବାଇ ହେବ ଇ -ପଞ୍ଚାୟତ



ଉଦଳା, ୧୧/୦୬ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଜୁନ ୧୧ ତାରିଖ ଶନିବାର ଦିନ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର ନେତୃତ୍ୱରେ ଏବଂ ସ୍ଥାନୀ ୟସରପଞ୍ଚ ପୁଷ୍ପଲତା ମହାଲିଙ୍କ ଅଧ୍ୟକ୍ଷତାରେ ସାମାଜିକ ଗଣମାଧ୍ୟମ ଓ –ଇ- ପଞ୍ଚାୟତ ଗଠନର ଆବଶ୍ୟକତା ସମ୍ପର୍କରେ ଏକ ଆଲୋଚନାଚକ୍ର ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ ସମସ୍ତଙ୍କର ପରିଚୟ ପ୍ରଦାନ କରିବା ସହିତ ସାମାଜିକ ଗଣମାଧ୍ୟମର ବ୍ୟବହାର କିପରି ଆଜି ଜରୁରୀ ହୋଇ ପଡ଼ିଛି ବିସ୍ତୃତ ବର୍ଣ୍ଣନା କରିଥିଲେ। ପ୍ରଶିକ୍ଷକ ଭାବରେ ସନ୍ତୋଷ ଭାଇ ଓ ଅଭିଶେକ ଭାଇ ଟୁଇଟର ଆକାଉଣ୍ଟ ଖୋଲିବା ଏବଂ ଟୁଇଟର ମାଧ୍ୟମରେ ଆମ ଅଞ୍ଚଳର ସମସ୍ୟାକୁ କିପରି ଅଧିକାରୀଙ୍କୁ ଜଣାଇପାରିବା ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଏଥିରେ ୧ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଇଂ. ସୁଶାନ୍ତି ସିଂ, ନାଏବ ସରପଞ୍ଚ ସସ୍ମିତା ସିଂ, ସମିତି ସଦସ୍ୟା ମାଳତୀ ଟୁଡୁ, ୱାର୍ଡ଼ ମେମ୍ବର ସୁରେନ୍ଦ୍ର ସିଂ, ଭଜାଏ ମୁର୍ମୁ, ବିନୋଦ କୁମାର ସିଂଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମଞ୍ଚର କର୍ମୀ ରାମଚନ୍ଦ୍ର ସିଂ, ରୂପାଏ ବାସ୍କେ, ଗୌତମ ମହାପାତ୍ର, ଲାଲମୋହନ ବିନ୍ଧାଣୀ ସହଯୋଗ କରିଥିଲେ । ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ କଷାଫଳରେ ଆର୍ଥିକ ସାକ୍ଷରତା

ବାଲେଶ୍ୱର,୧୧/୦୬ (ନି.ପ୍ର): ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କଷାଫଳ ଶାଖା ପକ୍ଷରୁ ଏକ ଆର୍ଥିକ ସାକ୍ଷରତା ଶିବିର ସ୍ଥାନୀୟ ଗ୍ରାମ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି। ଗ୍ରାମ୍ୟବ୍ୟାଙ୍କ ବାଲେଶ୍ୱର ଆଞ୍ଚଳିକ ପ୍ରବନ୍ଧକ ଅତୁଳ କୁମାର ମହାନ୍ତି, ଭୁବନେଶ୍ୱର କାର୍ଯ୍ୟାଳୟ ଋଣ ବିଭାଗ ମୁଖ୍ୟ ଶ୍ରୀକାନ୍ତ ଦାସ, କଷାଫଳ ଗ୍ରାମ୍ୟବ୍ୟାଙ୍କ ପରିଚାଳକ ଅଜୟ କୁମାର ସେଠୀ ପ୍ରମୁଖ ଏଥିରେ ଯୋଗଦେଇ ଆର୍ଥିକ ସାକ୍ଷରତା ଶିବିରର ଆଭିମୁଖ୍ୟ ଓ ବ୍ୟାଙ୍କସେବାର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବଶେଷ କରି ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏକାଧିକ ସରକାରୀ ଯୋଜନାର ସଫଳ ରୂପାୟନରେ ବ୍ୟାଙ୍କର ସଫଳ କାର୍ଯ୍ୟଧାରା ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ଜୀବନ ଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନା, ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନେଇ ଏସଏଚଜିଙ୍କୁ ଋଣ ପ୍ରଦାନ, ଧାର୍ଯ୍ୟ ସମୟରେ ଋଣ ପରିଶୋଧରୁ ମିଳୁଥିବା ସୁବିଧା ସୁଯୋଗ, ଅନାଦେୟ ଋଣ ଏକକାଳୀନ ପରିଶୋଧ ପ୍ରଭୃତି ବିଷୟ ଉପରେ ସେମାନେ କହିଥିଲେ। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କଷାଫଳ ଅଞ୍ଚଳର କମଳିନୀ ବେହେରାଙ୍କ ପରିବାରକୁ ଏହି ଅବସରରେ ୨ଲକ୍ଷ ଟଙ୍କାର ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି ପ୍ରଦାନ କରାଯାଇଥିଲା।

**AFFIDAVIT**

By virtue of of an affidavit before the Notary Public, Udala, Mayurbhanj. I Sri Harish Chandra Shaw, aged about 54 years, S/o Late Goura Mohan Shaw Resident of at/po.- Alasuan, Ps- Khantapada, Dist- Balasore, Odisha do hereby solemonly affirm date. I changed my daughter's name Sushree Manisha Priyadarshanee Shaw from Manisha Priyadarshni. Which was mentioned in the time of discharge book vide it's Sl. No. 258/2012. Henceforth She will be treated as Sushree manisha Priyadarshanee Shaw.

**Harish Chandra Shaw**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo